R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୬୫
ତିଥି: ପୂର୍ଣ୍ଣିମା
୩୦ ଜୁନ୍ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 265
30 June 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ସ୍ନାନମଣ୍ଡପରେ ଶ୍ରୀଜୀଉ

# ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ

ପୁରୀ, ୨୯ ।୬ (ସବ୍ୟୁ) : ଆଷାଢ ମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥି ତଥା ଦେବ ସ୍ନାନପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ପବିତ୍ର ସ୍ନାନ ଯାତ୍ରା ନୀତି ଅନୁଷ୍ଠିତ ହୋଇଯାଇଛି । ୧୦୮ ଗଡ୍ଡୁ ଅଭିମନ୍ତ୍ରିତ ସୁବାସିତ ଜଳରେ ବିଗ୍ରହମାନେ ସ୍ନାନମଣ୍ଡପରେ ସ୍ନାନ କରିଛନ୍ତି । ସ୍ନାନ ପରେ ଗଜାନନ ଚାତକ ନୟନରେ ଚାହିଁ ରହିଥିଲେ । ଅପରାହ୍ନରେ ବିଗ୍ରହମାନେ ଭକ୍ତମାନଙ୍କୁ ହାତୀ ବେଶରେ ଦର୍ଶନ ଦେଇଛନ୍ତି । ବିଗ୍ରହ ମାନଙ୍କୁ ହାତୀ ବେଶ ଦର୍ଶନ କରି ଭକ୍ତମାନେ ଆନନ୍ଦ ଲାଭ କରିଛନ୍ତି । ବିଗ୍ରହ ମାନଙ୍କର ହାତୀ ବେଶ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରରେ ଆଜି ପାଞ୍ଚ ଲକ୍ଷ୍ୟରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଭିଡ ଦେଖିବାକୁ

- ଶ୍ରୀକ୍ଷେତ୍ରରେ ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ
- ୧୦୮ କଳସରେ ମହାପ୍ରଭୁଙ୍କ ମହାଅଭିଷେକ
- ଆଜିଠୁ ୧୫ ଦିନ ଅନବସରରେ ରହିବେ ମହାପ୍ରଭୁ
- ସ୍ନାନ ପୂର୍ଣ୍ଣିମା ସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଶୁଭାରମ୍ଭ
- ଶ୍ରୀଜୀଉଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

ବେଶରେ ଚତୁର୍ଦ୍ଧା ମୁରତୀ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ସ୍ନାନପୂର୍ଣ୍ଣିମା ଅବସରରେ ଶ୍ରୀକ୍ଷେତ୍ର ଆଜି ଲୋକାରଣ୍ୟ ହୋଇଛି । ଶ୍ରଦ୍ଧାଳୁମାନେ ବଡଦାଣ୍ଡରେ ଠିଆ ହୋଇ ଶ୍ରୀଜୀଉମାନଙ୍କର ଦର୍ଶନ କରିଛନ୍ତି ।

ପ୍ରବଳ ରୌଦ୍ରତାପ ସତ୍ତ୍ୱେ ବିଗ୍ରହ ମାନଙ୍କର ସ୍ନାନ ଯାତ୍ରା ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଭକ୍ତମାନେ ମିଳିଥିଲା । ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ନାନ ଯାତ୍ରା ପାଇଁ ଚୂଡାନ୍ତ ହୋଇ ଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ଦ୍ୱାର ଫିଟା ନୀତି ଓ ଅନ୍ୟାନ୍ୟ ନୀତି କାନ୍ତି ଅନୁଷ୍ଠିତ ହୋଇ ଥିଲା । ଚୂଡାନ୍ତ ହୋଇ ଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ମଙ୍ଗଳାର୍ପଣ, ଡୋରଲାଗି ଓ ପୁଷ୍ପାଞ୍ଜଳି ପରେ ଭୋର ୫ ଟା ୧୫ ମିନିଟରେ ବିଗ୍ରହମାନ ଙ୍କର ପହଣ୍ଡି ନୀତି ଅନୁଶ୍ଠିତ ହୋଇ ସକାଳ ୭ଟା



୨୦ ମିନିଟରେ ଶେଷ ହୋଇ ଥିଲା । ଦଇତାପତିମାନେ ସେବକମାନେ ଶ୍ରୀଜୀଉମାନଙ୍କୁ ଘଣ୍ଟ ଘଣ୍ଟା ଓ ମର୍ଦ୍ଦଳ ବାଦରେ ପହଣ୍ଡି ବିଜେ କରି ଥିଲେ ।

ବିଗ୍ରହମାନେ ଧାଡି ପହଣ୍ଡିରେ ରତ୍ନ ସିଂହାସନ ରୁ ସ୍ନାନ ବେଦୀକୁ ବିଜେ କରି ଥିଲେ । ଘଣ୍ଟୁଆଙ୍କର ଘଣ୍ଟ ଘଣ୍ଟା ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶ୍ରୀମନ୍ଦିର ଓ ଏହାର ଚତୁଃପାର୍ଶ୍ୱ । ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇ ଥିଲା ଏକ ଆଧାତ୍ମିକ ବାତାବରଣ ଓ ପରିବେଶ । ସ୍ନାନମଣ୍ଡପରେ ଅଧିଷ୍ଠିତ ବିଗ୍ରହମାନଙ୍କର ବିଭିନ୍ନ ନୀତି କାନ୍ତି ଅନୁଷ୍ଠିତ ହୋଇଥିଲା । ପରମ୍ପରା ଅନୁସାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସ୍ନାନମଣ୍ଡପରେ ଅଧିଷ୍ଠିତ ବିଗ୍ରହଙ୍କର ଛେରା ପହଁରା ନୀତି ସମ୍ପାଦନ କରି ଥିଲେ । ଛେରା ପହଁରା ପରେ ବିଗ୍ରହଙ୍କର ଦୁର୍ଲଭ ହାତୀ ବେଶ ଅନୁଷ୍ଠିତ ହୋଇ ଥିଲା । ବିଗ୍ରହଙ୍କର ହାତୀ ବେଶ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ କରିବା ପାଇଁ ସର୍ବ ସାଧାରଣ ଦର୍ଶନ ପାଇଁ ସାହାଣ ମେଲା ଅନୁଷ୍ଠିତ ହୋଇ ଥିଲା ।

ଶ୍ରୀମନ୍ଦିର ଆସ୍ଥା, ପରମ୍ପରା ଓ ସନାତନ ସଂସ୍କୃତିର ଅନ୍ୟତମ ମହାନ ପର୍ବ ହେଉଛି ଦେବ ସ୍ନାନ ପୂର୍ଣ୍ଣିମା । ସୋମବାର ଶ୍ରୀକ୍ଷେତ୍ର ପୁରୀରେ ବୈଦିକ ରୀତିନୀତି ଅନୁଯାୟୀ ପାଳନ କରାଯାଇଥିଲା । ଏହି ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା, ଶ୍ରୀସୁଦର୍ଶନ ଓ ଶ୍ରୀମଦନମୋହନଙ୍କୁ ଗର୍ଭଗୃହରୁ ବାହାରକୁ ଆଣି ସ୍ନାନବେଦୀରେ ୧୦୮ ଟି ପବିତ୍ର କଳସର ଜଳରେ ମହାଅଭିଷେକ କରାଯାଇଥିଲା ଏହି ଅନୁଷ୍ଠାନ ସହିତ ବିଶ୍ୱବିଖ୍ୟାତ ରଥଯାତ୍ରାର ଔପଚାରିକ ଶୁଭାରମ୍ଭ ହୋଇଥାଏ ।

ସ୍ନାନ ପୂର୍ଣ୍ଣିମା ବର୍ଷର ଏକମାତ୍ର ଦିନ, ଯେଉଁଦିନ ମହାପ୍ରଭୁ (୯ ପୃଷ୍ଠାରେ)

## କାର-ବାଇକ ମୁହାଁମୁହିଁ : ୨ ମୃତ

ଯୋଡ଼ା, ୨୯ ।୬ (ସବ୍ୟୁ): କେନ୍ଦୁଝର ଜିଲା ବାରିଆ ଥାନା ଅନ୍ତର୍ଗତ ବାଉଁଶୁଳିଚମ୍ପୁଆ ରାସ୍ତାର ଗିଧିବାସ ଗ୍ରାମ ନିକଟରେ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି । କାର-ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ଅନ୍ୟପଟେ କାରରେ ରହିଥିବା ଜଣେ ମହିଳା ଆହତ ହୋଇଥିବା ବେଳେ ମୃତକଙ୍କ ପରିଚୟ ମିଳିପାରି ନାହିଁ । ଘଟଣା ସ୍ଥଳରେ ବାରିଆ ଥାନା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଆହତଙ୍କୁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଛି । ଚମ୍ପୁଆ ପଟୁ ଏକ କାର (ଓଡ଼ି ୦୨ ସି ଜେ ୧୫୯୦ ) ଆସୁଥିବା ବେଳେ ଉଖୁଣ୍ଡା ପଟୁ ଆସୁଥିବା ଏକ ବାଇକ (ଜେଏଚ ୦୬ ପି/ ୦୫୯୫) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ବାଇକଟି ଛିଟିକି ରାସ୍ତା କଡ଼ ପଡିଆରେ ପଡ଼ିଥିଲା । ଘଟଣାସ୍ଥଳରେହିଁ ଦୁଇ (୯ ପୃଷ୍ଠାରେ)

## ବଜ୍ରପାତରେ ଦୁଇ ମୃତ

ବାଲେଶ୍ୱର, ୨୯ ।୬ (ସବ୍ୟୁ): ବାଲେଶ୍ୱରରେ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇଛି । ଏହି ବଜ୍ରପାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଟାଉନ ଥାନା ଗୋପାଳଗାଁ ଚୂନଭାଟି ଅଞ୍ଚଳର ବଳରାମ ପଲେଇଙ୍କ ସ୍ତ୍ରୀ କନକ ପଲେଇ(୬୫) । ଅନ୍ୟ ଜଣେ ସଦର ଥାନା ମୀର୍ଜାପୁର ଅଞ୍ଚଳର ମଧୁ ମହାନ୍ତି(୬୮) । କନକ ଛାତ ଉପରକୁ ଲୁଗା ଆଣିବା ପାଇଁ ଯାଇଥିବା ବେଳେ ବଜ୍ରପାତରେ ମୃତ୍ୟୁ ହୋଇଥିଲାବେଳେ ମୀର୍ଜାପୁରର ମଧୁ ମହାନ୍ତି ରାସ୍ତାରେ ଯାଉଥିବାବେଳେ ବଜ୍ରପାତରେ ମୃତ୍ୟୁ ହୋଇଥିଲା ।

## ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲା

# ଅଭିଯୁକ୍ତଙ୍କ ପାଇଁ ଲଢ଼ିବେନି ଓକିଲ

ନୂଆଦିଲ୍ଲୀ, ୨୯ ।୬ : ଅଯୋଧ୍ୟା ରାମ ମନ୍ଦିରର ଦାନ ଜୋରି ମାମଲାରେ ୮ ଅଭିଯୁକ୍ତଙ୍କ ସପକ୍ଷରେ କୌଣସି ଓକିଲ ଲଢ଼ିବେ ନାହିଁ । ଫଜିଆବାଦ୍ ବାର୍

### କେସ୍ ଲଢ଼ିଲେ ୫ ଲକ୍ଷ ଜରିମାନା

### ଚମ୍ପତି ରାୟଙ୍କ ସମେତ ୩ ଜଣଙ୍କୁ ଅଯୋଧ୍ୟା ଛାଡ଼ିବାକୁ ଦାବି

ଆସୋସିଏସନ୍ ପକ୍ଷରୁ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯିବା ସହ ରାମ ମନ୍ଦିର ଟ୍ରଷ୍ଟର ପୂର୍ବତନ ମୁଖ୍ୟ ଚମ୍ପତ ରାୟ ଓ ଅନ୍ୟ ସଦସ୍ୟ ଅନିଲ ମିଶ୍ରା, ଗୋପାଳ ରାୟଙ୍କୁ ୩ ଦିନ ମଧ୍ୟରେ ଅଯୋଧ୍ୟା ଛାଡ଼ି ଯିବାକୁ ଦାବି କରିଛନ୍ତି ।



ସୋମବାର ଫଜିଆବାଦ୍ ବାର୍ ଆସୋସିଏସନ୍ ପକ୍ଷରୁ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବ ପାରିତ ହୋଇଛି । ରାମ ମନ୍ଦିର ଦାନ ଚୋରି ଘଟଣାରେ ଗିରଫ ୮ ଅଭିଯୁକ୍ତଙ୍କ ପାଇଁ ବାର୍ ଆସୋସିଏସନ୍‌ର କୌଣସି ସଦସ୍ୟ ଲଢ଼ିବେ ନାହିଁ । ଅଭିଯୁକ୍ତଙ୍କ ପାଇଁ ମାମଲା ଲଢ଼ିଲେ ୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିବ । ଏହି ପ୍ରସ୍ତାବଟି ବାର୍ ଆସୋସିଏସନ୍‌ର (୯ ପୃଷ୍ଠାରେ)

## ଧୀରେ ଧୀରେ ସୁଧୁରିବ ମୌସୁମୀ ବର୍ଷା

ଭୁବନେଶ୍ୱର, ୨୯ ।୬ (ସବ୍ୟୁ): ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ବି ଦୁର୍ବଳ ଓ ଅସମାନ ଅବସ୍ଥାରେ ରହିଛି । ଜୁନରେ ୧୨ରେ ମୌସୁମୀ ବାୟୁ ଓଡ଼ିଶାରେ ପହଞ୍ଚିଥିଲେ ମଧ୍ୟ, ତା'ପରେ ଦେଖାଦେଇଥିବା ଦୁର୍ବଳ ବର୍ଷାକୁ ଭାରତୀୟ ପାଣିପାଗ ନିୟମ ଅନୁସାରେ ବ୍ରେକ ମୌସୁମୀ କୁହାଯାଇପାରିବ ନାହିଁ । ବ୍ରେକ ମୌସୁମୀ ସେତେବେଳେ ହୁଏ, ଯେତେବେଳେ ମୌସୁମୀ ବାୟୁ ପୂର୍ଣ୍ଣ ଭାବେ ସ୍ଥାପିତ ହୋଇସାରିଥାଏ ଏବଂ ସାଧାରଣତଃ ଜୁଲାଇ କିମ୍ବା ଅଗଷ୍ଟ ମାସରେ ମୌସୁମୀ ଅକ୍ଷରେଖା ତାହାର ସାଧାରଣ ସ୍ଥିତିରୁ ଉତ୍ତରକୁ ସରିଯାଇ ବ୍ୟାପକ ବର୍ଷାକୁ ବାଧା ଦିଏ । ଓଡ଼ିଶାରେ ଏପର୍ଯ୍ୟନ୍ତ ମୌସୁମୀ ବର୍ଷା ପୂର୍ଣ୍ଣ ଭାବେ ସ୍ଥାପିତ ହୋଇନଥିବାରୁ, ଏହାକୁ ଦୀର୍ଘସ୍ଥାୟୀ ଦୁର୍ବଳ ମୌସୁମୀ ପର୍ଯ୍ୟାୟ ବୋଲି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ।

ସେପଟେ ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟରେ ଆସନ୍ତା ୧ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବା ବରଗଡ଼, ମୟୁରଭଞ୍ଜ, ସୋନପୁର, ବଲାଙ୍ଗୀର, ରାୟଗଡ଼ା, କୋରାପୁଟ, ଗଜପତି ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହେବା ଯୋଗୁଁ ଅରେଞ୍ଜ ୱାର୍ଣ୍ଣିଂ ଜାରି

### ପଶ୍ଚିମ ଓଡ଼ିଶାକୁ ୨ସପ୍ତାହ ପର୍ଯ୍ୟନ୍ତ ଅପେକ୍ଷା

### ସ୍ଥାୟୀ ମୌସୁମୀ ବର୍ଷା ଲାଗି ପରିସ୍ଥିତି ଏବେ ଅନୁକୂଳ ହୋଇନି

କରାଯାଇଛି । ଫଳରେ ଗରମ ଓ ଗୁଳୁଗୁଳିରେ ବ୍ରେକ ଲାଗିବ । ସୋମବାର ବାଲେଶ୍ୱରରେ ୩୨ ମିଲିମିଟର ବର୍ଷା ହୋଇଥିବା ବେଳେ ପାରାଦୀପରେ ୩୭.୧ ମିମି, କଟକରେ (୯ ପୃଷ୍ଠାରେ)

## ରାୟଗଡ଼ାରେ ଗର୍ଭଧାରଣ ଅଭିଶାପ!

# ଆମ୍ବୁଲାନ୍ସ ନୁହେଁ ଖଟିଆ ହିଁ ଭରସା

ରାୟଗଡା, ୨୯ ।୬ (ସବ୍ୟୁ): ରାୟଗଡ଼ା ଜିଲ୍ଲାର ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ବସବାସ କରୁଥିବା ମହିଳାମାନଙ୍କ ପାଇଁ ଗର୍ଭଧାରଣ ଏବେ ଏକ ଅଭିଶାପରେ ପରିଣତ ହୋଇଛି । ସଡ଼କ ବ୍ୟବସ୍ଥା ନାହିଁ । ଯୋଗାଯୋଗର ଅଭାବ ଗର୍ଭବତୀ ମହିଳାଙ୍କ ପାଇଁ ବଡ଼ ବାଧକ ସାଜିଛି । ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତିର ଅଗ୍ରଗତି ସତ୍ତ୍ୱେ ରାୟଗଡ଼ାର ଅନେକ ଗାଁ ଆଜି ମଧ୍ୟ ମୌଳିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହିଛି । ସମ୍ପ୍ରତି ଏକ ହୃଦୟ ବିଦାରକ ଘଟଣା ଏହି ସମସ୍ୟାର ନିର୍ମମ ଚିତ୍ରକୁ ପୁଣିଥରେ ସାମ୍ନାକୁ ଆଣିଛି । ଚିକିତ୍ସା ପାଇଁ ୧୫ ଦିନ ଧରି ହସ୍ପିଟାଲରେ ରହୁଥିବା ଜଣେ ପ୍ରସୂତି ମହିଳା ଓ ତାଙ୍କର ନବଜାତ ଶିଶୁଙ୍କ ମୃତ୍ୟୁ ପରେ ସେମାନଙ୍କ ମୃତଦେହକୁ ଖଟିଆରେ ବୋହି ଗାଁକୁ ନେବାକୁ ପଡ଼ିଥିଲା ।



ଗତ ୧୪ ବର୍ଷ ଧରି କେନ୍ଦ୍ର ସରକାର ଏବଂ ଗତ ଦୁଇ ବର୍ଷ ଧରି ରାଜ୍ୟ ସରକାର "ପ୍ରତି ଗାଁକୁ ରାସ୍ତା' ଯୋଜନାର କଥା କହୁଥିଲେ ମଧ୍ୟ ରାୟଗଡ଼ାର ଆଭ୍ୟନ୍ତରୀଣ ଅଞ୍ଚଳରେ ସଡ଼କ ନିର୍ମାଣ କାର୍ଯ୍ୟ ଅବହେଳିତ ରହିଥିବାର ଅଭିଯୋଗ ହେଉଛି । ଏହାର ପରିଣାମ ଏବେ ଦୁର୍ଗମ ଅଞ୍ଚଳର ଲୋକମାନେ ଭୋଗୁଛନ୍ତି । ଚଳିତ ବର୍ଷ ଫେବ୍ରୁଆରୀ ମାସରେ ବିଧାନସଭାରେ ଉପସ୍ଥାପିତ ତଥ୍ୟ ଜିଲ୍ଲାର ଦୟନୀୟ ସଡ଼କ ବ୍ୟବସ୍ଥାର ଚିତ୍ରକୁ ସ୍ପଷ୍ଟ କରିଛି । ତଥ୍ୟ ଅନୁସାରେ, କେବଳ ଗୁଡ଼ାରୀ ବ୍ଲକରେ ୧୫ଟି ଗାଁକୁ କଚ୍ଚା ରାସ୍ତା ମଧ୍ୟ ନାହିଁ ଏବଂ ୧୭ଟି ଗାଁ ଏପର୍ଯ୍ୟନ୍ତ ପକ୍କା ରାସ୍ତା ସୁବିଧାରୁ ବଞ୍ଚିତ । ସମଗ୍ର ରାୟଗଡ଼ା ଜିଲ୍ଲାରେ ୧୬୮ଟି ଗାଁ କେବଳ କଚ୍ଚା ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ୨୯୯ଟି ଗାଁକୁ ଆଜି ପର୍ଯ୍ୟନ୍ତ କୌଣସି ପକ୍କା ସଡ଼କ ସଂଯୋଗ (୯ ପୃଷ୍ଠାରେ)

## ଘରେ ପଶି ପୁଅଙ୍କୁ ହତ୍ୟା, ବାପ-ଝିଅ ଗୁରୁତର

ଭୁବନେଶ୍ୱର, ୨୯ ।୬ (ସବ୍ୟୁ) : ଖଣ୍ଡଗିରି ଥାନା ଅଞ୍ଚଳରେ ଘରେ ପଶି ମୁଖାପିନ୍ଧା ଦୁର୍ବୃତ୍ତ ପୁଅକୁ ହତ୍ୟା କରିଥିବା ବେଳେ ପ୍ରତିରୋଧ କରିବାକୁ ଯାଇ ବାପ-ଝିଅ ଗୁରୁତର ଭାବେ ଆହତ ହୋଇ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆ ଛକରେ ଥିବା କସ୍ମୋପଲ୍ଲୀ ଆପାର୍ଟମେଣ୍ଟକୁ ଲାଗି ରହିଛି ଏକ ବିରାଟ ଫାଙ୍କା ପ୍ଲଟ୍ । ପ୍ଲଟ୍ ଗେଟ୍ ପାଖରେ ରହିଛି ଏକ ଆଉଟ୍ ହାଉସ୍ । ସେହି ଆଉଟ୍ ହାଉସ୍‌ରେ ରୁହନ୍ତି ହିଂମାଶୁ ପାଢୀ, ତାଙ୍କ ପୁଅ କୃଷ୍ଣଚନ୍ଦ୍ର ପାଢୀ (୨୦), ଝିଅ ତାପସୀ ପାଢୀ । ବାପା ପୂଜକ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି । ପୁଅ କୃଷ୍ଣ କଲେଜଲେ ପଢୁଥିଲେ । ରବିବାର ରାତି ପ୍ରାୟ ଅଢେଇଟା ବେଳେ ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ କ୍ୟାମ୍ପସ୍ ଭିତରକୁ ପଶିବା ସହ ସେମାନେ ରହୁଥିବା ଘର କବାଟକୁ ପେଲି ଭିତରକୁ ଯାଇଥିଲେ ।

ଘର ଭିତରେ ପ୍ରଥମେ ପୁଅ କୃଷ୍ଣଙ୍କୁ ଲୁହାରଡରେ ଦୁହେଁ ନିସ୍ତୁକ ପିଟିଥିଲେ । ଏହି ସମୟରେ ବାପା ଓ ଭଉଣୀ ପ୍ରତିରୋଧ କରିବାରୁ ତାଙ୍କୁ ମଧ୍ୟ ଲୁହା ପାଇପ୍‌ରେ ବାଡେଇ ଗୁରୁତର କରିଛନ୍ତି । ଦୁଇ ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ହିଂମାଶୁ ରହୁଥିବା ଘର ଜାତୀୟ ରାଜପଥକୁ ଲାଗିଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତିନିଜଣଙ୍କୁ ଏମ୍ସ ହସ୍ପିଟାଲ ନେଇଥିବା ବେଳେ ଡାକ୍ତର କୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ । ବାପା ଓ ଭଉଣୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳ (୯ ପୃଷ୍ଠାରେ)

## ପୋଲିସ ମାଡ଼ରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଖୋର୍ଦ୍ଧା, ୨୯।୬ (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ପୁଲିସ ଅଧିନ ବାଣପୁର ଥାନାରେ ପୁଲିସ ମାଡରେ ଯୁବକଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁସାରେ, ଏକ ବିବାଦୀୟ ମାମଲାରେ ପୁଲିସ ଗତକାଲି ରାତିରେ ଯୁବକଙ୍କୁ ଥାନାକୁ ନେଇଯାଇଥିଲା । ହେପାଜତରେ ରହିବା ବେଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି । ପୁଲିସ ତାଙ୍କ ପୁଅକୁ ଥାନାକୁ ନେଇ ବାରମ୍ବାର ପିଟିବା ଫଳରେ ତାଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ପରିବାର ଲୋକେ ପୁଲିସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଅନ୍ୟପକ୍ଷରେ ପରିବାର ଲୋକଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏସପି ପରମାର ସ୍ମିଥ ପର୍ଶୋତମ ଦାସ । ପୁଲିସ ହେପାଜତରେ କାହାରି ମୃତ୍ୟୁ ହୋଇନଥିବା ଏସପି କହିଛନ୍ତି । ମୃତକଙ୍କ ପରିବାର ଲୋକଙ୍କ ଦ୍ୱାରା କରାଯାଇଥିବା ଜିମ୍ମାନାମା, ସିଏଚସି (୯ ପୃଷ୍ଠାରେ)

# ସୋସିଆଲ କୋଟ୍ସ



ଫିଲ୍ମର ସୁଟିଂ ସମୟରେ ସମସ୍ତେ ଅନେକ ମଜା କରିଛନ୍ତି । ଏହା ଏକ ରି_ ୟୁନିଅନ ଭଳି ଲାଗିଲା । ସମସ୍ତ ପୁରୁଣା ସାଙ୍ଗଙ୍କର ସହ କାମ କରି ଖୁବ ଖୁସି ଲାଗିଲା ।

ସୁନିଲ ସେଟ୍ଟି, ଅଭିନେତା



ଏ କଥାରେ କିଛି ସତ୍ୟତା ନାହିଁ । କଙ୍ଗନା ସେଟରେ ଖୁବ ପ୍ରଫେସନାଲ ଭାବେ କାମ କରିଥାନ୍ତି । ଏ କଥାରେ କୌଣସି ସତ୍ୟତା ନାହିଁ ।

ବୀର ଦାସ, ଅଭିନେତା



ବୀର ତୁମକୁ ଧନ୍ୟବାଦ, ହେଲେ ଉକ୍ତ ମହିଳା ଜଣଙ୍କ କିଏ । କାହା ସମ୍ପର୍କରେ ଏଭଳି ମନ୍ତବ୍ୟ ଦେବା ଆଗରୁ ଭାବିବାର ଆବଶ୍ୟକତା ରହିଛି ।

କଙ୍ଗନା ରାଣାୱତ, ଅଭିନେତ୍ରୀ

# ପଶୁପ୍ରେମର ନିଆରା କାହାଣୀ

ମଦୁରାଇର ଜଣେ ୭୬ ବର୍ଷୀୟା ବୃଦ୍ଧା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ସେ ଅବସର ଗ୍ରହଣ କରିବା ପରେ ନିଜର ପେନସନ ଅର୍ଥରେ ମାଙ୍କଡ଼ମାନଙ୍କୁ ଖାଇବାକୁ ଦେଉଥିବା ଜଣାପଡିଛି । ମଦୁରାଇର ବାସିନ୍ଦା ମାଲତୀ ନାମକ ଏହି ମହିଳା ଜଣକ ୨୦୧୫ ମସିହାରୁ ତିରୁପ୍ପାରାନକୁନ୍ଦ୍ରମ୍ ଆଖପାଖରେ ରହୁଥିବା ମାଙ୍କଡ଼ମାନଙ୍କୁ ଖାଇବାକୁ ଦେବା ପାଇଁ ନିଜ ପେନସନ୍‌ର ଏକ ବଡ଼ ଅଂଶ ବ୍ୟବହାର କରିଆସୁଛନ୍ତି । ବାର୍ଦ୍ଧକ୍ୟ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ସତ୍ତ୍ୱେ ସେ ପ୍ରତି ଶନିବାର ବିଭିନ୍ନ ସ୍ଥାନକୁ ଯାଇଥାଆନ୍ତି, ଯେଉଁଠାରେ ତାଙ୍କ ଡାକ ଶୁଣି ପ୍ରାୟ ୩୫୦ ରୁ ୪୦୦ ମାଙ୍କଡ଼ ଏକାଠି ହୋଇଥାନ୍ତି । ଉକ୍ତ ମହିଳା ଜଣଙ୍କ ତାମିଲନାଡୁ ପୋଲିସ ବିଭାଗରେ ୩୩ ବର୍ଷ କାର୍ଯ୍ୟ କରି ୨୦୧୦ରେ ଅବସର ନେଇଛନ୍ତି । ମାଲତୀ ନିଜ ସମ୍ପୂର୍ଣ୍ଣ ଜୀବନକୁ ଅନ୍ୟମାନଙ୍କ ସେବାରେ ଉତ୍ସର୍ଗ କରିଛନ୍ତି । ତାଙ୍କର ଏହି ଅତୁଟ ଦୟାଭାବ ପଶୁପକ୍ଷୀଙ୍କ ଯତ୍ନ ପ୍ରତି ଏକ ବିରଳ ସମର୍ପଣକୁ ଦର୍ଶାଉଛି, ଯାହା ଅନ୍ୟମାନଙ୍କୁ ଦୟାବାନ ହେବାକୁ ପ୍ରେରିତ କରୁଛି । ମାଲତୀଙ୍କ କାହାଣୀ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାର ବିଷୟ ପାଲଟିଛି ।



# ଚିଙ୍ଗୁଡ଼ି ବ୍ୟାଗ

ସେଲିବ୍ରିଟି ଫ୍ୟାସନ୍ ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସୋସିଆଲ ମିଡିଆ ସେନସେସନ୍ ଓରି ନିକଟରେ 'ଲାଫ୍ଟର ସେଫ୍ସ'ର ସେଟ୍‌ରେ ନିଜର ଏକ ନିଆରା ଓ ଅଦ୍ଭୁତପୂର୍ବ ଶୈଳୀ ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଏହି ଶୋରେ ସେ ପ୍ରାୟ ୧୮,୦୦୦ ଆମେରିକୀୟ ଡଲାର (ପ୍ରାୟ ୧୬.୯୯ ଲକ୍ଷ ଟଙ୍କା) ମୂଲ୍ୟର ଏକ ଲଗଜୁରୀ 'ଲୁଇ ଭିଟନ ଲବଷ୍ଟର ୱେୟାରେବଲ୍ ୱାଲେଟ୍' (ଚିଙ୍ଗୁଡ଼ି ଆକୃତିର ବ୍ୟାଗ୍) ଧରି ପହଞ୍ଚିଥିଲେ । ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରସିଦ୍ଧ ବ୍ରାଣ୍ଡ ଲୁଇ ଭିଟନର ଆଇକନିକ୍ ମୋନୋଗ୍ରାମ , ଚମଡ଼ାର ପ୍ୟାଡେଡ୍ ନଖ ଏବଂ ଛୋଟ ଛୋଟ ଗୋଡ଼ ସାଙ୍ଗକୁ ସୁନା ରଙ୍ଗର ହାର୍ଡୱେର୍‌ରେ ସଜ୍ଜିତ ଏହି ବ୍ୟାଗ୍‌ଟି ଦେଖିବାକୁ ବେଶ୍ ଆକର୍ଷଣୀୟ ଓ ଏକ ପ୍ରକୃତ କଙ୍କଡ଼ା ଭଳି ମନେହେଉଥିଲା । ଏହି ନିଆରା ଆକ୍ସେସରିଜ୍ ସହ ମେଳ ରଖି ଓରି ମଧ୍ୟ ନିଜର ଡ୍ରେସକୁ ଡିଜାଇନ କରିଛନ୍ତି । ତେବେ ତାଙ୍କର ଏହି ନିଆରା ବ୍ୟାଗଟି ବର୍ତ୍ତମାନ ଖୁବ ଚର୍ଚ୍ଚା ସାଉଁଟୁଥିବା ଦେଖିବାକୁ ମିଳୁଛି ।



# ଇତିହାସ


୧୮୯୪- ଲଣ୍ଡନରେ ଟାୱାର୍ ବ୍ରିଜ୍‌କୁ ଖୋଲାଗଲା ।

୧୯୧୪- ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କୁ ପ୍ରଥମକରି ଗିରଫ କରାଗଲା ।

୧୯୧୭- ଭାରତର ପ୍ରସିଦ୍ଧ ରାଜନେତା, ଉଦ୍ୟୋଗପତି, ଶିକ୍ଷାବିତ୍ ଏବଂ ବିଚାରକ ଦାଦା ଭାଇ ନାରୋଜୀଙ୍କର ପରଲୋକ ।

୧୯୩୭- ବିଶ୍ୱର ପ୍ରଥମ ଏମରଜେନ୍ସି ନମ୍ବର ୯୯୯କୁ ଲଣ୍ଡନରେ ଜାରି କରାଗଲା ।

୧୯୪୭- ପଶ୍ଚିମବଙ୍ଗ ଓ ପଞ୍ଜାବର ବିଭାଜନ ପାଇଁ ବାଉଣ୍ଡାରୀ କମିଶନ୍‌ର ସଦସ୍ୟମାନଙ୍କର ଘୋଷଣା କରାଗଲା ।



ଦାଦା ଭାଇ ନାରୋଜୀ

୧୯୬୬- ଆମେରିକାର ପ୍ରଥମ ମହିଳା ସଂଗଠନ (ନ୍ୟାସନାଲ୍ ଅର୍ଗାନାଇଜେସନ୍ ଫର୍ ୱିମେନ୍) ଗଠିତ ହେଲା ।

୧୯୯୭- ହଂକଂରୁ ବ୍ରିଟିଶ ଶାସନ ସମାପ୍ତ ।

୨୦୦୮- ରବିକାନ୍ତ, ଉମାଶଙ୍କର ଚୌଧୁରୀ ଏବଂ ବିମଳ ଚନ୍ଦ୍ର ପାଣ୍ଡେଙ୍କୁ ଜ୍ଞାନପୀଠ ପୁରସ୍କାର ଦିଆଗଲା ।

# ରୋବୋଟ କରାଉଛି ବ୍ୟାୟାମ

ରାଜସ୍ଥାନ ଜୟପୁରସ୍ଥିତ ଏକ ରିଜନାଲ ରିହ୍ୟାବିଲିଟେସନ୍ ସେଣ୍ଟରର ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଏଠାରେ ରୋଗୀଙ୍କୁ ରୋବୋଟମାନେ ବ୍ୟାୟାମ କରାଉଥିବାର ଜଣାପଡିଛି । ସୂଚନା ଅନୁସାରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ରୋବୋଟିକ୍ ଫିଜିଓଥେରାପି ସେବାର ଶୁଭାରମ୍ଭ କରାଯାଇଛି, ଯାହା ପକ୍ଷାଘାତ, ମେରୁଦଣ୍ଡ ଜନିତ ଆଘାତ ସହିତ ମସ୍ତିଷ୍କ ଜନିତ ଆଘାତ ଭଳି ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଥିବା ରୋଗୀମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଛି । ଏହି ରୋବୋଟିକ୍ ମେସିନ୍‌ର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ପ୍ରୋଗ୍ରାମିଂ କ୍ଷମତା, ଯେଉଁଠି ଫିଜିଓଥେରାପିଷ୍ଟମାନଙ୍କୁ କେବଳ ଥରେ ମାତ୍ର ରୋଗୀର ଆବଶ୍ୟକତା ଅନୁଯାୟୀ ଡାଟା କମାଣ୍ଡ ସେଟ୍ କରିବାକୁ ପଡ଼ିଥାଏ । ଏହାପରେ ରୋବୋଟିକ୍ ମେସିନ୍ ନିଜେ ଉଭୟ ହାତ ଓ ଗୋଡ଼ର ସଠିକ୍ ଓ ସୂକ୍ଷ୍ମ ମୁଭ୍‌ମେଣ୍ଟ କରାଇ ରୋଗୀଙ୍କୁ ଅତି ସହଜରେ ବ୍ୟାୟାମ କରାଇଥାଏ । ଯାହା ମାଂସପେଶୀ ଏବଂ ମସ୍ତିଷ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ରୋଗୀଙ୍କୁ ଶୀଘ୍ର ସୁସ୍ଥ ହେବାରେ ସାହାଯ୍ୟ କରେ । ଏହା ରୋଗୀମାନଙ୍କ ପାଇଁ ଖୁବ ଉପାଦେୟ ହେଉଛିବୋଲି ସେଣ୍ଟରର ଡାକ୍ତର ପ୍ରକାଶ କରିଛନ୍ତି ।



# ମନ ମୋହୁଛନ୍ତି ଶରବରୀ

ଭାରତ-ପାକିସ୍ତାନ ବିଭାଜନର ପୃଷ୍ଠଭୂମି ଉପରେ ଆଧାରିତ ଏବଂ ନିର୍ଦ୍ଦେଶକ ଇମତିଆଜ୍‌ଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ମେଁ ୱାପସ ଆଉଙ୍ଗା'କୁ ଦର୍ଶକ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି । ତେବେ ନିକଟରେ ଏହାର ମୁଖ୍ୟ କଳାକାର ଶରଭରୀ ଓ ବେଦାଙ୍ଗ ରାଇନା ଏକ ସ୍ପେଶାଲ ସ୍କ୍ରିନିଂ ଅବସରରେ ହଲରେ ପହଞ୍ଚି ଦର୍ଶକଙ୍କ ସହ ସମୟ ବିତାଇଛନ୍ତି । ଫିଲ୍ମକୁ ମିଳୁଥିବା ଏହି ଭଲପାଇବା ଓ ବକ୍ସ ଅଫିସରେ ବଢୁଥିବା ଆୟକୁ ଦେଖି ଅଭିନେତ୍ରୀ ଶରବରୀ ସୋସିଆଲ ମିଡିଆରେ ଫଟୋ ଓ ଭିଡିଓ ସେୟାର କରି ଏକ ଭାବପୂର୍ଣ୍ଣ ପୋଷ୍ଟ ଲେଖିଛନ୍ତି । ଏଥିରେ ସେ ପ୍ରଶଂସକଙ୍କ ଟ୍ରେଣ୍ଡକୁ ରିକ୍ରିଏଟ୍ କରି ସେମାନଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି ଯେ କିଛି କାହାଣୀ ପରଦା ପଛରେ ଶେଷ ହୁଏନାହିଁ ବରଂ ଦର୍ଶକଙ୍କ ଭାବନା ଓ ରିଲ୍ସ ମାଧ୍ୟମରେ ଜୀବନ୍ତ ରହିଥାଏ । ଦର୍ଶକ ଚଳଚ୍ଚିତ୍ରର ଦୁଇ ଚରିତ୍ର ଜିଆ ଓ କିନୁଙ୍କୁ ନିଜ ହୃଦୟରେ ସ୍ଥାନ ଦେଇଛନ୍ତି ତେଣୁ ସେ ଖୁବ ଖୁସି । ପାକିସ୍ତାନରୁ ଭାରତ ଆସିଥିବା ଏକ ଶିଖ୍ ପରିବାରର ତିନି ପିଢ଼ିର ଅଧୁରା ପ୍ରେମ ଏବଂ ବିଭାଜନର ଯନ୍ତ୍ରଣାକୁ ଦେଖାଉଥିବା ଏହି ସିନେମାରେ ୯୫ ବର୍ଷର ବୃଦ୍ଧ କିନୁ (ନସୀରୁଦ୍ଦିନ ଶାହା) ନିଜ ଶେଷ ସମୟରେ ନିଜ ପ୍ରେମିକା ଆଫସାନା (ଶରବରୀ)ଙ୍କୁ ମନେ ପକାଇ ପୁଣିଥରେ ପାକିସ୍ତାନର ସରଗୋଧା ଫେରିବାକୁ ଚାହୁଁଛନ୍ତି । ଯେଉଁଥିରେ ତାଙ୍କ ନାତି ନିରଭୈର (ଦିଲଜିତ ଦୋସାଞ୍ଜ) ସାହାଯ୍ୟ କରୁଛନ୍ତି । ଏହି ମର୍ମସ୍ପର୍ଶୀ ପ୍ରେମ କାହାଣୀକୁ କେବଳ ସାଧାରଣ ଜନତା ନୁହଁନ୍ତି, ବରଂ ପାକିସ୍ତାନୀ ଚଳଚ୍ଚିତ୍ର ନିର୍ମାତା ଉମର ନାସିର ଅଲୀଙ୍କ ସମେତ ବଲିଉଡର ପ୍ରତିଷ୍ଠିତ ନିର୍ଦ୍ଦେଶକ ଜୋୟା ଅଖତର, ଅନୁରାଗ କଶ୍ୟପ ଏବଂ ଅନୁଭବ ସିହ୍ନା ମଧ୍ୟ ଭୂୟସୀ ପ୍ରଶଂସା କରିଛନ୍ତି । ବିଶେଷଭାବେ ଶରବରୀଙ୍କ ଅଭିନୟ ସମସ୍ତଙ୍କୁ ଖୁବ ପସନ୍ଦ ଆସୁଛି ।



# ଏକ ହଜାର ବର୍ଷ ପୁରୁଣା ସହର

ଦକ୍ଷିଣ ମେକ୍ସିକୋର ଜଙ୍ଗଲ ମଧ୍ୟରେ ଦୀର୍ଘ ଏକ ହଜାର ବର୍ଷରୁ ଅଧିକ ସମୟ ଧରି ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଏକ ପ୍ରାଚୀନ ମାୟା ସଭତ୍ୟା ସମୟର ଏକ ସହରର ସନ୍ଧାନ ମିଳିଛି, ଯାହାକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ସାମ୍ପ୍ରତିକ ସମୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ବୋଲି କହୁଛନ୍ତି । କ୍ୟାମ୍ପେଚେ ପ୍ରଦେଶର 'କାଲାକମୁଲ ବାୟୋସ୍ଫିୟର ରିଜର୍ଭ'ର ଏକ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଏହି ସହରର ନାମ 'ମିନାନବେ' ରଖାଯାଇଛି । ଯାହାର ୟୁକାଟେକ ମାୟା ଭାଷାରେ ଅର୍ଥ ହେଉଛି "ସେଠାକୁ କୌଣସି ରାସ୍ତା ନାହିଁ" । ସ୍ଲୋଭେନିଆନ୍ ଏକାଡେମୀ ଅଫ୍ ସାଇନ୍ସେସ୍ ଆଣ୍ଡ ଆର୍ଟସର ପ୍ରତ୍ନତତ୍ତ୍ୱବିତ୍ ଇଭାନ୍ ସ୍ପ୍ରାଜକଙ୍କ ନେତୃତ୍ୱରେ ଏକ ମେକ୍ସିକାନ-ସ୍ଲୋଭେନିଆନ୍ ମିଳିତ ଗବେଷଣା ଦଳ ଦ୍ୱାରା ଏହି ଆବିଷ୍କାର କରାଯାଇଛି । ଯାହା ମଧ-ମାୟା ନିମ୍ନଭୂମି ଅଞ୍ଚଳରେ ଦୀର୍ଘ ତିନି ଦଶନ୍ଧିର ଅନୁସନ୍ଧାନର ଏକ ବଡ଼ ସଫଳତା । ମେକ୍ସିକୋର ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆନ୍ଥ୍ରୋପୋଲୋଜି ଆଣ୍ଡ ହିଷ୍ଟ୍ରି ଅନୁଯାୟୀ, ଏହି ସ୍ଥାନରୁ ଏକ ୪୩ ଫୁଟ ଉଚ୍ଚର ପିରାମିଡ୍ ମନ୍ଦିର ସହିତ ୧୪ଟି ଖୋଦିତ ବେଦୀ ଏବଂ ଶିଳାଲିପି ମିଳିଛି । ପ୍ରାରମ୍ଭରେ 'ଲିଡାର୍' ଆକାଶମାର୍ଗ ସ୍କାନିଂ ଜରିଆରେ ଜଙ୍ଗଲ ତଳେ ପ୍ରାୟ ୧୫ ହେକ୍ଟର ବିଶିଷ୍ଟ ଏହି ଜନବସତିର ସନ୍ଧାନ ମିଳିଥିଲା । ପରେ ସ୍ଥଳଭାଗରେ ଯାଞ୍ଚ କରିବା ପରେ ଏକ ଜଟିଳ ସହରୀ କେନ୍ଦ୍ର, ପ୍ରାସାଦ, ଧାର୍ମିକ କୋଠାବାଡ଼ି, ପାହାଚଭିତ୍ତିକ ଚଟାଣ ଏବଂ ଏକ ବ୍ୟାପକ ଜଳ ପରିଚାଳନା ପ୍ରଣାଳୀ ଥିବା ନିଶ୍ଚିତ ହୋଇଛି । ଏଗୁଡିକ ସବୁ ସେମାନଙ୍କର ଉଚ୍ଚକୋଟୀର ନଗର ଯୋଜନାକୁ ଦର୍ଶାଉଛି । ପ୍ରତ୍ନତତ୍ତ୍ୱବିତ୍ ଭିତାନ ଭୁଜାନୋଭିକ୍ ଏବଂ ତାଙ୍କ ସହକର୍ମୀମାନଙ୍କ ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ, ଏହି ପିରାମିଡ୍ ମନ୍ଦିରଟି ୭ମ ରୁ ୧୨ଶ ଶତାବ୍ଦୀର ଶାସ୍ତ୍ରୀୟ 'ରିଓ ବେକ୍' ସ୍ଥାପତ୍ୟ ଶୈଳୀର ଅଟେ । ବିଶେଷଜ୍ଞଙ୍କ ମତରେ, ଏହି ସହରଟି ଖ୍ରୀଷ୍ଟାବ୍ଦ ୬୦୦ - ୯୦୦ ମଧ୍ୟରେ ଅଧିକ ସମୃଦ୍ଧ ଥିଲା ଏବଂ ଆଞ୍ଚଳିକ କୃଷି ତଥା ବାଣିଜ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ତେବେ ଏହାର ଶେଷ ସମୟରେ ବାହ୍ୟ ଆକ୍ରମଣ କିମ୍ବା ସଂଘର୍ଷର କିଛି ପ୍ରମାଣ ମଧ୍ୟ ମିଳିଛି ।



# ଛେନା ପରଟା



**ସାମଗ୍ରୀ-** ଅଟା ୫୦୦ ଗ୍ରାମ, ଛେନା ୨୫୦ଗ୍ରାମ, କଞ୍ଚା ଲଙ୍କା, ଅଦା, ଧନିଆପତ୍ର, ଡାଲଚିନି ।

**ପ୍ରଣାଳୀ -** ଡାଲଚିନିକୁ ଗୁଣ୍ଡ କରି ଦିଅନ୍ତୁ । କଞ୍ଚା ଲଙ୍କା, ଅଦା, ଧନିଆ ପତ୍ରକୁ ଚୁନଚୁନ କରି କାଟି ଦିଅନ୍ତୁ । ଏହାପରେ ଛେନାରୁ ପାଣି ନିଗାଡି ରଖନ୍ତୁ । ଏହାକୁ ତେଲରେ ଭାଜନ୍ତୁ । ଉକ୍ତ ଛେନା ଭଜାରେ ପୂର୍ବରୁ କାଟି ରଖିଥିବା ସମସ୍ତ ସାମଗ୍ରୀ ଓ ଗୁଣ୍ଡ ମସଲା ପକାଇ ଭାଜନ୍ତୁ । ଏହାପରେ ଅଟାର ଗୁଳାରେ ଏହି ଛେନା ପୁରକୁ ଦେଇ ପରଟା ପ୍ରସ୍ତୁତ କରନ୍ତୁ । ଏହାକୁ ଘିଅ କିମ୍ବା ତେଲ ଦେଇ ସେକି ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ଛେନା ପରଟା ।



**ମେଷ:** ଯାତ୍ରାରେ ସତର୍କ, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁସମସ୍ୟା, ଶତ୍ରୁଦ୍ୱାରା ପୀଡ଼ିତ, ପରିଭ୍ରମଣଯୋଗ, ସନ୍ତାନଲାଭ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଲୋକସମ୍ପର୍କ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଶୁଭଖବର, ବ୍ୟବସାୟାାରେ ସନ୍ତୁଷ୍ଟ, ନୂତନ କାର୍ଯ୍ୟରେ ଲାଭ, ଶରୀର ସୁସ୍ଥ, ପାରିବାରିକ ସହଯୋଗ , ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ମିଥୁନ:** ରାଜଦଣ୍ଡ, ସମ୍ମାନହାନି, ଅର୍ଥସଙ୍କଟ, ବ୍ୟବସାୟରେ ଶତ୍ରୁତା, ଶରୀର ସୁସ୍ଥ, ଶତ୍ରୁସମସ୍ୟା, ସନ୍ତାନସ୍ନେହ, ସମ୍ପତ୍ତିବିବାଦ, କିଛି କାର୍ଯ୍ୟରେ ସହାୟତା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

**କର୍କଟ:** ପରାକ୍ରମ ବୃଦ୍ଧି, ସମ୍ପତ୍ତିଲାଭ, ସମ୍ମାନପ୍ରାପ୍ତି, ଦୂରଯାତ୍ରାସଫଳ, ଗାଡ଼ିଚାଳନାରେ ସତର୍କ, ବନ୍ଧୁଲାଭ, ସନ୍ତାନସୁଖ, ବ୍ୟବସାୟରେ ଉନ୍ନତି, ଅଳ୍ପ ଶରୀରକଷ୍ଟ, ଲୋକସମ୍ପର୍କରେ ଉନ୍ନତି, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-କୁବେର ଭଗବାନ ।

**ସିଂହ:** କାର୍ଯ୍ୟରେ ବିଳମ୍ବ, ଶତ୍ରୁସମସ୍ୟା, ଅର୍ଥଲାଭ, ଅନୁଷ୍ଠାନରୁଲାଭ, ସମ୍ମାନଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର କଷ୍ଟ, ବିଦ୍ୟାରେ ସଫଳତା, ସମ୍ପତ୍ତିବିବାଦ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**କନ୍ୟା:** 'ସ୍ନାନଲାଭ, ବ୍ୟବସାୟରେ ଲାଭ, ନୂତନ ନିଯୁକ୍ତି, ଉଚ୍ଚପଦବୀ ପ୍ରାପ୍ତି, ଶତ୍ରୁ ପରାଜିତ, ନୂତନ ବନ୍ଧୁଲାଭ, ଶୁଭଖବର, ଅନୁଷ୍ଠାନରୁ ଲାଭ, ଲୋକସମ୍ପର୍କରେ ଉନ୍ନତି, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ଗ୍ରାମଦେବତୀ ।

**ତୁଳା:** ମନସ୍ତାପ: ବ୍ୟବସାୟରେ ବାଧା, ଶତ୍ରୁବୃଦ୍ଧି, ପାରିବାରିକ ଖୁସି, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଭୂସମ୍ପତ୍ତିଲାଭ, ଯାତ୍ରାରେ ସତର୍କ, ସନ୍ତାନଚିନ୍ତା, ଗୃହେ ଅଶାନ୍ତି, ଦ୍ରବ୍ୟଲାଭ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ବିଛା:** କର୍ମକ୍ଷେତ୍ରେ ସଫଳ, ଆଶାପୂର୍ତ୍ତି, ଲୋକସମ୍ପର୍କରେ ଉନ୍ନତି, ଦୂରଯାତ୍ରା, ସମ୍ପତ୍ତିଲାଭ, ଅର୍ଥଲାଭ, ପାରିବାରିକ ସମସ୍ୟା, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି, ବନ୍ଧୁଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ବିଷ୍ଣୁଭଗବାନ ।

**ଧନୁ:** ଖୁସିଖବର, ବ୍ୟବସାୟରେ ଲାଭ, ଅର୍ଥପ୍ରାପ୍ତି, ଦୂରଯାତ୍ରା, ଆଶା ସଫଳ, ବିଦ୍ୟାରେ ସଫଳତା, ବିଶିଷ୍ଟ ବ୍ୟକ୍ତିଙ୍କ ସହ ଶତ୍ରୁତା, ପୁରାତନ ମାମଲା ସମାଧାନ, ଶରୀର ସୁସ୍ଥ, ଈଶ୍ୱରଭକ୍ତି, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ମା' ଭୁବନେଶ୍ୱରୀ ।

**ମକର:** ସମ୍ପର୍କହାନି, ବ୍ୟବସାୟରେ ସ୍ୱଳ୍ପଲାଭ, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁସମସ୍ୟା, ଅର୍ଥସମସ୍ୟା, ପାରିବାରିକ ଶତ୍ରୁତା, କିଛି ମାମଲାରେ ଫସି ପାରନ୍ତି, ବନ୍ଧୁସାହାଯ୍ୟ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା-ମା' କୋଟିଳାଇ ।

**କୁମ୍ଭ:** ଶରୀର ଅସୁସ୍ଥ, ଦ୍ରବ୍ୟଲାଭ, ଅତିଥି ଚର୍ଚ୍ଚା, ମାନସିକ ଶାନ୍ତି, ଶତ୍ରୁସମସ୍ୟା, ବିଦ୍ୟାରେ ସଫଳ, ପାରିବାରିକ ଖୁସି, ବ୍ୟବସାୟରେ ସ୍ୱଳ୍ପଲାଭ, ପଦବୀପ୍ରାପ୍ତ, ଦାମ୍ପତ୍ୟସୁଖ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ମା' ଦକ୍ଷିଣକାଳୀ ।

**ମୀନ:** ବନ୍ଧୁଲାଭ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ବିବାଦ ସମାଧାନ, ଦୂରଯାତ୍ରା ସଫଳ, ଅର୍ଥଲାଭ, କ୍ରୟବିକ୍ରୟ, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ, ବାଣିଜ୍ୟରେ ଲାଭ, ଉଚ୍ଚଆଶା ସଫଳ, ଦାମ୍ପତ୍ୟସୁଖ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

ଜ୍ୟେଷ୍ଠ କୃଷ୍ଣପକ୍ଷ ପ୍ରତିପଦ
୩୦.୬.୨୦୨୬, ମଙ୍ଗଳବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ସ୍ନାନବେଦୀରେ ଶ୍ରୀଜୀଉଙ୍କ ମହାସ୍ନାନ

## ଝରାଫୁଲ ହତ୍ୟା ମାମଲା
### ମୁଖ୍ୟ ଆସାମୀଙ୍କୁ ଆଜୀବନ, ସହଯୋଗୀଙ୍କୁ ୫ ବର୍ଷ ଜେଲଦଣ୍ଡ

ଯାଜପୁର,(ସବ୍ୟୁ):ବହୁଚର୍ଚ୍ଚିତ ଝରାଫୁଲ ହତ୍ୟାକାଣ୍ଡ ଘଟଣାର ରାୟ ଆସିଛି ।ଦୋଷୀ ରାକେଶ ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଛି । ଏହାସହ ରାକେଶଙ୍କ ସହଯୋଗୀ ଅମରେଶ ରାଉତକୁ ୫ ବର୍ଷ ଜେଲ ଦଣ୍ଡ ଦିଆଯାଇଛି । ଏହି ରାୟ ଶୁଣାଇଛନ୍ତି ଯାଜପୁର ଅତିରିକ୍ତ ଜିଲା ଜଜ ।ସୂଚନାଯୋଗ୍ୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକଙ୍କୁ ଭୁବନେଶ୍ୱରରେ ହତ୍ୟା କରିବା ପରେ ସ୍କୁଟିରେ ନେଇ ଯାଜପୁରରେ ଫିଙ୍ଗି ଦେଇଥିଲେ ଅଭିଯୁକ୍ତ । ମୁଖ୍ୟ ଅଭିଯୁକ୍ତ ରାକେଶ ସ୍ୱାଇଁଙ୍କୁ ଭୁବନେଶ୍ୱରରୁ ପୋଲିସ ଗିରଫ କରିବା ପରେ ଝରାଫୁଲଙ୍କ ମର୍ଡର ମିଷ୍ଟ୍ରି ଉପରୁ ଧୀରେ ଧୀରେ ପରଦା ହଟିଥିଲା । ଭୁବନେଶ୍ୱରରେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଓ ମୃତଦେହକୁ ଫୋପାଡିବା ପାଇଁ ଅଭିଯୁକ୍ତ କରିଥିଲେ ଷଡଯନ୍ତ୍ର । ତଦନ୍ତରୁ ଜଣାପଡିଛି, ରାକେଶ ଝରାଫୁଲଙ୍କ ପୁରୁଷ ବନ୍ଧୁ । ଯେଉଁ ସିସିଟିଭି ଫୁଟେଜ ମିଳିଥିଲା, ସେଥିରେ ସ୍କୁଟି ପଛପଟେ ବସିଥିଲେ ଅଭିଯୁକ୍ତ ରାକେଶ । ହତ୍ୟାକାଣ୍ଡ ପରେ ପୋଲିସକୁ ଭୁଆଁ ବୁଲାଇବା ପାଇଁ ଅଭିଯୁକ୍ତ ବଡ଼ ଷଡଯନ୍ତ୍ର ରଚିଥିଲେ । ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅନ୍ତର୍ଗତ ତରୁଣ୍ଡେଇପଶି ଗ୍ରାମର ରାମାକାନ୍ତ ନାୟକଙ୍କ ଝିଅ ଝରାଫୁଲ(୨୧) ରମାଦେବୀ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ । ସେ ୨୦୨୧ ମସିହା ଜାନୁଆରୀ ୨୬ ତାରିଖ ଦିନ ନିଜ ଘରକୁ ଯିବା ପାଇଁ ଭୁବନେଶ୍ୱରରୁ ଝାଡେଶ୍ୱର ବସରେ ବସିଥିଲେ । ମାତ୍ର ଘରେ ପହଞ୍ଚିବା ବଦଳରେ ଯାଜପୁର ଜିଲା କୁଆଖିଆ ଥାନା ଅଞ୍ଚଳରୁ ତାଙ୍କ ମୃତଦେହ ମିଳିଥିଲା ।

## ମାଁ ମଝିଘରିଆଣିଙ୍କ ଦାନ ହୁଣ୍ଡିରୁ ମିଳିଲା ୧ କୋଟି ୨୨ଲକ୍ଷ ୨୯ ହଜାର ଟଙ୍କା

ରାୟଗଡା, (ସବ୍ୟୁ): ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ହୁଣ୍ଡିରୁ ୧କୋଟି ୨୨ଲକ୍ଷ୨୯ ହଜାର ୬ଶହ ୨୩ଟଙ୍କା ସମେତ ୩୨ ଗ୍ରାମ ସୁନା ଅଳଙ୍କାର ଏବଂ ୧କିଲୋ ୩ ଶହ ଗ୍ରାମ ରୁପା ଅଳଙ୍କାର ସହ ଆମେରିକା ଡଲାର , ଅଷ୍ଟ୍ରେଲିଆ, କତାର,ନେପାଳ ସହିତ ଅନ୍ୟାନ୍ୟ ଦେଶର ବିଦେଶୀ ଟଙ୍କା ମଧ ଦାନ ହୁଣ୍ଡିରୁ ବାହାରିଲା । କଡା ସୁରକ୍ଷା ମଧରେ ଖୋଲାଯାଇ ଗଣତି କରାଯାଇଛି । ଚଳିତ ବର୍ଷ ଦ୍ୱିତୀୟ ଥର ହୁଣ୍ଡି ଗୁଡିକ ଖୋଲାଯାଇଛି । ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ୯ ଟି ଦାନହୁଣ୍ଡି ଖୋଲା ଯାଇଛି । ସକାଳ ୯ଟା ବେଳେ ଏହି ଦାନ ହୁଣ୍ଡି ସବୁ କଡ଼ା ସୁରକ୍ଷା ବଳୟରେ ୨୫୦ରୁ ଅଧିକ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏହି ସବୁ ଟଙ୍କା ସୁନା ଗଣତି ଆରମ୍ଭ ହୋଇଛି । ସୋମବାର ସକାଳ ୯ଟା ବେଳେ ମାଜିଷ୍ଟ୍ରେଟ ତଥା ରାୟଗଡ଼ା ତହସିଲ କର୍ମଚାରୀ ଓ ପୁଲିସ ଉପସ୍ଥିତିରେ ମନ୍ଦିର



ପରିଚାଳନା କମିଟି ତରଫରୁ ମନ୍ଦିରର ୯ଟି ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା । ମନ୍ଦିର ପରିଚଳନା କମିଟି ଅଧକ୍ଷ ରାଇସିଂ ବିଡ଼ିକା ଓ ମନ୍ଦିର ପରିଚାଳନା କମିଟିର ସଭ୍ୟମାନେ ଉପସ୍ଥିତ ରହି ଗଣତି ସୁପରିଚାଳନା ପାଇଁ ଉପସ୍ଥିତ ରହିଛନ୍ତି । ରାୟଗଡା ଜିଲ୍ଲା ସମତେ ପୋଡ଼ଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ର ଭକ୍ତମାନେ ମାନସିକ ପୂରଣପରେ ମାଙ୍କୁ ଦର୍ଶନ କରି ଟଙ୍କା ,ସୁନା ଓ ରୁପା ଦାନ ଆକାରରେ ହୁଣ୍ଡିରେ ପକାଇଥାଆନ୍ତି । ସକାଳୁ ପୋଲିସ ଓ ରାଜସ୍ୱ ବିଭାଗର ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯିବା ପରେ ଟଙ୍କା ଗଣତି ଆରମ୍ଭ ହୋଇଥିଲା । ତେବେ ଚଳିତ ଥର ଓଡିଶା ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ ଶାଖାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଗଣତିରେ ବ୍ୟାଙ୍କ କର୍ମଚାରୀ ସମେତ ସତ୍ୟସାଇ ଅନୁଷ୍ଠାନ, ଭେଙ୍କେଟେଶ୍ୱର ମନ୍ଦିର କମିଟି ସହଯୋଗ କରିଥିଲେ । ଭକ୍ତ ମାନଙ୍କ ଏହି ଦାନକୁ ମନ୍ଦିର ତରଫରୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ବିନିଯୋଗ କରିବା ସହ ବିଶେଷ କରି ଗରିବ ଶ୍ରେଣୀର ରୋଗୀଙ୍କ ସ୍ୱାସ୍ଥ୍ୟଗତ ନିମନ୍ତେ ସାହାଯ୍ୟ କରାଯାଉଥିବା କମିଟି ଅଧକ୍ଷ ରାଇସିଙ୍ଗ ବିଡିକା ପ୍ରକାଶ କରିଛନ୍ତି ।

ସୂଚନା ଅନୁଯାୟୀ ଗତ ୨୦୨୬ମସିହା ଜାନୁଆରୀ ୧୯ ତାରିଖରେ ହୁଣ୍ଡି ଖୋଲାଯିବା ସମୟରେ ହୁଣ୍ଡିରୁ ୧କୋଟି ୫ ଲକ୍ଷ ୫୨ ହଜାର ୮ଶହ ୪୫ ଟଙ୍କା ବାହାରିଥିବା ବେଳେ ୩୦ଗ୍ରାମ ସୁନା,୨କିଲୋ ୧୫୦ ଗ୍ରାମ ରୁପା ବାହାରିଥିଲା । ବର୍ତ୍ତମାନ ୫ମାସ ୧୨ଦିନ ପରେ ହୁଣ୍ଡି ଖୋଲା ଯାଇଥିବାବେଳେ ଏଥର ୧କୋଟି ୨୨ଲକ୍ଷ ୨୯ ହଜାର ୬ଶହ ୨୩ଟଙ୍କା ସମେତ ୩୨ ଗ୍ରାମ ସୁନା ଅଳଙ୍କାର ଏବଂ ୧କିଲୋ ୩ ଶହଗ୍ରାମ ରୁପା ଅଳଙ୍କାର ସହ ଅନେକ ଦେଶର ବିଦେଶୀ ଟଙ୍କା ମିଳିଥିବା ମନ୍ଦିର ପରିଚାଳନା କମିଟି ଅଧକ୍ଷ ରାଇସିଙ୍ଗ ବିଡିକା ସୂଚନା ଦେଇଥିବା ବେଳେ ମନ୍ଦିର କମିଟିର ସଦସ୍ୟ ଦେବେନ୍ଦ୍ରନାଥ ବେହେରା,ଭି ବାସୁଦେବ ରାଓ, ରାଧାକୃଷ୍ଣ ଦଳେଇ, ପାଲକଣ୍ଡା ପ୍ରକାଶ, ମଙ୍ଗରାଜ ହୁଇକା ଉପସ୍ଥିତ ଥିବା ବେଳେ ଦେବତ୍ତର ବିଭାଗର ତରଫରୁ ଅଧିକାରୀ ଦେବୀ ପ୍ରସାଦ ମଲ୍ଲିକ ଥିବାବେଳେ ରାଜସ୍ୱ ବିଭାଗର ନିରୀକ୍ଷକ ଉପସ୍ଥିତ ଥିଲେ ।

### ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା ,(ସବ୍ୟୁ) : ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ସାଲେପୁର ଗ୍ରାମରେ ଗତକାଲି ରାତିରେ ବଜ୍ରପାତ ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ସାଲେପୁର ଗ୍ରାମର ରଙ୍କନିଧି ଜେନା (୭୫) ବୋଲି ଜଣାପଡିଛି। ସୂଚନା ମୁତାବକ ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ହୋଇଥିଲା। ରାତି ୯ ପର୍ଯ୍ୟନ୍ତ ଝିପଝିପ ବର୍ଷା ଲାଗିରହିବା ସହ ବିଜୁଳି ମାରିଥିଲା। ଏହି ସମୟରେ ରଙ୍କନିଧି ନିଜ ଘର ବାରଣ୍ଡାରେ ବସିଥିବା ବେଳେ ଏକ ବିଜୁଳି ତାଙ୍କ ଉପରେ ପଡିବା ଯୋଗୁଁ ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତୀ କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ଅଭିଯୋଗ ପାଇ ଧର୍ମଶାଳା ପୁଲିସ ୨୯/୨୬ରେ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ କରୁଛି।

### ପୁଣି କଳା ପଲସର୍, ନେଇଗଲେ ସୁନାଚେନ

ଭୁବନେଶ୍ୱର, (ସବ୍ୟୁ) : କଳା ପଲ୍‌ସର୍ ଆତଙ୍କ କିଛିଦିନ ଥମିଯାଇଥିଲା । ଗତ କିଛିଦିନ ହେବ ପୁଣି କଳା ପଲସରରେ ଦୁଇ ଦୁର୍ବୃତ୍ତ ଆସି ସହରରେ ଲୁଟ୍‌ପାଖ କରି ଆତଙ୍କ ସୃଷ୍ଟି କରୁଛନ୍ତି । ସୋମବାର ସକାଳେ ଜଣେ ମହିଳା ମର୍ଣ୍ଣିଂୱାର୍କ କରୁଥିବା ବେଳେ ଦୁଇଜଣ କଳା ପଲସର୍ ଆରୋହୀ ଆସି ତାଙ୍କ ବେକରୁ ସୁନାଚେନ ଲୁଟି ନେଇଥିଲେ । ସେ ବଡପାଟି ଚିତ୍କାର କରିଥିଲେ ମଧ କୌଣସି ଲାଭ ହୋଇନଥିଲା ।

ଖଣ୍ଡଗିରି ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଲୁଟ୍‌ର ଶିକାର ହୋଇଥିବା ମହିଳାଙ୍କୁ ଲୁଟେରାଙ୍କ ଚେହେରା ସମ୍ପର୍କରେ ପୋଲିସ ପଚରାଉଚରା କରିଛି । ମହିଳାଙ୍କ ବୟାନ ମଧ ରେକର୍ଡ ହୋଇଛି । ଖଣ୍ଡଗିରି ଥାନା ଅଞ୍ଚଳରେ ଅପରାଧୀମାନେ ସକ୍ରିୟ ରହି ହତ୍ୟା, ବଳାତ୍କାର ଓ ଲୁଟ୍‌ପାଟ ଭଳି ସଙ୍ଗୀନ ଅପରାଧ ଘଟାଉଥିବା ବେଳେ ପୋଲିସ ଆଖିବୁଜିଆ ସଜାଗ ହୋଇପାରୁନାହିଁ ।

## ସାଂସ୍କୃତିକ ଐତିହ୍ୟ, ଗୋଷ୍ଠୀ ବିକାଶରେ ବାଙ୍କୀ ପ୍ରଗତି ପରିଷଦର ଭୂମିକା ପ୍ରଶଂସନୀୟ: ରାଜ୍ୟପାଳ

ଭୁବନେଶ୍ୱର (ସବ୍ୟୁ) : ସାମାଜିକ ଏକତା, ସାଂସ୍କୃତିକ ଐତିହ୍ୟ ସଂରକ୍ଷଣ ଏବଂ ଗୋଷ୍ଠୀ ବିକାଶରେ ବାଙ୍କୀ ପ୍ରଗତି ପରିଷଦର ଭୂମିକା ପ୍ରଶଂସନୀୟ ବୋଲି ବାଙ୍କୀ ପ୍ରଗତି ପରିଷଦର ୬ଷ୍ଠ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱରସ୍ଥିତ ଗୀତ ଗୋବିନ୍ଦ ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଜ୍ୟପାଳ ଶ୍ରୀ କମ୍ଭମପାଟି କହିଥିଲେ, ଏହି ସମ୍ମିଳନୀ ସାମାଜିକ ସଦଭାବ ଏବଂ ସାମୂହିକ ପ୍ରଗତିକୁ ମଜବୁତ କରୁଥିବା ଏକ ଅର୍ଥପୂର୍ଣ୍ଣ ମଞ୍ଚ ପାଲଟିଛି । ଏକ ସମ୍ମାନଜନକ ସଂଗଠନ ଭାବେ ବାଙ୍କୀ ପ୍ରଗତି ପରିଷଦ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗଠନମୂଳକ ପ୍ରୟାସ ମାଧ୍ୟମରେ ଗୋଷ୍ଠୀ ଜୀବନକୁ ସମୃଦ୍ଧ କରୁଛି । ଆଜିର



ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ବାଙ୍କୀ ପ୍ରଗତି ପରିଷଦ ପରି ସଂଗଠନଗୁଡ଼ିକ ପାରିବାରିକ ମୂଲ୍ୟବୋଧକୁ ମଜବୁତ କରିବା, ସୃଜନଶୀଳତାକୁ ଉତ୍ସାହିତ କରିବା ଏବଂ ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ବିଭିନ୍ନ ପିଢ଼ିର ଲୋକଙ୍କୁ ସଂଯୋଗ କରି ବାଙ୍କୀର ଅନନ୍ୟ ଐତିହ୍ୟକୁ ପ୍ରଚାର କରିବାରେ ଏହି ପରିଷଦ ସଫଳ ହୋଇଛି ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ ।

ଏହି ଅବସରରେ ପରିବେଶବିତ ଶରତ ଚନ୍ଦ୍ର ତ୍ରିପାଠୀ ଏବଂ ବରିଷ୍ଠ କଳାକାର ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ ବାଙ୍କୀ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା । ଓଡ଼ିଶା ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ସୁନୀଲ କୁମାର ଦାସଙ୍କୁ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପରିଷଦର ସ୍ମରଣିକା "ରେଣୁକା' ଏବଂ ପୁସ୍ତକ "ବୀରା ରାଣୀ ଶୁକଦେଇ' ଓ "ମୁଣ୍ଡିଦେଉଳ' ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଙ୍କୀର ମାନ୍ୟବର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାସ (ଦାସ ବେନହୁର), ପରିଷଦର ବରିଷ୍ଠ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀ ଓ ସାଧାରଣ ସମ୍ପାଦକ ନିମାଇ ଚରଣ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ପରିଷଦର ସଭାପତି ନୀଳ ମୋହନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ ।

## ପାଠ୍ୟପୁସ୍ତକରେ ତ୍ରୁଟି - ଓଡିଆ ଭାଷା ପ୍ରତିଷ୍ଠାନ ଅଚଳ

ଭୁବନେଶ୍ୱର,(ତଥ୍ୟ) ପାଠ୍ୟ ପୁସ୍ତକରେ ଓଡିଆ ଭାଷାର ବିକୃତିକୁ ନେଇ ଆରୋପ ପ୍ରତ୍ୟାରୋପ ଚାଲିଥିବାବେଳେ ଓଡିଆ ଭାଷାର ସୁରକ୍ଷା ସହିତ ପ୍ରଚାର ପ୍ରସାର ପାଇଁ ଥିବା ଓଡିଆ ଭାଷା ପ୍ରତିଷ୍ଠାନ ଏବେ ଏକ ପ୍ରକାର ଅଚଳ ଅବସ୍ଥାରେ। ତେଣୁ ପୂର୍ବଭଳି ଆଉ ଓଡିଆ ଭାଷା ପ୍ରତିଷ୍ଠାନରେ ପାଠ୍ୟପୁସ୍ତକର ଚୂଡାନ୍ତ ଯାଞ୍ଚ କରାଯାଉ ନାହିଁ।

ଓଡିଆ ଭାଷା ପ୍ରତିଷ୍ଠାରେ ଗୋଟିଏ କାର୍ଯ୍ୟକାରୀ କମିଟି, ସାଧାରଣ ପରିଷଦ ସହିତ ବିଶେଷଜ୍ଞ କମିଟି ରହିବାର ବ୍ୟବସ୍ଥା ଅଛି। ଏହି ବିଶେଷଜ୍ଞମାନେ ଓଡିଆ ଭାଷାରେ ଦକ୍ଷ ହୋଇଥିବାରୁ ବିଭିନ୍ନ ପ୍ରକାର ପାଠ୍ୟପୁସ୍ତକ ଉପରେ ଚୂଡାନ୍ତ ନଜର ପକାଇଥାନ୍ତି। ଏଥି ସହିତ ସରକାରୀ ସ୍ତରରେ ହେଉଥିବା ଓଡିଆ ଭାଷାର ବିଭିନ୍ନ ପୁସ୍ତକ ପ୍ରସ୍ତୁତି, ଗବେଷଣା ଆଦିରେ ସହଯୋଗ କରିଥାନ୍ତି।

ତେବେ ଗତ କିଛିଦିନ ହେଲା ଓଡିଆ ଭାଷା ପ୍ରତିଷ୍ଠାନ ଏକ ପ୍ରକାର ମୃତବତ୍ ଅବସ୍ଥାରେ। ଗୋଟିଏ ପଟେ ସ୍ଥାୟୀ ନିର୍ଦ୍ଦେଶକ ନଥିବାବେଳେ ଅନ୍ୟପଟେ କିନ୍ତୁ ପ୍ରତିଷ୍ଠାନର ଦପ୍ତରର ଓ ନିୟନ୍ତ୍ରଣ ବିଭାଗ ବାରମ୍ବାର ବଦଳିବାରେ ଲାଗିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନର ପ୍ରଥମେ ଏହି ସଂସ୍ଥାଟି ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରର ସୌଧରେ ଖୋଲିଥିଲା। ପରେ ଏହା ସଂସ୍କୃତି ବିଭାଗ ଅଧିନକୁ ଯିବାପରେ ଦପ୍ତରର ଠିକଣା ସଂସ୍କୃତି ଭବନ ହୋଇଥିଲା। ଏବେ ପୁଣି ଏହାର ଠିକଣା ବଦଳି ଖାରବେଳ ଭବନ ହୋଇଛି। ବାରମ୍ବାର ଠିକଣା ବଦଳୁଥିବାବେଳେ ଏହି ସଂସ୍ଥାରେ ଏବେ ନିୟମିତ ନିର୍ଦ୍ଦେଶକ ନାହାନ୍ତି। ଅନ୍ୟ କର୍ମଚାରୀଙ୍କର ବି ଗୁରୁତର ସଙ୍କଟ। ଦପ୍ତରରେ କାହାରି ଦେଖାଦର୍ଶନ ବି ନାହିଁ। ଖାରବେଳଭବନକୁ ଦପ୍ତର ଆସିବାପରେ ସାହିତ୍ୟିକ କିମ୍ବା ସାହିତ୍ୟପ୍ରେମୀମାନେ ଏଠାରେ ଆଉ ପାଦ ପକାଉ ନାହାନ୍ତି। କାରଣ ଏଠାକୁ ଯିବାପାଇଁ ପାଶ୍ ଦରକାର ହେଉଛି। ପୂର୍ବରୁ ସଂସ୍କୃତି ବିଭାଗରେ ଦପ୍ତର ଥିବାବେଳେ ପାଶ୍ ଆବଶ୍ୟକ ହେଉନଥିବାରୁ ବହୁ ସାହିତ୍ୟାନୁରାଗୀ ସେଠାକୁ ଯାଉଥିଲେ। ସେହିଭଳି ଓଡିଆ ଭାଷା ପ୍ରତିଷ୍ଠାନ ର ନିଜସ୍ୱ ଦପ୍ତର ନିର୍ମାଣ ପାଇଁ ରାଜ୍ୟ ସରକାର ଜମି ଓ ଅର୍ଥ ଯୋଗାଇ ଦେଇଥିଲେ ମଧ ତାହା ନିର୍ମାଣ ହୋଇପାରୁ ନାହିଁ। ସ୍ମାର୍ଟସିଟି କର୍ତ୍ତୃପକ୍ଷ ଏହାର ନିର୍ମାଣ କାର୍ଯ୍ୟରେ କେଁ ପୂରାଇବାରୁ ଟେଣ୍ଡର ସ୍ଥିତିରେ ତାହାକୁ ଅଟକାଯାଇଥିଲା। ଏହାପରେ କିନ୍ତୁ ଆଉ କେହି ଏହାର ନିଜସ୍ୱ ଦପ୍ତର ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟ ପକ୍ଷରେ ଭାଷା ପ୍ରତିଷ୍ଠାନ ସଂସ୍ଥାଟି ଅଚଳ ହୋଇ ପଡିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ପାଠ୍ୟପୁସ୍ତକ ଆଉ ପ୍ରତିଷ୍ଠାନର ଯାଞ୍ଚ ହୋଇପାରୁ ନାହିଁ। ବିଶେଷଜ୍ଞମାନଙ୍କ କହିବାକଥା ଯେ ଯଦି ଓଡିଆ ଭାଷା ପ୍ରତିଷ୍ଠାନରେ ପୂର୍ବଭଳି ଚଳିତବର୍ଷ ପାଠ୍ୟପୁସ୍ତକ ଯାଞ୍ଚ ହୋଇଥାନ୍ତା ତେବେ ହଜାର ହଜାର ସଂଖ୍ୟାରେ ତ୍ରୁଟି ପରିଲକ୍ଷିତ ହୋଇନଥାନ୍ତା କି ସରକାର ଅଡୁଆରେ ପଡିନଥାନ୍ତେ। ତେଣୁ ଓଡିଆ ଭାଷା ପ୍ରତିଷ୍ଠାନ ପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।

## ଡକାୟତି ଯୋଜନା, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କଂଗ୍ରେସ ଭବନ ପାଖ କ୍ୱାର୍ଟର୍ସ ପଛପାଖର୍ ଅନ୍ଧାରୁଆ ସ୍ଥାନରେ



ଡକାୟତି ଯୋଜନା କରୁଥିବା ଅପରାଧୀଙ୍କ ସମ୍ପର୍କରେ କ୍ୟାପିଟାଲ ଥାନା ପୋଲିସ ଖବର ପାଇ ଚଢାଉ କରିଥିଲା । ଜଣେ ଖସିଯିବାରେ ସମର୍ଥ ହୋଇଥିବା ବେଳେ ପୋଲିସ ୪ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ମାରଣାସ୍ତ୍ର, ମାକ୍ସ ପ୍ରଭୃତି ଜବତ କରିଛି । ସେମାନେ ରେଳ ଷ୍ଟେସନରୁ ଆସୁଥିବା ଯାତ୍ରୀଙ୍କୁ ମୁଖ୍ୟତଃ ଟାର୍ଗେଟ କରୁଥିବା ପୋଲିସ କହିଛି । ଗିରଫ ୪ ଡକାୟତ ହେଲେ ସିଲୁ ନାୟକ (୩୬), ଭବାନୀ ଶଙ୍କର ମହାପାତ୍ର ଓରଫ ବନା (୩୬), କାଳିଆ ଓରଫ ଲୋକନାଥ ଦାସ (୬୫) ଓ ବାପି ନାୟକ (୩୦) । ଫେରାର ହୋଇଯାଇଥିବା ଅଭିଯୁକ୍ତ ସଞ୍ଜୟ ପ୍ରଧାନ (୩୨) ବୋଲି ପୋଲିସ କହିଛି । ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଛୁରି, ଦୁଇଟି ବ୍ଲେଡ୍, ଚାରୋଟି କଳା ମାକ୍ସ, ତିନୋଟି ମଦ ବୋତଲ, ଲଙ୍କା ପାଉଡର ଓ ମଦ ପିଆଲା ପ୍ରଭୃତି ଜବତ ହୋଇଛି । ସିଲୁ ନାଁରେ ପୂର୍ବରୁ ଭୁବନେଶ୍ୱରର ଚାରୋଟି ଥାନା ଅଞ୍ଚଳରେ ୫ଟି ମାମଲା ଥିବାବେଳେ ଭବାନୀ ନାଁରେ ଚାରୋଟି ଥାନା ଅଞ୍ଚଳରେ ୭ଟି ମାମଲା ଅଛି । କାଳିଆ ନାଁରେ କ୍ୟାପିଟାଲ ଥାନା ଅଞ୍ଚଳରେ ଗୋଟିଏ ମାମଲା ଥିବା ପୋଲିସ କହିଛି । ବାପି ନାଁରେ ପୂର୍ବରୁ କିଛି ମାମଲା ଅଛି କି ନାହିଁ ତାହା ଜାଣିବା ପାଇଁ ଯାଞ୍ଚ କରାଯାଉଛି । ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ବୋହୂର ପନିକି ଚୋଟରେ ଶାଶୁ ଲହୁଲୁହାଣ

ବାଲେଶ୍ୱର, (ସବ୍ୟୁ): ପାରିବାରିକ କଳହକୁ କେନ୍ଦ୍ର କରି ବୋହୂର ପନିକି ଆକ୍ରମଣରେ ଶାଶୁ ଗୁରୁତର ଆହତ ହୋଇଛନ୍ତି । ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ପ୍ରଥମେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ କଟକସ୍ଥିତ ଏସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏଭଳି ଅଭାବନୀୟ ଘଟଣା ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ପଥରଘଟା ଗ୍ରାମରେ ଘଟିଛି । ପଥରଘଟର ଗ୍ରାମର ଶଙ୍କର ବାରିକଙ୍କ ପନୀ ଶିବାନୀ ବାରିକ ଓ ତାଙ୍କ ଶାଶୁଙ୍କ ମଧ୍ୟରେ ଶନିବାର ରାତିରେ କୌଣସି ପାରିବାରିକ ଘଟଣାକୁ ନେଇ ତୀବ୍ର ବଚସା ହୋଇଥିଲା । ପରେ ଏହି ବିବାଦ ଉଗ୍ର ରୂପ ନେବାରୁ ଶିବାନୀ ଉତ୍ତ୍ୟକ୍ତ ହୋଇ ଘରେ ଥିବା ଏକ ପନିକିରେ ତାଙ୍କର ୬୫ ବର୍ଷୀୟା ଶାଶୁଙ୍କ ଉପରେ ବାରମ୍ବାର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।ଶାଶୁଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ଘଟଣାସ୍ଥଳକୁ ଧାଇଁ ଆସି ତାଙ୍କୁ ଉଦ୍ଧାର କରିଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରବର୍ତ୍ତୀ ସମୟରେ କଟକସ୍ଥିତ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ସୂଚନା ମିଳିଛି ।ଘଟଣା ସମ୍ପର୍କରେ ଶଙ୍କର ବାରିକଙ୍କ ଅଭିଯୋଗ ଆଧାରରେ ଭୋଗରାଇ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ବୋହୂ ଶିବାନୀ ବାରିକଙ୍କୁ ଗିରଫ କରିଛି । ପୋଲିସ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଶିବାନୀଙ୍କର ପ୍ରାୟ ଚାରି ବର୍ଷ ପୂର୍ବେ ଶଙ୍କର ବାରିକଙ୍କ ସହ ବିବାହ ହୋଇଥିଲା ଏବଂ ସେମାନଙ୍କର ଏକ ପୁତ୍ର ସନ୍ତାନ ରହିଛି । ତେବେ ଶାଶୁ-ବୋହୂଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ପାରିବାରିକ କଳହ ଲାଗି ରହିଥିବା ପଡ଼ୋଶୀମାନେ କହିଛନ୍ତି । ପୋଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି ।

### ବ୍ଲକ୍ ଅଫିସରେ ସୂଚନା ଅଧିକାର କର୍ମୀଙ୍କୁ ଦୁର୍ବ୍ୟବହାର
## ଅବସରପ୍ରାପ୍ତ କର୍ମଚାରୀ ନାଁ ରେ ଏତଲା

କଟକ, (ସ୍ୱପ୍ର) : କଟକ ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା, ଦୁର୍ନୀତି ଓ କାର୍ଯ୍ୟାଳୟ ପରିସରରେ ସରକାରୀ କ୍ୱାର୍ଟର ଅପବ୍ୟବହାର ହେଉଥିବା ନେଇ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଆରଟିଆଇରେ ଏବାବଦରେ ତଥ୍ୟ ମାଗିଥିଲେ । ଧାର୍ଯ୍ୟ ସମୟସୀମା ମଧ୍ୟରେ ତଥ୍ୟ ନମିଳିବାରୁ ୨ଟି କେସରେ ପ୍ରଥମ ଅପିଲ କରିଥିଲେ । ଅପିଲ ଶୁଣାଣୀ ଗତ ଜୁନ ୨୫ ଓ ଆସନ୍ତା ୩୦ତାରିଖରେ ଶୁଣାଣୀ କରିବା ପାଇଁ ଚିଠି କରିଥିଲେ । ଜୁନ ୨୫ତାରିଖ ଦିନ ଜିତେନ୍ଦ୍ର ପ୍ରଥମ ଅପିଲ ଶୁଣାଣୀ ପାଇଁ କଟକସଦର ବିଡିଓ ଅଫିସ ଯାଇ ଅଫିସରେ ଫାଇଲ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ କେସ୍ ଶୁଣାଣୀ ସମ୍ପର୍କରେ ପଚାରିଥିଲେ । ବିଡିଓ ନାହାଁନ୍ତି ଆଜି ଆରଟିଆଇରେ କିଛି ହେବନାହିଁ ବୋଲି କର୍ମଚାରୀ କହି ଦୁର୍ବ୍ୟବହାର କରିଥିଲେ । ଏହାପରେ ଜିତେନ୍ଦ୍ର ଉକ୍ତ କର୍ମଚାରୀଙ୍କ ପରିଚୟ ପଚାରିବାରୁ କହିଲେ ମୁଁ ବିକାଶ ପ୍ରଧାନ କିରାଣୀ ଅଛି କହି ଚୌକିରୁ ଉଠିଆସି ଜିତେନ୍ଦ୍ରଙ୍କୁ ପେଲିଦେଇ ଦୁର୍ବ୍ୟବହାର କରିଥିଲେ । ଏସମ୍ପର୍କରେ ଜିତେନ୍ଦ୍ର ଏବିଡିଓଙ୍କୁ ଜଣାଇବା ସହ ନିକଟସ୍ଥ ସିଆରଆରଆଇ ଥାନା, ରାଜ୍ୟ ସୂଚନା କମିଶନ, ବିଡିଓଙ୍କୁ ଲିଖିତ ଜଣାଇବା ସହ ଜନଶୁଣାଣୀ ପୋର୍ଟାଲରେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗକୁ ଜଣାଇଛନ୍ତି । ଏହି ସ୍ଥାନରେ ଥିବା ସିସିଟିଭି ଓ ଉକ୍ତ ଦିନର ଉପସ୍ଥିତ ଅଧିକାରୀ, କର୍ମଚାରୀଙ୍କ ନାମ, ୨୫ତାରିଖ ଘଟଣା ସ୍ଥାନର ସିସିଟିଭି ଫୁଟେଜ୍ ଆରଟିଆଇରେ ଜିତେନ୍ଦ୍ର କଟକସଦର ପଞ୍ଚାୟତ ସମିତି ଜନସୂଚନା ଅଧିକାରୀଙ୍କୁ ଆରଟିଆଇରେ ମାଗିଛନ୍ତି । ସୂଚନା ଥାଉକି ଦୁର୍ବ୍ୟବହାର କରିଥିବା ବିକାଶ ପ୍ରଧାନ ନାମକ ଯୁବକ ଗତ ମାର୍ଚ୍ଚ ମାସରୁ କାର୍ଯ୍ୟରୁ ଅବସର ନେବା ପରେ କଟକସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ କେଉଁ ଆଦେଶ ବଳରେ ଅଫିସ କାର୍ଯ୍ୟ କରୁଛନ୍ତି ଏବଂ ଏହାକୁ ବିଡ଼ିଓ ପ୍ରତୀକ ସାହୁ ପ୍ରଶ୍ରୟ ଦେଉଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ, ସୁରକ୍ଷା ଦାବୀ କରିଛନ୍ତି ଜିତେନ୍ଦ୍ର ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ବଡ଼ଦାଣ୍ଡ ସ୍ଥିତ ରଥଖଳାରେ ପହଞ୍ଚି ରଥ ମହାରଣା ମାନଙ୍କ ସହ ଆଲୋଚନା କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜନଅରରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାସଭବନରେ ପହଞ୍ଚି ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି, ଏହି ଅବସରରେ ଓଡ଼ିଶାର କଳା, ସଂସ୍କୃତି ଓ ପର୍ଯ୍ୟଟନର ପ୍ରଚାର ପ୍ରସାର ଉପରେ ଆଲୋଚନା କରିଛନ୍ତି

# ଚିକିତ୍ସା ଅବହେଳାରୁ କଏଦୀର ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ଡକାୟତି ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜାର୍‌ପଡା ଜେଲ୍‌ରେ ସଜା ଭୋଗୁଥିବା ଏକଦୀ ଯବାନ ନାୟକ (୫୫)ଙ୍କର ସୋମବାର ମୃତ୍ୟୁ ହୋଇଛି । ଶାରୀରିକ ଅସୁସ୍ଥତା ପାଇଁ ସେ ପୂର୍ବରୁ ଚିକିତ୍ସିତ ହେଉଥିଲେ ମଧ ଚିକିତ୍ସା ସନ୍ତୋଷଜନକ ନଥିବା ତାଙ୍କ ପରିବାର ଲୋକେ କହିଛନ୍ତି ।

ରବିବାର ରାତିରେ ସବୁ କଏଦୀଙ୍କ ଭଳି ଯବାନ ଖାଇପିଇ ଶୋଇଥିଲେ । ସକାଳୁ ନଉଠିବାରୁ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଯବାନ ଘର ତାରେଣୀ ବସ୍ତିରେ ହୋଇଥିବାରୁ ଖବର ପାଇ କ୍ୟାପିଟାଲ ହସ୍ପିଟାଲରେ ପରିବାର ଲୋକେ ପହଞ୍ଚି ବ୍ୟବଚ୍ଛେଦ ପରେ ଶବ ନେଇଛନ୍ତି ।

ଝାରପଡା ଜେଲ୍‌ରେ ପ୍ରଶାସନିକ ଢିଲା ପାଇଁ ଦିନକୁ ଦିନ ଅଘଟଣ ଘଟିବାରେ ଲାଗିଛି । ଦୁଇ ତିନିଦିନ ପୂର୍ବରୁ ଏକସଂଗେ ୫ କଏଦୀ ଅସୁସ୍ଥ ହୋଇ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ । ସେମାନେ ନିଶା ଖାଇ ଅସୁସ୍ଥ ହୋଇଥିବା ଜଣାପଡିଥିଲେ ମଧ୍ ଜେଲ୍ କର୍ତ୍ତୃପକ୍ଷ ଘଟଣା ଉପରେ କିଛି ସ୍ପଷ୍ଟ ନକରି ତଦନ୍ତ ପରେ ସବୁ ଜଣାପଡିବ ବୋଲି କହିଥିଲେ ।

## ରାଜ୍ୟସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ

# ୮ ଡିଜିଟାଲ୍ ଆପ୍ଲିକେସନ୍, ୯ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ପ୍ରକାଶନ ଲୋକାର୍ପିତ

ଭୁବନେଶ୍ୱର(ସବ୍ୟୁ): ଯୋଜନା ଓ ସଂଯୋଜନ ବିଭାଗ ଅଧୀନସ୍ଥ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ (ଡିଇଆଣ୍ଡଏସ୍) ପକ୍ଷରୁ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ଅବସରରେ ଦକ୍ଷ ଜନସେବା ପ୍ରଦାନ ପାଇଁ ପ୍ରଶାସନିକ ତଥ୍ୟର ସଦୁପଯୋଗ ଶୀର୍ଷକ ଏକ ଦୁଇଦିନିଆ କର୍ମଶାଳା ଆଜ(ସୋମବାର) ଠାରୁ ଲୋକସେବା ଭବନସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଆରମ୍ଭ ହୋଇଛି । କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ପ୍ରଶାସନିକ ତଥ୍ୟର ସମ୍ଭାବନାକୁ ଉନ୍ମୋଚନ କରିବା ଲକ୍ଷ୍ୟ ସହ ସାମଞ୍ଜସ୍ୟ ରଖି ଏହି କର୍ମଶାଳାର ଆୟୋଜନ କରାଯାଇଛ ।

ଏହି ଅବସରରେ ବରିଷ୍ଠ ସରକାରୀ ଅଧିକାରୀ, ପରିସଂଖ୍ୟାନବିତ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ, ବିକାଶ ସହଯୋଗୀ ସଂସ୍ଥାର ପ୍ରତିନିଧି ଏବଂ ବିଷୟ ବିଶେଷଜ୍ଞମାନେ ଯୋଗଦେଇ ପ୍ରମାଣଭିତ୍ତିକ ଶାସନ ବ୍ୟବସ୍ଥା ଏବଂ ଦକ୍ଷ ଜନସେବା ପ୍ରଦାନରେ ପ୍ରଶାସନିକ ତଥ୍ୟର ଭୂମିକା ଉପରେ ମତବିନିମୟ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଭାରତର ଆଧୁନିକ ପରିସଂଖ୍ୟାନ ବ୍ୟବସ୍ଥାର ରୂପକାର ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନବିଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

ଉଦଘାଟନୀ ଅଧିବେଶନରେ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର ସମସ୍ତ




ବିଭାଗରେ ପରିସଂଖ୍ୟାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର ମହଲାନବିଶଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେଉଛି ତାଙ୍କ ପ୍ରଦର୍ଶିତ ପଥରେ ଅଗ୍ରସର ହେବା ବୋଲି ସେ କହିଥିଲେ । ସେ ପ୍ରଶାସନିକ ତଥ୍ୟର ଅପାର ସମ୍ଭାବନା ସମ୍ପର୍କରେ ଆଲୋକପାତ କରିବା ସହ ସର୍ବେକ୍ଷଣ ତଥ୍ୟ ସହିତ ଏହାର ଯାଞ୍ଚ ଓ ସତ୍ୟାପନ ପରେ ସଠିକ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ । ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡ଼.ବି. ବି. ନନ୍ଦ ସ୍ୱାଗତ ଅଭିଭାଷଣ ରଖିଥିଲେ । ପରିସଂଖ୍ୟାନ କାର୍ଯ୍ୟକଳାପରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ବଲପୁର, ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ଯୋଜନା ଓ ମନିଟରିଂୟୁନିଟ୍ (ଡିପିଏମୟୁ)କୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ଡିପିଏମୟୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଡିଇଏଣ୍ଡଏସର ଓଏସଡି ମାନସ ରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାମ୍ବାଦିକଙ୍କୁ ପେନସନ୍ ପ୍ରସଙ୍ଗ

# ତିନି ମାସରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ସାମ୍ବାଦିକଙ୍କୁ ପେନସନ ପ୍ରଦାନ ପ୍ରସଙ୍ଗକୁ ନେଇ ଦାୟର ମାମଲାରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରସଙ୍ଗରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ତିନି ମାସ ସମୟ ପ୍ରଦାନ କରିଛନ୍ତି । ସମସ୍ତ ପ୍ରକାରର ପ୍ରଶାସନିକ ପଦକ୍ଷେପ, ସଂସାଧନ, ଆର୍ଥିକ ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ବିଚାରକୁ ନେଇ ସାମ୍ବାଦିକଙ୍କୁ ପେନସନ ପ୍ରଦାନ ସଂକ୍ରାନ୍ତରେ ସରକାର ତିନି ମାସ ଭିତରେ ଉପଯୁକ୍ତ ନିଷ୍ପତି ଗ୍ରହଣ କରିବେ ଡକଫର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସିନିୟର ଜର୍ଣାଲିଷ୍ଟ ଆସୋସିଏସନ, ଓଡ଼ିଶା (ଏସଜେଓ) ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଯଦି ଧାର୍ଯ୍ୟ ସମୟସୀମା ଭିତରେ ଏହି ପ୍ରସଙ୍ଗରେ ପଦକ୍ଷେପ ନିଆନଯାଏ, ତେବେ ଆବେଦନକାରୀ ସାନି ଅଦାଲତ ଅବମାନନା ମାମଲା ରୁଜୁ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପ୍ରତ୍ୟୁଷା ନାଇଡୁ ମାମଲା ପରିଚାଳନା କରୁଥିଲେ । ବରିଷ୍ଠ ସାମ୍ବାଦିକ ସଂଗଠନ ପକ୍ଷରୁ ଗତ କିଛିଦିନ ଧରି ଲଗାତର ଭାବେ ସାମ୍ବାଦିକ ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ସ୍ୱର ଉତ୍ତୋଳନ ଓ ଉଦ୍ୟମ ଜାରି ରଖିଥିବାରୁ ଓଡ଼ିଶା ସାମ୍ବାଦିକ ସଂଘର ପୂର୍ବତନ ସଭାପତି, ସାଧାରଣ ସମ୍ପାଦକ ରବି ରଥ ସଂଗଠନ ପ୍ରତି କୃତଜ୍ଞତା ଜଣାଇଛନ୍ତି । ଇତିମଧ୍ୟରେ ଭାରତର ୧୮ଟି ରାଜ୍ୟରେ ସାମ୍ବାଦିକ ପେନସନ ବ୍ୟବସ୍ଥା ଲାଗୁ ହୋଇଛି ।

# ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ପୋଲିଓ ଦିବସ

କଟକ, (ସ୍ୱପ୍ର) : ବିଶ୍ୱ ପୋଲିଓ ଦିବସ ଅବସରରେ ରବିବାର ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିଓ ନିରାକରଣ ସଚେତନତା କାର୍ଯ୍ୟକ୍ରମ ସହ ପୋଲିଓ ଟିକାକରଣ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କଟକ ସିଏମସି କମିଶନର କିରଣଦୀପ କୌର ସାହୋତା, ମେୟର ସୁବାସ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ



ସତ୍ୟବ୍ରତ ମହାପାତ୍ର, ସିଏମସି ସ୍ୱାସ୍ଥ୍ୟ କମିଟିର ଅଧକ୍ଷା ଦୀପ୍ତିମୟୀ ମୁଳିଆ, ୱାର୍ଡ କର୍ପୋରେଟର ମୀନା ସାହୁ ଏବଂ କର୍ପୋରେଟର ଟୁଟୁ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କୁ ପୋଲିଓ ଟିକା ଖୁଆଇବା ସହ ଅଭିଭାବକଙ୍କୁ ନିୟମିତ ଭାବେ ପୋଲିଓ ଟିକା ଦେବା ପାଇଁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଏବଂ ବହୁ ଅଭିଭାବକ ଯୋଗଦେଇ ଅଭିଯାନକୁ ସଫଳ କରିଥିଲେ ।

# ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ଓଡ଼ିଶା ସହ ପ୍ରଭାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶ୍ରୀ ଦାସ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ରାହୁଲ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ପାଇଁ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ରାହୁଲ ଗାନ୍ଧୀ ହେଉଛନ୍ତି ସାରା ଦେଶ ଏବଂ ଓଡ଼ିଶା ବାସୀଙ୍କ ଛାତ୍ରଛାତ୍ରୀମାନଙ୍କର ସ୍ୱର । ଏହା ଏକ ଆନ୍ଦୋଳନ ନୁହଁ ଏହା ହେଉଛଛି ଏକ ପରିବର୍ତ୍ତନ । ନିଟ୍ ପରୀକ୍ଷା ଠାରୁ ଆରମ୍ଭ କରି ସିବିଏସ୍‌ଇ ପର୍ଯ୍ୟନ୍ତ ଯେଉଁ ଭାଇ ଭଉଣୀ ସାରା ଭାରତ ବର୍ଷରେ ଶିକ୍ଷା ଦୁର୍ନୀତି ଚାଲିଛି ଏହା ଚିନ୍ତାଜନକ । ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶରେ ଏବଂ ଶ୍ରୀ ଦାସଙ୍କ ଆହ୍ୱାନ କ୍ରମେ ସରକାରୀ ଏବଂ ବେସରକାରୀ କଲେଜରେ ଭୁବନେଶ୍ୱରରେ ଆଗାମୀ ୪୦ ଦିନ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କ ସାମ୍ନାରେ ଏକ ପ୍ରତିବାଦକ କାର୍ଯ୍ୟକ୍ରମ ସହ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମ ବିଷୟରେ ଅବଗତ କରିବା ସହିତ ସେମାନଙ୍କର ଅଧିକାରକୁ କିପରି ଭାବେ ପାଇପାରିବେ ତାହା ଉପରେ ଆଲୋକପାତ



କରିବା ପାଇଁ ଶ୍ରୀ ପାଢ଼ୀ ତାଙ୍କ ମନ୍ତବ୍ୟରେ କହିଲେ ଯେ ରାହୁଲ ଗାନ୍ଧୀଙ୍କ କାର୍ଯକ୍ରମକୁ ସୂଚାରୁ ରୂପେ ତୁଲାଇବା ପାଇଁ ଯୁବ କଂଗ୍ରେସ ଛାତ୍ର କଂଗ୍ରେସ ଏବଂ ସମସ୍ତ ସଂଗଠନ ମୁଖ୍ୟମାନଙ୍କୁ ମୁଁ ଅନୁରୋଧ କରୁଛି । ଏହି କାର୍ଯ୍ୟକ୍ରମ ରାହୁଲ ଗାନ୍ଧୀଙ୍କର ଯେଉଁମାନେ ସଚ୍ଚା ସିପାହୀ ହୋଇଥିବେ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମାପନ କରିବେ । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକୟାସିର ନୱାଜ, ସୋସିଆଲ ମିଡ଼ିଆ ସହ ଅଧକ୍ଷ ସନ୍ତୋଷ ପ୍ରଧାନଙ୍କ ସମେତ ଅନେକ ଯୁବ କଂଗ୍ରେସ ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଏବଂ ସମସ୍ତ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ଯୋବ୍ରା ରଥ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଳିତ

କଟକ (ସବ୍ୟୁ): ଯୋବ୍ରାରଥ ର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀଜୀଉମାନଙ୍କ ସୁବାସିତ ଜଳରେ ସ୍ନାନ କରିବା ପାଇଁ ମହାନ ନଦୀ ମହାନଦୀ ରୁ ପାଣି ବ୍ରାହ୍ମ ମୁହୂର୍ତ୍ତରେ ଆଣିବା ପରେ ମନ୍ଦିର ସେବକ ଶ୍ରୀ ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ଶୁଭେନ୍ଦୁ ମହାନ୍ତି,ଅଧିକାରୀ କାଶୀନାଥ ନାୟକ, ମହନ୍ତ ଶିବେନ୍ଦ୍ର ନାୟକ, ଶୁଭମ୍ ପଟ୍ଟନାୟକ, ଦେବାଶିଷ ବେହେରା, ଜଗନ୍ନାଥ୍ ନାୟକ, ଶଙ୍କର ନାୟକ ପରୀକ୍ଷିତ ନାଏକ, ଅଜିତ ସ୍ୱାଇଁ, ଶୁଭମ୍ ନାୟକ, ଅଜିତ ସ୍ୱାଇଁ, ଦାଶରଥି ନାୟକ,ରମେଶ ମହାରଣା, ଲକ୍ଷ୍ମଣ ନାୟକ ଓ ଅଚ୍ୟୁତାନନ୍ଦ ପଣ୍ଡା ଯୋଗ ଦେଇଥିଲେ ବୋଲି ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ ଜଣାଇଛନ୍ତି । ମନ୍ଦିର ରୁ ସ୍ନାନ ମଣ୍ଡପକୁ ଗୋଟି ପହଣ୍ଡି ରେ ଚତୁର୍ଦ୍ଧାମୂର୍ତ୍ତି ବାହାରିଥିଲେ ଓ ମହାପ୍ରଭୁଙ୍କ ଏହି ପବିତ୍ର ସ୍ନାନଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ସପରିବାର ଯୋଗଦେଇ ଆଶୀର୍ବାଦ ଲାଭ କରିଥିଲେ ।ଚତୁର୍ଦ୍ଧାମୂର୍ତ୍ତି ଙ୍କ ଗଜାନନ ବେଶ ସମାପନ ପରେ ଅନୁଷ୍ଠାନର ପୂଜକ ବିଜୟ ପଣ୍ଡା ମହାଆଳତୀ କରିଥଲେ ।

# ଜଳିଗଲା କୋଇଲା ବୋଝେଇ ଚଳନ୍ତା ଟ୍ରକ

ବେତନଟୀ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉପକଣ୍ଠ ୧୮ ନଂ ଜାତୀୟରାଜପଥର ତାରାକୋଟି ବଡପୋଲ ଠାରେ ସୋମବାର ପୂର୍ବାହ୍ନ ସମୟରେ ଏକ ଚଳନ୍ତା କୋଇଲା ବୋଝେଇ ଟ୍ରକରେ ଆକସ୍ମିକ ଭାବରେ ନିଆଁ ଲାଗି ଜଳିଗଲା ଟ୍ରକ , ଚାଳକ ଏବଂ ଖଲାସୀ ଅଳ୍ପକେ ଜୀବନ ବଞ୍ଚାଇଲେ । ଦୀର୍ଘ ଘଣ୍ଟା ପରେ ନିଆଁକୁ ବେତନଟୀ ଅଗ୍ନିଶମବାହିନୀ ଆୟତ୍ତକଲା । ପ୍ରାପ୍ତ ସୂଚନା ମୁତାବକ ଓଡି -୧୧ଜେଡ-୭୮୪୭ ନମ୍ବର ବିଶିଷ୍ଟ ଏକ ଟ୍ରକଯୋଗେ କୋଇଲା ବୋଝେଇକରି ବାରିପଦା ଅଭିମୁଖେ ଯାଉଥିବା ବେଳେ କୌଣସି କାରଣରୁ ତାରକୋଟି ବଡପୋଲଠାରେ ଚଳନ୍ତା ଅବସ୍ଥାରେ ନିଆଁ ଲାଗିଯାଇଥିଲା । ହଠାତ ନିଆଁ ଉଗ୍ରରୂପ ଧାରଣ କରିବା ସହ ଅଣାୟତ୍ତ ହୋଇପଡ଼ିଥିଲା । ବେତନଟୀ ପୁଲିସ ଏବଂ ଅଗ୍ନିଶମ ବାହିନୀ ସଙ୍ଗେସଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିଲେ । ସୁରକ୍ଷା ଦୃଷ୍ଟି କୋଣରୁ ରାଜପଥର ଗୋଟିଏ ପାର୍ଶ୍ୱରେ ଯାତାୟାତକୁ କିଛି ସମୟ ପାଇଁ ବନ୍ଦ ରଖାଯାଇଥିଲା । ଅଗ୍ନିଶମ ବାହିନୀର ଦୀର୍ଘଘଣ୍ଟାର ଉଦ୍ୟମ ସତ୍ତ୍ୱେ ଟ୍ରକ ଜଳିପୋଡି ପାଉଁଶ ହୋଇଯାଇ ଥିଲା । ତେବେ ଟ୍ରକର ଚାଳକ ଏବଂ ଖଲାସୀ କୌଣସି ପ୍ରକାରେ ନିଜର ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି । ସର୍ଟସର୍କିଟ କିମ୍ବା ଅତ୍ୟଧିକ



ଉତ୍ତାପରୁ ଏଭଳି ଆକସ୍ମିକ ଅଗ୍ନିକାଣ୍ଡ ଭଙ୍କର ରୂପ ଧାରଣ କରିଥିବାର ଅନୁମାନ କରାଯାଉଛି । ଏ ନେଇ ବେତନଟୀ ପୁଲିସ ଏକ ମାମଲା ରୁଜୁ କରିଛି ।

# ଅନନ୍ତ ପୁରୁଷୋତ୍ତମ ଦେବ ପୂର୍ଣ୍ଣବିଗ୍ରହ ଶ୍ରୀଜୀଉଙ୍କ ଦେବସ୍ନାନ ଯାତ୍ରା



ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ଜାଗୁଲାଇପାଟଣସ୍ଥିତ ଅନନ୍ତ ପୁରୁଷୋତମ ଦେବ ପୂର୍ଣ୍ଣବିଗ୍ରହ ଶ୍ରୀଜୀଉଙ୍କ ଦେବସ୍ନାନ ପର୍ଣ୍ଣମୀ ଉପଲକ୍ଷେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା ଆଜି ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା । ପାହାନ୍ତାରୁ ପହଡ଼ ଫିଟିବା ପରେ ବାଲଭୋଗ, ଧୂପ, ଦୀପ ନୈବଦ୍ୟ ଲାଗିହେବା ପରେ ଜଗନ୍ନାଥ, ବଳଭଦ୍ର, ଶୁଭଦ୍ରା ଏବଂ ସୁର୍ଦଶନଙ୍କୁ ସୁନ୍ଦରଟାହିଆ ପିନ୍ଧା ଯାଇ ଧୀରେଧୀରେ ଖୋଳ, କରତାଳ, ଘଂଟ ଧ୍ୱନୀ, ହୁଳହୁଳି, କାହାଳୀ ମୃଦଙ୍ଗ ସାହାର୍ଯ୍ୟରେ ପହଣ୍ଡି ବିଜେ କରାଯାଇ ସ୍ନାନ ବେଦିକୁ ଆଗମନ କରାଯାଇଥିଲା । ସେଠାରେ ତିନି ଠାକୁରଙ୍କ ପୂଜା ଅର୍ଚ୍ଚନା କରିବା ପରେ କାରୁଣକୁଣ୍ଡରୁ ଅଣାଯାଇଥିବା ସୁବାସିତ ଜଳେ ତିନି ଠାକୁର ଓ ସୁର୍ଦଶନଙ୍କୁ ସ୍ନାନ କରିବା ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା । ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦୁର୍ଲଭ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସଂଧ୍ୟାରେ ଶ୍ରୀଜୀଉଙ୍କ ବାହୁଡା ପହଣ୍ଡି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁଙ୍କ ହରିବୋଲ, ଘଂଟ, ଘଂଟି ଧ୍ୱନୀରେ ଶ୍ରୀଜୀଉଙ୍କ ପରିବେଶ ପ୍ରକମ୍ପିତ ହୋଇଥିଲା ।

# ମହୁଲ ଗଛରୁ ମହିଳାଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର,(ଜିପ୍ର) : କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଡାଲପକା ପଞ୍ଚାୟତର କେନ୍ଦୁଯୋଡା ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ଶବ ନିକଟସ୍ଥ ଏକ ମହୁଲ ଗଛରୁ ଝୁଲନ୍ତା ଅବସ୍ଥାରେ ପାଟଣା ପୋଲିସ ଉଦ୍ଧାର କରି ଜବତ କରିଛି । ମୃତକ ହେଲେ କେନ୍ଦୁଯୋଡା ଗ୍ରାମର ରାଜେଶ ମାଝୀଙ୍କ ସ୍ତ୍ରୀ ଫୁଲବତୀ ମାଝୀ (୧୮) । ଫୁଲବତୀ ଗତ ଶନିବାରଠାରୁ ନିଖୋଜ ଥିଲେ । ତେବେ ତାଙ୍କ ଘରଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ଏକ ମହୁଲ ଗଛ ଡାଳରେ ସେ ନିଜ ପିନ୍ଧିଥିବା ଲୁଗାରେ ଫାଶି ଲଗାଇ ଝୁଲିଥିବା ଅବସ୍ଥାରେ ମୃତଦେହ ମିଳିଥିଲା ।ସୋମବାର ସକାଳେ ଗ୍ରାମର କିଛି ମହିଳା ଜଙ୍ଗଲକୁ ଯାଉଥିବା ବେଳେ ମହୁଲ ଗଛରେ ଫୁଲବତୀଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ । ପରେ ସେମାନେ ଗ୍ରାମବାସୀଙ୍କୁ ଖବର ଦେବା ସହ ପୋଲିସକୁ ସୂଚନା ଦେଇଥିଲେ ।

# ପଟିଆ ଡ଼ିଗ୍ରୀ ମହାବିଦ୍ୟାଳୟରେ ପାଠାଗାର ମହତ୍ତ୍ୱ ଉପରେ ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର, (ସବ୍ୟୁ): ପଟିଆ ସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟରେ "ମହାବିଦ୍ୟାଳୟର ଦର୍ପଣ: ପାଠାଗାର - ଆଭାସୀ ଦୁନିଆରେ ଆହ୍ୱାନ" ଶୀର୍ଷକ ଏକ ଜାତୀୟ ସ୍ତରର ଆଲୋଚନାଚକ୍ର ସଫଳତା ସହ ଗତ ୨୬ ଜୁନରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଓ ରାଜ୍ୟ ବାହାରୁ ପ୍ରାୟ ୬୦ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀଆନ୍, ଅଧ୍ୟକ୍ଷ, ନାକ୍ ସଂଯୋଜକ ପ୍ରତିନିଧିମାନେ ଯୋଗଦେଇଥବା ଏହି ଏକ ଦିବସୀୟ ସେମିନାରକୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକର କୁଳପତି ପ୍ରାଧ୍ୟାପକ ଅର୍କ କୁମାର ଦାସ ମହାପାତ୍ର ମୁଖ୍ୟ ଅତିଥି ରୂପେ ଉଦଘାଟନ କରିଥିଲେ । ଧାନବାଦ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରାଧ୍ୟାପକ ରାଧାନାଥ ତ୍ରିପାଠୀ ବିଶିଷ୍ଟ ବକ୍ତା ରୂପେ ଯୋଗ



ଦେଇଥିବା ବେଳେ, କିଟ୍ ବିଶ୍ୱବିଦ୍ୟାଳୟର ସେଣ୍ଟ୍ରାଲ ଲାଇବ୍ରେରୀର ମୁଖ୍ୟ ଗ୍ରନ୍ଥଗାରିକ ଡଃ ବିଜୟଲକ୍ଷ୍ମୀ ରାଉତରାୟ ମୁଖ୍ୟ ବକ୍ତା ରୂପେ ତାଙ୍କ ନିବନ୍ଧ ପ୍ରସ୍ତୁତି କରିଥିଲେ । ନାକ ମାନ୍ୟତା ଓ ମହାବିଦ୍ୟାଳୟର ଗୁଣବତ୍ତା ଦିଗରେ ଲାଇବ୍ରେରୀର ଭୂମିକା ଉପରେ ନିମନ୍ତ୍ରିତ ପରାମର୍ଶଦାତା, ଆଇକ୍ୟୁଏସି ଗାଇଡ ସଂସ୍ଥାର ନିର୍ଦ୍ଦେଶକ ଦିଲ୍ଲୀପ ମଙ୍ଗରାଜ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନ ସଭାରେ ନାକ ସଂଯୋଜକ ଅଧାପିକା ଗାର୍ଗୀ ବାନାର୍ଜୀ ସ୍ୱାଗତ ଭାଷଣ ଓ ମୁଖ୍ୟ ଗ୍ରନ୍ଥଗାରିକା ଶ୍ରୀମତୀ ସୁଜାତା ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଦ୍ୱିତୀୟ ବୈଷୟିକ ସଭାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ନିରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ମୋଟ ୮ ଜଣ ଲାଇବ୍ରେରୀଆନ୍ ଯେଉଁମାନେ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ପ୍ରଦେଶରୁ ଯୋଗଦେଇଥିଲେ, ସେମାନେ ସେମାନଙ୍କର ନିବନ୍ଧ ପାଠ କରିଥିଲେ । ମହାବିଦ୍ୟାଳୟର ସହଯୋଗୀ ଗ୍ରନ୍ଥଗାରିକ ସୁଚିତ ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଚୟନିତ ବିଦ୍ୟାର୍ଥୀ ମାନେ ଏକ ପ୍ରଶ୍ନୋତ୍ତର କାଳାଂଶରେ ଭାଗ ନେଇଥିଲେ ।

# ଐତିହାସିକ କ୍ଷେତ୍ର କୁଲାଡ଼ରେ ଦେବସ୍ନାନ ପୂର୍ଣ୍ଣିମା



କୁଲାଡ଼, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ଐତିହାସିକ କ୍ଷେତ୍ର ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ କୁଲାଡ଼ ଠାରେ ଚଳିତ ବର୍ଷର ଦେବସ୍ନାନ ପୂର୍ଣ୍ଣିମା ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି । ଏହି ଅବସରରେ ସୋମବାର ଦିନ ଶ୍ରୀଶ୍ରୀ ଜଗନ୍ନାଥ ସ୍ୱାମୀ, ଦେୀ ଶୁଭଦ୍ରା, ଶ୍ରୀଶ୍ରୀ ବଳଭଦ୍ର ସ୍ୱାମୀ, ପ୍ରଭୁ ସୁଦର୍ଶନ ଓ ଅନ୍ୟାନ୍ୟ ଦେବାଦେବୀଙ୍କୁ ଘଣ୍ଟ ଘଣ୍ଟା ବଜାଇ ହୁଳହୁଳି ପକାଇ ସ୍ନାନ ମଣ୍ଡପକୁ ପହଣ୍ଡି ବିଜେ କରାଯାଇ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଯାଇଥିଲା । ଜୀଉ ମାନଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ବହୁ ଭକ୍ତ ବିଭିନ୍ନ ଅଞ୍ଚଳରୁ ଆସି ସ୍ନାନ ମଣ୍ଡପଠାରେ ରୁଣ୍ଡ ହୋଇ ନିଜକୁ ଧନ୍ୟମନେ କରିଥିଲେ । ସ୍ଥାନୀୟ ତହସିଲଦାର ଅଭିପ୍ସା ପଟ୍ଟନାୟକ ଓ ଆଇଆଇ ଭଗବାନ ବେହେରା ପ୍ରମୁଖ ଯୋଗଦେଇ ଏହାର ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ । ଶାନ୍ତି, ଶୃଙ୍ଖଳା ନିମନ୍ତ ପୋଲିସ ବାହିନୀ ଉପସ୍ଥିତ ଥିଲେ ।

## ଆୟ ବର୍ହିଭୂତ ସମ୍ପତ୍ତି ମାମଲା, ପୂର୍ବତନ ଜେଇ ଗଙ୍ଗାଧର ମହାନ୍ତଙ୍କୁ ୨ ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ମାମଲା ରୁଜୁ ହୋଇ ମୟୂରଭଞ୍ଜ ଜିଲ୍ଲା ଲିଫଂ ଇରିଗେସନ ବିଭାଗର ପୂର୍ବତନ କନିଷ୍ଠ ଯନ୍ତ୍ରୀ (ଅବସରପ୍ରାପ୍ତ) ଗଙ୍ଗାଧର ମହାନ୍ତଙ୍କୁ ସୋମବାର ବାରିପଦା ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି । ମାମଲାର ବିଚାର ଶେଷରେ ଅଦାଲତ ଶ୍ରୀ ମହାନ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଜରିମାନା ଅନାଦେୟ କ୍ଷେତ୍ରରେ ତାଙ୍କୁ ଅତିରିକ୍ତ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ତଦନ୍ତ ସମୟରେ ଶ୍ରୀ ମହାନ୍ତ ତାଙ୍କ ଜଣାଶୁଣା ଆୟଠାରୁ ଅଧିକ ପରିମାଣର ସମ୍ପତ୍ତି ଠୁଳ କରିଥିବା ପ୍ରମାଣ ମିଳିବା ପରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା ।



ଗତିରାଉତପଟଣା ସ୍ଥିତ ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା

# ଟ୍ରେନ ଯାତ୍ରୀଙ୍କ ମୃତଦେହ ଜବତ କଲା ପୋଲିସ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ରେଳଷ୍ଟେସନ ପ୍ଲାଟଫର୍ମ-୧ ରେ ସୋମବାର ସକାଳେ ଜିଆରପି ପୋଲିସ ଗୁରୁତର ଥିବା ଜଣେ ଯାତ୍ରୀଙ୍କୁ ଉଦ୍ଧାର କରିଥିଲା । ତାଙ୍କୁ ଏମକେସିଜି ମେଡିକାଲ ପଠାଇଥିଲା । ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ମୃତବ୍ୟକ୍ତି ଜଣଙ୍କ ସଦର ଥାନା ଅଲାରିଗଡ ବଡ଼ସାହିର ପାଣ ଭୂୟାଁ (୬୧) । ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ସରକାରୀ ରେଳବାଇ ପୋଲିସ ସନ୍ଦେହ କରୁଛି । ଏନେଇ ୪୨/୨୬ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଘଟଣାରୁ ପ୍ରକାଶ ଯେ, ପାଣ ଭୂୟାଁଙ୍କ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ସେ ସୁରତ କାମ କରିବା ପାଇଁ ଚାଲି ଯାଇଥିଲେ । ଗତ ୪ ଦିନ ତଳେ ତାଙ୍କର ଜଣେ ପୁଅଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ସେ ଏହମେଦାବାଦ -ପୁରୀ ଟ୍ରେନର ସାଧାରଣ ବଗିରେ ସେ ବ୍ରହ୍ମପୁର ଆସୁଥିଲେ । ଆଜି ସକାଳେ ବ୍ରହ୍ମପୁର ରେଳଷ୍ଟେସନରେ ଟ୍ରେନ ଅଟକିବା ପରେ ସେ ପ୍ଲାଟଫର୍ମରେ ଓହ୍ଲାଇଥିଲେ । ଷ୍ଟେସନ ବାହାରକୁ ଯିବା ବେଳେ ପ୍ଲାଟଫର୍ମ -୧ରେ ହଠାତ ସେ ଟଳି ପଡ଼ିଥିଲେ । ସ୍ଥାନୀୟ ଲୋକ ଏନେଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ । ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ପୋଲିସ ସେଠାରୁ ମୃତଦେହ ଜବତ କରିଥିଲା । ତାଙ୍କ ପକେଟରୁ ଆଧାର କାର୍ଡ ଓ କିଛି ଫୋନ ନମ୍ବର ମିଳିଥିଲା । ପୋଲିସ ଫୋନରେ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲା । ତାଙ୍କ ଅନ୍ୟ ଜଣେ ପୁଅ ପ୍ରଦୀପ ଭୂୟାଁ ଓ ପରିବାରର ଅନ୍ୟ ସଦସ୍ୟ ଏମକେସିଜି ମେଡିକାଲରେ ପହଞ୍ଚିଥିଲେ । ପ୍ରଦୀପ ନିଜ ବାପାଙ୍କୁ ସେଠାରେ ଚିହ୍ନଟ କରିଥିଲେ ବୋଲି ପୋଲିସ କହିଛି ।

# କାର୍ଯ୍ୟକାରୀ ହେଉନି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବଦଳି ଆଦେଶ ମାସାଆର୍ମୀ ପକ୍ଷରୁ ପ୍ରତିବାଦ

ବାରିପଦା, (ସବ୍ୟୁ): ରାଜ୍ୟ ସରକାରଙ୍କ ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବଦଳି ଆଦେଶ ଜାରି ହେବାର ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଉକ୍ତ ଅଧିକାରୀଙ୍କୁ ଏପର୍ଯ୍ୟନ୍ତ ରିଲିଭ କରାଯାଇ ନଥିବାରୁ ଏହାର ପ୍ରତିବାଦରେ ମାସାଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଓଡିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବଦଳି ଆଦେଶ ଗତ ମାସ ୨୧ ତାରିଖ ଜାରି ହେବା ପରେ ମଧ ତାହାକୁ କାର୍ଯ୍ୟକାରୀ କରାଯାଉ ନଥିବା ଘଟଣା ସରକାରଙ୍କ ସ୍ୱଚ୍ଛ ଶାସନ, ପ୍ରଶାସନିକ ସ୍ୱଚ୍ଛତା ଓ ଜବାବ ଦେହିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ବିଳମ୍ବ ସରକାରୀ ନିଷ୍ପତ୍ତିର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା ସହ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ତେଣୁ ବଦଳି ଆଦେଶକୁ ଅବିଳମ୍ବ କାର୍ଯ୍ୟକାରୀ କରି ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ରିଲିଭ କରାଯିବାକୁ ମାସାଆର୍ମୀ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଯଦି ଆଗାମୀ ୭ ଦିନ ଭିତରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିଲିଭ କରା ନଯାଏ ତେବେ ମାସାଆର୍ମୀ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ଓ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆଜିର କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ସହିତ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ବିଶୁ ମୁର୍ମୁ, ପ୍ରେମଜିତ ମାରାଣ୍ଡି, ବିକ୍ରମ ମୁର୍ମୁ ପ୍ରମୁଖ ସାମିଲ ଥିଲେ ।

# ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ମହାସ୍ନାନ, ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି । ସୋମବାର ପ୍ରତ୍ୟୁଷରେ ମନ୍ଦିରର ଦ୍ୱାର ଖୋଲି ଠାକୁରଙ୍କୁ ନିଦ୍ରାରୁ ଉଠାଯାଇଥିଲା । ମଙ୍ଗଳଆଳତୀ, ମାଦିଳା ଓ ସୁବାଷିତ ଜଳ ସିଞ୍ଚନ କରି ପ୍ରଥମେ ବଳଭଦ୍ରଙ୍କୁ ଭୋଗ ମଣ୍ଡପକୁ ପହଣ୍ଡି ବିଜେ କରାଯାଇଥିଲା । ସମସ୍ତ ଠାକୁରଙ୍କ ସମ୍ମୁଖରେ ସୁବାଷିତ ଜଳ ସିଞ୍ଚନ କରାଯାଇଥିଲା । ସ୍ନାନମଣ୍ଡପରେ ମହାପ୍ରଭୁ ବଳଭଦ୍ର, ଦେବୀ ଶୁଭଦ୍ରା, ଶ୍ରୀ ଜଗନ୍ନାଥ ଓ ଶ୍ରୀ ସଦୁର୍ଶନଙ୍କ ସମେତ ଚଳନ୍ତି ପ୍ରତିମା ମୋଦନମୋହନ ଓ ଦେବାଦେବୀ ବିଜେ କରିଥିଲେ ଛ ଗଙ୍ଗା ଆହ୍ୱାନ ପରେ ତିନି ମୁଖ୍ୟ ପୂଜକଙ୍କ ସଂକଳ୍ପ ପରେ ପଞ୍ଚାମୃତ ଶୋଧନ ହୋଇ ୧୦୮ କଳସ ଜଳରେ ମହାସ୍ନାନ ହୋଇଥିଲା । ସ୍ନାନସାରି ଚନ୍ଦନଲାଗି ଫୁଲ, ଚୁଳିଆ ବେଶ ପରେ ଦ୍ୱାରପାଳ ସୂର୍ଯ୍ୟପୂଜା ଓ ଅବକାଶ ନୀତି ସକାଳେ ଶେଷ ହୋଇଥିଲା । ଏହାପରେ ଆରମ୍ଭ ହୋଇଥିଲା ସାହଣ ମେଳା । ରାତ୍ରିରେ ସମସ୍ତ ନୀତି ସମ୍ପୂର୍ଣ୍ଣ ହେବା ପରେ ତିନିଠାକୁର ଗଜାନନ ବେଶରେ ଭକ୍ତମାନଙ୍କୁ ରାତି ୧୨ଟା ପର୍ଯ୍ୟନ୍ତ ଦର୍ଶନ ଦେଇଥିଲେ । ରାତି ୧୨ଟା ସମୟରେ ଠାକୁରଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା । ମନ୍ଦିର ପରିଚ୍ଛା ଦୁର୍ଗାଚରଣ ଜିତବାବୁ ଅଁଳାପତ୍ର ଲାଗି କରିଥିଲେ । ତିନି ଠାକୁରଙ୍କ ପହଣ୍ଡି ବିଜେ ହୋଇ ମହାପ୍ରଭୁ ଜଗନ୍ନାଥଙ୍କ ଅନନ୍ତ ବାସୁଦେବ ମନ୍ଦିର ସମ୍ମୁଖ ବାଟରେ ଦହିଭୋଗ ଓ ଦେବଦାସୀ ଦ୍ୱାରା ଗୀତଗୋବିନ୍ଦ ପାଠ କରାଯାଇଥିଲା । ଏହାପରେ ଗୋଟି ପହଣ୍ଡିରେ ଠାକୁର ଅଣସର ଘରକୁ ପ୍ରବେଶ କରିଥିଲେ । ପାଶ୍ୱର୍ଦ୍ୱେ ଦେବତାଙ୍କୁ ଗଙ୍ଗାଯମୁନାଙ୍କ ସମ୍ମୁଖରେ ଆହ୍ୱାନ କରାଯାଇ ପ୍ରତିଷ୍ଠା କରାଯାଇଥିଲା । ଆସନ୍ତା ୧୫ଦିନ ପର୍ଯ୍ୟନ୍ତ ପୂଜିତ ହୋଇ ଶ୍ରୀଜୀଉ ମାନେ ଅଣସର ଘରେ ରହିବେ । ରାତିରେ ମନ୍ଦିରର ସିଂହଦ୍ୱାର କବାଟ ବନ୍ଦ ହୋଇଥିଲା । ଏହି ୧୫ଦିନ ଶ୍ରୀଜୀଉ ମାନଙ୍କର ଅଣସର ସମୟ ପୂଜାନୀତି ଉତ୍ତରଦ୍ୱାର ବା ହାତୀଦ୍ୱାର ବାଟେ ସମ୍ପୂର୍ଣ୍ଣ ହେବ । ଶ୍ରୀଜୀଉ ମାନଙ୍କର ସ୍ନାନ ନୀତି ଦେଖିବା ପାଇଁ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଲାଗିରହିଥିଲା । ଶାନ୍ତିଶୃଙ୍ଖଳା ରଖିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଅନୁରୂପ ରିତିନୀତି ଅନୁସାରେ ବାଣିଆ ଜଗନ୍ନାଥ ମନ୍ଦିରରେ ମଧ ଦେବସ୍ନାନ ଓ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା ।

# ଭାରତରତ୍ନ ଭିଭି ଗିରିଙ୍କ ଜୟନ୍ତୀ ପାଳିନ ନିମନ୍ତେ ଦାବି



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସହର ତଥା ଗଞ୍ଜାମ ଜିଲ୍ଲା ବହୁ ବରପୁତ୍ରଙ୍କ ଜନ୍ମପୀଠ । ଏକାକ ମହାମନୀଷୀ ଏହି ମାଟିରେ ଜନ୍ମିତ ହୋଇ କେବଳ ଆମ ସହର ବା ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି । ତାହା ନୁହେଁ ସାରା ରାଜ୍ୟ ତଥା ଦେଶରେ ଜାଜ୍ୱଲ୍ୟମାନ କୀର୍ତିବହ ସାଜିଛନ୍ତି । ସେଥିପାଇଁ ଆମେ ସମସ୍ତେ ଗର୍ବିତ ସେମାନଙ୍କ ମଧ୍ୟରୁ ଭି ଭି ଗିରି ପୁର୍ବତନ ରାଷ୍ଟ୍ରପତି ଅନ୍ୟତମ । ଭାରତ ସରକାର ତାଙ୍କୁ ଭାରତ ରତ୍ନ ଉପାଧିରେ ଭୂଷିତ କରିଥିଲେ । ମାଟିର ଐତିହ୍ୟ ଭାବଧାରାକୁ ପ୍ରାଜ୍ୱଲ୍ୟମାନ କରିଛନ୍ତି । କିନ୍ତୁ ଦୁଃଖ ପରିତାପର ବିଷୟ 'ଭାରତ ରନି' ଭି ଭି ଗିରି ଙ୍କୁ ସାମାନ୍ୟତମ ସମ୍ମାନ ଜଣାଇବାରେ ପ୍ରଶାସନ ଓ ସରକାର ଗୁରୁତ୍ୱ ଦେଉନାହିଁ, ଏହା କେବଳ 'ଭାରତ ରନି'ଙ୍କ ପ୍ରତି ଅପମାନ ନହେଁ ବରଂ ଏମାଟି ପ୍ରତି ଏଲଜ୍ଜା ଜନକ ଘଟଣା ବୋଲି ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଆଜି ବ୍ରହ୍ମପୁର ମହାନଗର ନିଗମ କମିଶନର ଏ ଶସ୍ୟ ରେଡୀଙ୍କ ସହିତ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଏହି ମହାମାନସୀ 'ଭାରତରନି' ଭିଭି ଗିରିଙ୍କ ଜୟନ୍ତୀ ପାଳନ ନିମନ୍ତେ ଆମେ ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଦାବି କରି ତୁରନ୍ତ ସ୍ଥାନୀୟ ପ୍ରଶାସନ ଆସନ୍ତା ଅଗଷ୍ଟ ୧୦ ତାରିଖରେ ତାଙ୍କ ଜନ୍ମ ଜୟନ୍ତୀ ଉତ୍ସବ ମହା ଆଡ଼ମ୍ବର ସହକାରେ ପାଳନ କରିବାପାଇଁ ବର୍ତ୍ତମାନ ଠାରୁ ଯନିବାନ ହୁଅନ୍ତୁ । ଏହା ସହିତ ଏହି ମହାମନୀଷୀଙ୍କ ଏକ ପାଳନ ପୂର୍ଣ୍ଣ ଅବୟନ ସ୍ଥାପନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଛାତ୍ର ଜିଲ୍ଲା ସଭାପତି ସୋଭନ କୁମାର ନାୟକ, ଯୁବ ବିଜେଡି ରାଜ୍ୟ ଉପସଭାପତି ନିହାର ରଞ୍ଜନ ଶତପଥୀ, ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ, ଶ୍ରୀସେକ ପାତ୍ର ଓ ଆଶୁତୋଷ ପାତ୍ର ପ୍ରମୁଖ ଆଲୋଚନା କରି ଦାବି କରିଥିଲେ ।

## ରାଜଯୋଗୀ ଡା. ଶକ୍ତିରାଜ ଭାଇଙ୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

ଆସିକା, (ସବ୍ୟୁ) : ବ୍ରହ୍ମାକୁମାରୀଜ୍ ଆସିକା ଶାଖା ପକ୍ଷରୁ ଆସନ୍ତା ୧ ଜୁଲାଇ ବୁଧବାର ସ୍ଥାନୀୟ ହରିହର ହାଇସ୍କୁଲ ଖେଳପଡ଼ିଆ ଠାରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମାଇଣ୍ଡ ମେମୋରି ଟ୍ରେନର୍, ପ୍ରେରଣାଦାୟକ ବକ୍ତା ତଥା ରାଜଯୋଗୀ ଡା. ଶକ୍ତିରାଜ ଭାଇଙ୍କ ବିଶାଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ରର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ ସାମ୍ପ୍ରତିକ ପରିସ୍ଥିତିରେ ବିଚାରଧାରାରେ ପରିବର୍ତ୍ତନ ଓ ସୁସଂହତ ଜୀବନ ଶୈଳୀ ଦ୍ୱାରା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ପରିଚାଳନା ଦିଗରେ ରାଜଯୋଗୀ ଡଃ ଶକ୍ତିରାଜ ଭାଇଙ୍କ ପ୍ରେରଣାଦାୟି ବକ୍ତବ୍ୟ ଆଜି ସାରା ଭାରତରେ ରାଜନୈତିକ, ପ୍ରଶାସନିକ, ପ୍ରତିରକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀ ବିଶେଷକରି ବୁଦ୍ଧିଜୀବୀ, ଛାତ୍ର, ଶିକ୍ଷାବିତ ତଥା ସମାଜର ସମସ୍ତ ବର୍ଗକୁ ଆକର୍ଷିତ କରିପାରିଛି । ଅତଏବ ଆସିକା ସହରରେ ରାଜଯୋଗୀ ଡା. ଶକ୍ତିରାଜ ଭାଇଙ୍କ ବହୁ ପ୍ରତୀକ୍ଷିତ ଏହି କାର୍ଯ୍ୟକ୍ରମ ସହରବାସୀଙ୍କୁ ସକାରାତ୍ମକ ଜୀବନଶୈଳୀର ଅମୂଲ୍ୟ ବାର୍ତ୍ତା ପ୍ରଦାନ କରିବ ବୋଲି ଆମେ ଆଶା କରୁଛୁ ।

# ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରତ୍ୟାହାର ବୈଜ୍ଞାନିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ଦାବୀରେ ବିକ୍ଷୋଭ

ବ୍ରହ୍ମପୁର, (ସବ୍ୟୁ) : ଚଳିତ ବର୍ଷ ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟ ପୁସ୍ତକରେ ଯେଉଁଭଳି ହଜାର ହଜାର ତୃଟି ଉଲ୍ଲେଖ ରହିଛି, ତାହା ସଭ୍ୟ ସମାଜରେ ଆଦୌ ସହଜରେ ଗ୍ରହଣୀୟ ହୋଇପାରୁନାହିଁ । ପ୍ରକାଶ ଯେ, ତୃଟି ଗୁଡିକୁ ଏକ ଷଡ଼ଯନ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଫେଇ ଦେବା ପରେ ବି ଏହାକୁ ଜନ ସାଧାରଣ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ଆଜି ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ତୃଟି ପୂର୍ଣ୍ଣ ପାଠ୍ୟ ପୁସ୍ତକ ଅବିଳମ୍ବେ ପ୍ରତ୍ୟାହାର ଓ ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ ଦାବି ନେଇ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ପୁସ୍ତକ ଗୁଡିକରେ ନାନା ପ୍ରକାର ଅବୈଜ୍ଞାନିକ ତଥ୍ୟ, ମିଥ୍ୟା ତଥ୍ୟ ଉଲ୍ଲେଖ ସହ ଇତିହାସର ବିକୃତିକରଣ କରାଯାଇଛି । ବିଷୟ ଗୁଡିକରେ ନାନା ଆଯୁକ୍ତିକର କଥା ଲେଖାଯିବା ସହ ଆବଶ୍ୟକ ଥିବା ପାଠ୍ୟକ୍ରମକୁ ଉଚ୍ଛେଦ କରଯାଇଛି । ଅଷ୍ଟମ ଶ୍ରେଣୀର ସାହିତ୍ୟସୁରଭି ପୁସ୍ତକରେ ୭୮ ନମ୍ବର ପୃଷ୍ଠାରେ ମହାତ୍ମାଗାନ୍ଧି, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫୋଟ ଚିତ୍ର ସହ ଦୁଇଜଣ ସଙ୍ଘୀୟ ବ୍ୟକ୍ତିଙ୍କ ଫଟୋ ରହିଛି, ଯେଉଁମାନଙ୍କ ଭାରତର ସ୍ୱାଧୀନତା ସଂଗ୍ରାମରେ ବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ କୌଣସି ଭୂମିକା ନଥିଲା । ତଥାପି ଏଭଳି ବିବାଦୀୟ ଚରିତ୍ର ମାନଙ୍କ ଫଟୋ ଦେଶର ସ୍ୱାଧୀନତା ସଂଗ୍ରାମୀ ତଥା ମହାନ୍ ବ୍ୟକ୍ତିତ୍ୱ ମାନଙ୍କ ସହ ରଖାଯାଇଛି । ଯାହାକୁ ଶାସକ ଦଳର ଏକ ଘୃଣ୍ୟ ଷଡ଼ଯନ୍ତ୍ର ଓ ଶିକ୍ଷାକୁ ସାମ୍ପ୍ରଦାୟିକ ରୂପ ଦେବାର ଏକ ପ୍ରୟାସ ବୋଲି ମଞ୍ଚ ଆବାହକ ଆଇନଜୀବି ଅବନୀ ଗୟା ଅଭିଯୋଗ କରିଛନ୍ତି । ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ ମାନଙ୍କ ବ୍ୟାପକ ଅଭିଯୋଗ ପରେ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ "ସଂଶୋଧିତ ପୁସ୍ତିକା'ରେ ମଧ ବହୁ ତ୍ରୁଟି ସୁଧୁରି ନାହିଁ, ବରଂ କେତେକ ସ୍ଥାନରେ ନୂଆ ତ୍ରୁଟି ସୃଷ୍ଟି ହୋଇଛି । ଏହା ସମ୍ବିଧାନର ଧାରା ୨୧ଅ ଅନୁଯାୟୀ ପିଲାଙ୍କ "ଗୁଣାତ୍ମକ ଶିକ୍ଷା'ର ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି । "ବୈଜ୍ଞାନିକ ମନୋଭାବ' ବିକାଶର ମୂଳ କର୍ତ୍ତବ୍ୟକୁ ବିରୁଦ୍ଧାଚରଣ କରୁଛି ବୋଲି ମଞ୍ଚ କହିଛି । ତ୍ରୁଟିପୂର୍ଣ୍ଣ ପୁସ୍ତକର ତୁରନ୍ତ ପ୍ରତ୍ୟାହାର ଏବଂ ଶିକ୍ଷାରେ ବାଧା ନସୃଷ୍ଟି କରି ୨୦୨୫-୨୬ ଶିକ୍ଷାବର୍ଷର ପାଠ୍ୟ ପୁସ୍ତକ ଆଧାରରେ ହିଁ ଶିକ୍ଷାଦାନ ଜାରି ରଖାଯିବା, ଏହି ବୃହତ ତ୍ରୁଟି ପାଇଁ ଦାୟୀ ଥିବା ବିଷୟବସ୍ତୁ ଲେଖକ, ଅସତ୍ୟ ଇତିହାସ ସଂଯୋଜନାକାରୀ, ସମୀକ୍ଷକ ଓ ସମ୍ପାଦନା ମଣ୍ଡଳୀର ସମସ୍ତ ସଦସ୍ୟଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ବୈଜ୍ଞାନିକ ଶିକ୍ଷା ନୀତି ପ୍ରଣୟନ, ଭବିଷ୍ୟତରେ ଏଭଳି ଅବ୍ୟବସ୍ଥା ନହେବା ପାଇଁ ପାଠ୍ୟ ପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବା, ଶିକ୍ଷାବିତ୍ ବିଷୟ ବିଶେଷଜ୍ଞ ଓ ମନସ୍ତ%ବିତଙ୍କୁ ନେଇ ଏକ ସ୍ଥାୟୀ "ପାଠ୍ୟକ୍ରମ ସମୀକ୍ଷା ପରିଷଦ' ଗଠନ କରି ବୈଜ୍ଞାନିକ ମନୋଭାବ, ସଠିକ୍ ତଥ୍ୟ, ଯୁକ୍ତିଯୁକ୍ତ ଚିନ୍ତାଧାରା ଓ ସାମାଜିକ ସମାନତାର ଚେତନା ଆଧାରରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବା ଆଦି ପାଞ୍ଚୋଟି ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

# ସାମ୍ବାଦିକ ଦୀପକ ସାହୁଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସମାରୋହ



ବାଲିଚନ୍ଦ୍ରପୁର, (ସବ୍ୟୁ): ମାହାଙ୍ଗା ପ୍ରେସ କ୍ଲବର ସଭାପତି ତଥା ଯୁବ ସାମ୍ବାଦିକ ଦୀପକ କୁମାର ସାହୁଙ୍କ ଦ୍ୱାଦଶାହ ତିଥିରେ ଏକ ସ୍ମୃତିଶ୍ରଦ୍ଧାଞ୍ଜଳି ସଭା ବାଲିଚନ୍ଦ୍ରପୁର ନିକଟସ୍ଥ ତାଙ୍କ ପଣସପୁର ବାସଭବନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଅଖିଳେଶପଦ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ । ଏହି ସ୍ମୃତିସଭାରେ ବହୁ ବିଶିଷ୍ଟବ୍ୟକ୍ତି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ସ୍ୱର୍ଗତଃ ସାହୁଙ୍କ ସାମ୍ବାଦିକତା ଜୀବନର ବହୁ ସ୍ମରଣୀୟ ଘଟଣାବଳୀ ଉପରେ ଆଲୋକପାତ କରିଥିଲେ । ତାଙ୍କ ପରିବାରବର୍ଗଙ୍କ ପାଇଁ ଏକ କଲ୍ୟାଣ ପାଣ୍ଠି ଗଠନ କରାଯିବା ନେଇ ସଭାରେ ଘୋଷଣା କରାଯାଇଥିଲା । ଆମ ଓଡ଼ିଶାର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ, ପ୍ରତ୍ୟେକ ମଣିଷ ଜୀବନରେ ସତ୍ୟନିଷ୍ଠ ଓ ନିର୍ଭୀକ ହେବାକୁ ଆହ୍ୱାନ ଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ବକ୍ତବ୍ୟ ରଖିଥିଲେ । ଲକ୍ଷ୍ମୀଧର ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶ୍ରଦ୍ଧାଞ୍ଜଳି ସମାରୋହରେ ପ୍ରଫେସର ଯୁଧିଷ୍ଠିର ଖଟୁଆ, ଡକଫର ଜନାର୍ଦ୍ଦନ ରାଉତ, ଡ. ଭାବଗ୍ରାହୀ ରାଉତ, ଶିକ୍ଷାବିତ ଲାଲବିହାରୀ ଜେନା, ଡ. ଭାଗ୍ୟଧର ସାହୁ, ସାମ୍ବାଦିକ ଅକ୍ଷୟ କୁମାର ଦାଶ, ଡ. ଏକାଦଶୀ ପ୍ରଧାନ, ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ରାଉତ, ସାହିତ୍ୟିକ ହେମନ୍ତ କୁମାର ଜେନା, ସଂସ୍କୃତି ଗବେଷକ ଶୁଭେନ୍ଦୁ କୁମାର ଭୂୟାଁ, ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜୟନ୍ତ ମହାପାତ୍ର, ଶିକ୍ଷାବିତ ଅଲେଖ ଚନ୍ଦ୍ର ଦାସ, କଂଗ୍ରେସ ନେତା ଅଜୟ ସାମଲ, ସାମ୍ବାଦିକ ତାପସ ବିଶ୍ୱାଳ, ଦୀପ୍ତି ରଞ୍ଜନ ସାମଲ, ବୀରେନ୍ଦ୍ର ନାୟକ ପ୍ରମୁଖ ସ୍ୱର୍ଗତଃ ସାହୁଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାରମ୍ଭରେ ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଦିବଂଗତ ଦୀପକଙ୍କ ବଡଭାଇ ବରିଷ୍ଠ ସାମ୍ବାଦିକ ଭକ୍ତ ଚରଣ ସାହୁ, ପ୍ରମୋଦ କୁମାର ସାହୁ ଓ ରଜତ କୁମାର ସାହୁ ପ୍ରମୁଖ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

# ୨୭ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ୪୯ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ



ବାରିପଦା, (ସବ୍ୟୁ) : ବାରିପଦା ତହସିଲ ପକ୍ଷରୁ ରଘୁନାଥପୁର ଲେପ୍ରୋସି କଲୋନୀଠାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ୨୭ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ୪୯ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ପଟ୍ଟା ଓ ଶିରୋନାମା ବଣ୍ଟନ କରିଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟ ସରକାର ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କର ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ରହିଛନ୍ତି । ଜଙ୍ଗଲ ଜମିର ବୈଧ ଅଧିକାର ପ୍ରଦାନ ହିତାଧିକାରୀଙ୍କ ଜୀବନଜୀବିକା ଓ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ପୂର୍ବତନ ବିଧାୟକ କାହ୍ନା ସୋରେନ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜଙ୍ଗଲବାସୀଙ୍କ କଲ୍ୟାଣ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରିଥିଲେ । ବାରିପଦା ତହସିଲଦାର ସପନ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଜଙ୍ଗଲ ଜମି ଅଧିକାର ପ୍ରଦାନ ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ପରେ ମାନ୍ୟବର ମନ୍ତ୍ରୀ ଏବଂ ବାରିପଦା ବିଧାୟକ କେତେକ ହିତାଧିକାରୀଙ୍କ ବାସଭବନକୁ ପରିଦର୍ଶନ କରି ସେମାନଙ୍କ ହାତରେ ଜଙ୍ଗଲ ଜମି ପଟ୍ଟା ଓ ଶିରୋନାମା ପ୍ରଦାନ କରିଥିଲେ । ଏହି ଅବସରରେ ସେମାନେ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । କାର୍ଯ୍ୟକ୍ରମରେ ବାରିପଦାର ଅତିରିକ୍ତ ତହସିଲଦାର ସଦାନନ୍ଦ ଡେଲକି ଏବଂ ଭରତ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ ।

# ସୁଜାତା ରାଉତଙ୍କୁ ସ୍ୱାଗତ କଲେ ବ୍ରହ୍ମପୁର ବିଜେଡି ନେତୃମଣ୍ଡଳୀ



ବ୍ରହ୍ମପୁର, (ସବ୍ୟୁ) : ମହାନଗର ବିଜେଡି ପକ୍ଷରୁ ନୂତନ ସଦସ୍ୟା ଭାବେ ଯୋଗ ଦେଇଥିବା ସୁଜାତା ରାଉତଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତକାର କରିଥିଲେ । ତାହା ସହ ଅଭିନନ୍ଦନ ମଧ ଜଣାଇଥିଲେ । ବ୍ରହ୍ମପୁରର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ସାଂସଦ ଶ୍ରୀ ଚନ୍ଦ୍ର ଶେଖର ସାହୁ, ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ବିବେକ ରେZI, ମହାନଗର ନିଗମର ବହୁ କର୍ପୋରେଟର୍,ବିଜେଡି ରାଜ୍ୟ ସମ୍ପାଦକ ତଥା ଅର୍ବାନ ବ୍ୟାଙ୍କର ସଭାପତି ଆର ମୂରଲୀ ମୋହନ, କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ବରିଷ୍ଠ ନେତା ଭୀମସେନ ଦଳାଇ, ପୂର୍ବତନ ବିଡ଼ିଏ ଅଧକ୍ଷ ସୁବାଷ ମହାରଣା, ବିଜେଡି ରାଜ୍ୟ ସମ୍ପାଦକ ମୁକୁନ୍ଦ ଗୌଡ ଓ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ରହି ଅଭିନନ୍ଦନ ଜଣାଇଥିଲେ । ବ୍ରହ୍ମପୁର ମହାନଗର ବିଜେଡିର ବରିଷ୍ଠ ନେତା ଓ କର୍ମୀଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ । ସେ କହିଥିଲେ ୨୦୨୯ ନିର୍ବାଚନ ଆମ ପ୍ରିୟ ନେତା ଦଳ ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନିର୍ବାଚନ ଲଢିବି ଆଉ ଦଳକୁ କିପରି ମଜବୁତ କରିବା ତାହା ଆଲୋଚନା କରିଥିଲେ । ବିଜୁ ଜନତା ଦଳର ଉପ ସଭାପତି ଦେବୀ ମିଶ୍ର, ପ୍ରତାପ ଜେନା, ସଞ୍ଜୟ ଦାସବର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋପାଳପୁର ରାୟଗଡା ରେଳ ପ୍ରକଳ୍ପ ଦାବିରେ ଆନ୍ଦୋଳନ ଡାକରା

ବ୍ରହ୍ମପୁର, (ସବ୍ୟୁ) : ଗୋପାଳପୁର ରାୟଗଡା ରେଳ ପ୍ରକଳ୍ପ ଦାବିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସଭାସମିତି ଜରିଆରେ ଜନ ସଚେତନତା ସହିତ ଜନ ଆନ୍ଦୋଳନ ପାଇଁ ଅକୁଣ୍ଠ ସମର୍ଥନ ମିଳୁଥିବା ବେଳେ କୁକୁଡାଖଣ୍ଡି ବ୍ଲକ ଅଞ୍ଚଳରେ ମଧ୍ୟ ତାର ପ୍ରଭାବ ପରିଲକ୍ଷିତ ହୋଇଛି । ଏହି ପ୍ରକଳ୍ପ ଦାବିରେ ଆଜି ବାଲିପଡ଼ା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସଭାରେ ପ୍ରାକ୍ତନ ସର୍ବ ଭାରତୀୟ ପ୍ରଶାସକ ଡକଟର ବାଳକୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଦିଗପହଣ୍ଡି ଏନଏସି ଅଧକ୍ଷ ପ୍ରଫୁଲ ପଣ୍ଡା, ବରିଷ୍ଠ ସାମ୍ୟବାଦୀ ନେତା କୈଳାଶ ଷଡଙ୍ଗୀ, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇ, ଦକ୍ଷିଣ ଓଡିଶା ରେଳ ବିକାଶ ପରିଷଦର ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା, ବାଲିପଡ଼ା ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ସେଠି, ପୂର୍ବତନ ସରପଞ୍ଚ ମନୋଜ ବିଷୋୟୀ ପ୍ରମୁଖ ମଞ୍ଚାସିନ ଥିବା ବେଳେ ଆଇନଜୀବୀ କୁରେଶୁ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଦାବୀ ପୂରଣ ଦିଗରେ ଯେକୌଣସି ସ୍ତରର ଆନ୍ଦୋଳନକୁ ଓହ୍ଲାଇବାକୁ ସଭାରେ ମତ ପ୍ରକାଶ ପାଇଥିଲା । ପ୍ରକଳ୍ପ ଅଧିନସ୍ଥ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା ଅନ୍ୟାନ୍ୟ ବରିଷ୍ଠ ସଂଗଠକ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ କମିଟି ଗଠନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା । ଏହି ସଭାରେ ବିଭିନ୍ନ ଅଂଚଳର ଜନ ପ୍ରତିନିଧି, ଆଇନଜୀବୀ, ସାମାଜିକ କର୍ମୀ ମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରକୃତିବନ୍ଧୁ ବୃନ୍ଦାବନ ପଣ୍ଡା, ସୁନୀଲ କୁମାର ବିଷୋୟୀ ଚାନ୍ଦିପୁଟ ଜିଲ୍ଲା ପରିଷଦ ସଦସ୍ୟ,ଦିଗପହଣ୍ଡି ୨୫ ନମ୍ବର ଜୋନ ର ଜିଲ୍ଲାପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପ୍ରଧାନ, କଇଠଖଣ୍ଡି ସରପଞ୍ଚ ତଥା ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘର ସଭାପତି ମନୋରଞ୍ଜନ ଗୌଡ଼, ଚଷା ନିମଖଣ୍ଡି ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ଼, ଖମାରିଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ତୁରୁବୁଡି ସରପଞ୍ଚ ଲିଙ୍ଗରାଜ ଦୋରା, ପ୍ରାକ୍ତନ ସରପଞ୍ଚ, ରାଜେନ୍ଦ୍ର ପ୍ରସାଦ ପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ପତିତ ଜମିରେ ଜଙ୍ଗଲ ବିଭାଗର ବୃକ୍ଷରୋପଣକୁ ବିରୋଧ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ଜମ୍ବୁ ପଂଚାୟତର କଣ୍ଡରାପାଟିଆ ଗ୍ରାମର ପ୍ରାୟ ଶତାଧିକ ପରିବାର ୭୦ ବର୍ଷ ପୂର୍ବରୁ ଭୂମିହୀନ ପରିବାର ଏଠାରେ ରହି ବସବାସ କରି ରହିଛନ୍ତି । ସରକାର ଏବଂ ଜିଲ୍ଲା ପ୍ରଶାସନ ଏମାନଙ୍କୁ ଭୂମିହୀନ ହିସାବରେ ଜମି ମଧ୍ୟ ପ୍ରଦାନ କରିଛନ୍ତି । କିନ୍ତୁ ଦୀର୍ଘ ୭୦ ବର୍ଷ ପରେ ଜଙ୍ଗଲ ବିଭାଗ ପକ୍ଷରୁ ଏମାନେ ଚାଷବାସ କରୁଥିବା ଓ ସେଠାରେ ଘରବାଡି କରି ରହୁଥିବା ପତିତ ଜାଗାରେ ଜଙ୍ଗଲ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇ ଥିବାରୁ ଏମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ୨୬୫ ଏକର ଜମି ମଧ୍ୟରୁ ମାତ୍ର ୬୫ ଏକର ଖତିଆନରେ ପତରା ଜଙ୍ଗଲ ଥିବାବେଳେ ଅବଶିଷ୍ଟ ୨ଶହ ଏକର ପତିତ ଜାଗା ରହିଛି । ଯେଉଁଥିରେ କି ଏହି ପରିବାର ଚାଷ ବାସ କରିବା ସହିତ ଚଳ ପ୍ରଚଳ କରି ନିଜର ପରିବାରକୁ ପୋଷଣ କରୁଛନ୍ତି । ୧୯୫୦ ମସିହାଠାରୁ ଅଦ୍ୟାବଧି ଉକ୍ତ ଗ୍ରାମରେ ଏହି ପରିବାର ଚାଷ କରି ଚଳିବା ସହିତ ରାଜସ୍ୱ ବିଭାଗ ପକ୍ଷରୁ ଏମାନେ ଏନକ୍ଲୋଜ୍‌ମେଣ୍ଟ ପାଉତି ହାସଲ କରିଛନ୍ତି । ୧୯୬୫-୬୬ ମସିହାଠାରୁ ଆଜି ପର୍ଯ୍ୟନ୍ତ ଏହି ଅଂଚଳରେ କୌଣସି ସେଟେଲ୍‌ମେଣ୍ଟ ନ ହେବା ଯୋଗୁ ଉକ୍ତ ଜାଗାର କିସମ ମଧ୍ୟ ପରିବର୍ତ୍ତନ ହୋଇନାହିଁ । ଏମାନଙ୍କ ନାମରେ ଉକ୍ତ ଜାଗାର ସ୍ଥାୟୀ ପଟ୍ଟା ପାଇଁ ପୂର୍ବରୁ ତହସିଲଦାର, ରାଜନଗର ଡିଏଫ୍‌ଓ ଓ କେନ୍ଦ୍ରାପଡା ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ସହିତ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ଚାଲୁ ରହିଛି । ୧୧୦ ଏକର ଜମିରେ ଜଙ୍ଗଲ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଛି । ଅବଶିଷ୍ଟ ଜମି ଉପରେ ବୃକ୍ଷ ରୋପଣ ନ କରିବା ପାଇଁ ଜମ୍ବୁ ପଂଚାୟତର ସରପଂଚ ବିଶ୍ୱଜିତ୍ ବସୁ, ମଣ୍ଟୁ ମଣ୍ଡଳ, ହୃଷିକେଶ ଗିରି, ଦୀପକ ମଜୁମ୍‌ଦାର, କାନନବାଳା ସରକାର, ପ୍ରକାଶ ମଜୁମ୍‌ଦାର, ସକୁନ୍ତଳା ସରକାର, ବିମଳ ଅଧିକାରୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ବୃକ୍ଷରୋପଣ ନ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି ।

# ଶ୍ରୀ ସିଦ୍ଧ ବଳଦେବଜୀୟୁଙ୍କ ଗଜାନନ ବେଶ

କେନ୍ଦ୍ରାପଡ଼ା,(ସବ୍ୟୁ) :ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀୟୁଙ୍କ ଜେଯଷ୍ଠ ପୂର୍ଣ୍ଣିମା ତିଥିରେ ମନ୍ଦିର ପରିସରରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ମହାଆଡମ୍ବରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଜୀଉଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଛି। ଏହି ଦୁର୍ଲଭ ବେଶ ଦର୍ଶନ କରିବା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ସମବେତ ହୋଇଥିଲେ । ପ୍ରାତଃ ୭.୩୦ ସମୟ ମଧ୍ୟରେ ରନି ସିଂହାସନରୁ ପହଣ୍ଡି କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନବେଦୀକୁ ଧାଡି ପହଣ୍ଡିରେ ଘଣ୍ଟ, ଘଣ୍ଟା, କାହାଳୀ ଓ ତୁରୀ ବାଦ୍ୟରେ ବିଜେ କରାଯାଇଥିଲା। ତୁଳସୀକ୍ଷେତ୍ରର ପରମ୍ପରା ଅନୁଯାଇ ସ୍ନାନ ବେଦୀରେ ଜୀୟୁମାନଙ୍କୁ ମଙ୍ଗଳ ଆଳତୀ କରାଯିବା ପରେ ଗରାବଡୁ ସେବକମାନେ ୧୦୮ ଗରାରେ ପବିତ୍ର ଜଳ ଆଣି ସ୍ନାନବେଦୀରେ ସ୍ନାନ କରାଇଥିଲେ । ମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ନୀତିକାନ୍ତି ଅନୁଯାୟୀ । ସାଢେ ୮ଟା ସମୟରେ ସ୍ନାନ ମଣ୍ଡପରେ ମଙ୍ଗଳା ଆଳିତ ହୋଇଥିଲା । ୧୦ଟାରେ ନୀତି ସ୍ନାନ କରାଯାଇଥିଲା ।



ଅପରାହ୍@ ୧ଟାରେ ମଙ୍ଗଳାର୍ପଣ ନୀତି ପରେ ଖେଚୁଡି ଭୋଗ ଅର୍ପଣ କରାଯାଇଥିଲା। ଅପରାହ୍@ ୩ଟା ୩୦ରେ ଶ୍ରୀଜୀଉମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା । ଏହି ବେଶ ଦେଖିବା ପାଇଁ ମନ୍ଦିର ପରିସରରେ ଓ ବାହାରେ ଅପେକ୍ଷା କରିଥିବା ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଧାଡି ବାନ୍ଧି ଜୀୟୁମାନଙ୍କୁ ଦର୍ଶନ କରିଥିଲେ। କ୍ଷେତ୍ରର ପରମ୍ପରା ଅନୁଯାଇ ଘୋଷ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ତାଳଧ୍ୱଜ ରଥର ୧୬ଟି ଚକରେ ଅଖ ପ୍ରବେଶ କରାଯାଇ ରଥ ନିର୍ମାଣ କାର୍ଯ୍ୟକୁ ଅଗ୍ରଗତି କରାଯାଇଥିଲା। ଜୀୟୁମାନଙ୍କ ଗଜାନନ ବେଶ ରାତି ୧୦ଟା ପର୍ଯ୍ୟନ୍ତ ସ୍ନାନ ମଣ୍ଡପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ପରେ ବେଶ ଉହ୍ଲାଗୀ କରାଯାଇ ଦିଅଁ ମାନଙ୍କୁ ପହଣ୍ଡି ପାଇଁ ପ୍ରସ୍ତୁତ କରାଯାଇ ଧାଡି ପହଣ୍ଡିରେ ଅଣସର ଗୃହରେ ପ୍ରବେଶ କରାଯାଇ ଏହାର ଚାରିକଡ଼ ତାଟିରେ ଆବଦ୍ଧ କରାଯାଇଥିଲା । ଦିଅଁମାନେ ଅଣସର ଗୃହରେ ୧୫ଦିନ ଅବସ୍ଥାନ କରିବା ସହ ଜନସାଧାରଣ ପଟି ଦିଅଁଙ୍କୁ ଦର୍ଶନ କରିବେ। ଏହି ସମୟରେ ଲୌକିକ ପରମ୍ପରା ଅନୁଯାଇ ୧୦୮ ଗରାରେ ସ୍ନାନ କରିବା ହେତୁ ଦିଅଁମାନଙ୍କୁ ଜ୍ୱର ଓ ତାହାର ଚିକିତ୍ସାସେବା କରାଯିବ। ତେଣୁ ଭକ୍ତମାନେ ମଣି ବିଗ୍ରହଙ୍କ ଦର୍ଶନରୁ ବଞ୍ଚିତ ହେବେ ଓ ପଟିଦିଅଁଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିବେ ବୋଲି ବରିଷ୍ଠ ସେବାୟତ ନୃସିଂହ ପତ୍ରୀ କହିଛନ୍ତି । ଏହା ପରେ ରଥଯାତ୍ରା କାର୍ଯ୍ୟ ଆରମ୍ଭ ହେବ। ପୋଲିସ ପ୍ରଶାସନ ପକ୍ଷରୁ ଯାତ୍ରୀ ଭିଡକୁ ଲକ୍ଷ୍ୟ କରି ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ପୋଲିସ ବାହିନୀ ମୃତୟନ କରାଯାଇଥିଲା।

# ନାବାଳକ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତକୁ କୋର୍ଟ ଚାଲାଣ

ଯାଜପୁର ସଦର, (ସବ୍ୟୁ) : ଯାଜପୁର ସଦର ଥାନା ଅନ୍ତର୍ଗତ ଶିବା ଛକରେ ଗତ ୧୫/୦୨/୨୦୨୫ରେ ଏକ ଫାଷ୍ଟ ଫୁଡ ଦୋକାନରେ ଚାଉମିନ ଖାଇବାକୁ କେନ୍ଦ୍ରକରି ଏକ ନାବାଳକ ହତ୍ୟାକାଣ୍ଡରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ସଦର ପୋଲିସ ସଫଳ ହୋଇଛି । ସଦର ଥାନା କେଶ ନମ୍ବର ୩୭/୨୦୨୫ ରେ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ । ଘଟଣାରୁ ପ୍ରକାଶ ଯେ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଶିବା ଛକ ନିକଟସ୍ଥ ଗୋବିନ୍ଦପୁର ଗ୍ରାମର ଗଙ୍ଗାଧର ମଲ୍ଲିକଙ୍କ ପୁତ୍ର ଅନିଲ କୁମାର ମଲ୍ଲିକ (୩୪) ଘଟଣା ଘଟିବା ଦିନ ଠାରୁ ପୋଲିସକୁ ଚକମା ଦେଇ ଫେରାର ଥିଲା । ସଦର ପୋଲିସ କୌଣସି ସୂତ୍ରରୁ ସୁକିନ୍ଦା ଅଞ୍ଚଳରେ ଆତ୍ମଗୋପନ କରିଥିବା ଖବର ପାଇଥିଲା ।ପୋଲିସ ସେଠାରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ପୋଲିସ ସୂତ୍ରରୁ ପ୍ରକାଶ । ପ୍ରକାଶ ଥାଉକି ଏହି ଘଟଣାରେ ଯାଜପୁର ବ୍ଲକର ଉପାଧ୍ୟକ୍ଷ କମଳ କୁମାର ମଲ୍ଲିକ ଗିରଫ ହୋଇ ଦୀର୍ଘଦିନ ଧରି ଜେଲର ଚାରିକାନ୍ଥ ମଧ୍ୟରେ ଦିନ କାଟୁଛନ୍ତି ।

# ସାମାନ୍ୟବଚସାରୁ ଛୁରା ମାଡରେ ଯୁବକ ମୃତ

ଜଗତସିଂହପୁର, (ସବ୍ୟୁ) : ସାମାନ୍ୟ ବଚସାରୁ ଛୁରା ମାଡାଛୁରା ମାଡରେ ଯୁବକ ମୃତାମୃତ ଯୁବକ ହେଲେ ସଦର ଥାନା ଚାଟରା ଗ୍ରାମର ପ୍ରମୋଦ ଦାସାଛୁରା ମାଡ କରିଥିବା ଯୁବକ ସେହି ଗ୍ରାମର ନୃସିଂହ ଦାସଙ୍କୁ ପୋଲିସ ଗିରଫ କରିଛି।ସୂଚନା ଅନୁସାରେ ୨୮ ତାରିଖ ଦିନ ନିର ଜଣେ ସଂପର୍କୀୟ ଭଉଣୀର ବିବାହ ରିସେପସନ ଭୋଜିରେ ଯୋଗ ଦେବା ପାଇଁ ଚାଟରା ଗ୍ରାମ ପ୍ରମୋଦ ଦାସ ଓ ନୃସିଂହ ଦାସ ଉଭୟ ସପରିବାର ବାଲିକୁଦା ଥାନା ଆମ୍ବଶାଳ ଅଞ୍ଚଳକୁ ଯାଇଥିଲେ।ମାତ୍ର ସେଠାରେ କୌଣସୀ କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା।ସେଥିରେ ଉତକ୍ଷିପ୍ତ ହୋଇ ବାନା ଓରଫ ନୃସିଂହ ଦାସ ଏକ ଧାରୁଆ ଛୁରୀରେ ପ୍ରମୋଦଙ୍କ ପେଟକୁ ଭୂସି ଦେଇଥିଲେ।ପ୍ରମୋଦଙ୍କ ପେଟରୁ ପ୍ରଚୁର ରକ୍ତସ୍ରାବ ହେବାକୁ ତାଙ୍କୁ ପ୍ରଥମେ ଜଗତସିଂହପୁର ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।ମାତ୍ର କଟକ ମେଡିକାଲରେ ପ୍ରମୋଦଙ୍କ ମୃତ୍ୟୁ ଘଟିଥିଲା।

# ସମସ୍ୟା ଘେରରେ ମୁଣ୍ଡାଲୋ ବଜାର

ନାଉଗାଁ,(ସବୁ): ବାଲିଭଉଁରୀ ଶିଖରଘାଟ ମୁଖ୍ୟ ରାସ୍ତାର ପ୍ରାୟ ସବୁ ସ୍ଥାନରେ ରାସ୍ତା ସମସ୍ୟା ଦେଖା ଯାଇଛି । ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ମୁଣ୍ଡାଲୋ ବଜାର ଏକ ପ୍ରମୁଖ ବଜାର । ଏହି ବଜାର ମଝି ରାସ୍ତାରେ ବାଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ସେଥିରେ ବର୍ଷା ପାଣି ଭର୍ତ୍ତି ହୋଇ ରହୁଛି । ଯାହାଫଳରେ ସେହି ଖାଲରେ ଗାଡିର ଚକା ପଡିବାରୁ ବହୁ ପ୍ରକାର ଦୁର୍ଘଟଣା ଘଟୁଛି । ଏହି ବଜାର ବାଟ ଦେଇ ପୁରୀ ପାରାଦୀପ , ଭୁବନେଶ୍ୱର କଟକ ଆଦି ଦୂର ଦୁରାନ୍ତରୁ ଆସୁଥିବା କିମ୍ବା ଯିବାପାଇଁ ହେଲେ ବସ କୁ ଅପେକ୍ଷା କରିବାକୁ ପଡେ ।ଏଠାରେ ଅଲଣାହାଟ ହାଇସ୍କୁଲ , ଅଲଣାହାଟ ସ୍ୱାସ୍ଥ୍ୟ କେନ୍ଦ୍ର ,ଜାମୁଗାଁ ପଲିଟେକନିକ କଲେଜ , ଦୋଦୋଳ ସ୍ଥିତ ସବରେଜିଷ୍ଟର ଅଫିସ ଆଦି ପ୍ରମୁଖ ଅଫିସ ରହିଥିବାରୁ ସେ ସବୁ ସ୍ଥାନକୁ ଯିବାକୁ ହେଲେ ଏହି ଠାରେ ହିଁ ବସ ,ଟ୍ରେକର, ଅଟୋ ଆଦିକୁ ଅପେକ୍ଷା କରିବାକୁ ପଡେ । ତେଣୁ ଏହିଠାରେ ଏକ ବିଶ୍ରାମଗାର କରିବା ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଅଛି । ଏହି ବଜାର ରାସ୍ତା ଅଣ ଓସାରିଆ ହୋଇଥିବାରୁ ବେଳେ ବେଳେ ଗୋଟିଏ ବସ , ଟ୍ରକ , ହାଇଓ୍ୱା ଆସିଗଲେ ତାକୁ କଟାଇବା ପାଇଁ ଆଉ ଏକ ଗାଡିକୁ ଦୀର୍ଘ ସମୟ ଲାଗିଯାଏ । ପ୍ରାୟ ଦୁଇ ଶହ ତିନି ଶହ ମିଟର ପର୍ଯ୍ୟନ୍ତ ଗାଡି ପଛ କୁ ପଛ ଲାଗି ଯାଏ ।ସେହିପରି ବଜାରରେ ଲାଗିଥିବା ହାଇମାକ୍ସ ଲାଇଟ ଦୀର୍ଘଦିନ ହେବ ଅଚଳ ହୋଇ ପଡିଛି ଗତ ୨୦୧୯ ମସିହାରେ ସେତେବେଳେର ସାଂସଦ ରଞ୍ଜୀବ ବିଶ୍ୱାଳଙ୍କ ନିଜସଓ୍ୱ ପା=ିରେ ର୍ନିମିତ ଏହି ହାଇମାକ୍ସ ଲାଇଟ ଦୀର୍ଘଦିନ ହେବ ଅଚଳ ହୋଇପଡିଛି । ବାରମ୍ବାର ଅଭିଯୋଗ କଲାପରେବି କିଛି ଲାଭ ହେଉନି । ଏଥିପାଇଁ ରାତିରେ ସାଧାରଣ ପଥଚାରି ମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଉଛି ।ପୂର୍ବରୁ ଏହି ବଜାର ନିକଟରେ ଦୁର୍ଘଟଣାରେ ତିନି ଚାରି ଜଣଙ୍କର ମୃତ୍ୟୁ ବରଣ କରିଛନ୍ତି ।ଏହି ବଜାରରେ ଜବର ଦଖଲ ଉଚ୍ଛେଦ କରିବା ଓ ରାସ୍ତା କୁ ପ୍ରଶସ୍ତି କରଣ କରିବା ପାଇଁ ବୁଦ୍ଧିଜୀବୀ ମହଲ ରେ ଦାବି ହୋଇ ଆସୁଅଛି

# ସ୍ନାନବେଦୀରେ ବଡ ଠାକୁର

ରାଜନଗର ,(ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ କେରଡା ଅଞ୍ଚଳର ଆରାଧ୍ୟ ପୁରାଣ ପ୍ରସିଦ୍ଧ ବଡ ଠାକୁର ଶ୍ରୀ ଜଗନ୍ନାଥ ଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ଉତ୍ସବ ସମାପନ ହୋଇଛି । ସକାଳ ସାଢ଼େ ୧୦ଟାରେ ଶ୍ରୀଜୀଉଙ୍କୁ ରନି ସିଂହାସନରୁ ବଡ଼ପଣ୍ଡାମାନେ ପହଣ୍ଡିରେ ସ୍ନାନମଣ୍ଡପକୁ ଆଣିଥିଲେ । ବଡ଼ପଣ୍ଡା ନିତ୍ୟାନନ୍ଦ ଦାସ, ମଦନମୋହନ ରଥ, ସୋମନାଥ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ରୀତିନୀତି କରଯାଇଥିଲା । ପରେ ଶ୍ରୀଜୀଉଙ୍କୁ ଅଣସର ଘରକୁ ନିଆଯାଇଥିଲା । ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରଯାଇଥିଲା । ସେହିପରି ବ୍ଲକର ପେ=ସ୍ଥିତ ଶ୍ରୀ ବନବିହାରୀଜୀଉ, ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ରିଘାଗଡ଼ସ୍ଥିତ ଶ୍ରୀ ବଳଦେବଜୀଉ ଏବଂ ରାଜନଗର ସ୍ଥିତ ଶ୍ରୀ ଦଧିବାମନଜୀଉଙ୍କ ସ୍ନାନ ମଣ୍ଡପରେ ନୀତି ସମ୍ପନ୍ନ ହୋଇଛି । ଏହା ଛଡ଼ା ବ୍ରାହ୍ମଣସାହି ପଞ୍ଚାୟତର ଗଜରାଜପୁରସ୍ଥିତ ଶ୍ରୀନୀଳାଦ୍ରିନାଥ ମନ୍ଦିର ଇସ୍କନରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ଉପସ୍ଥିତିରେ ତିନି ଦିଅଁଙ୍କ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି ।କେରଡଡାଗଡ ଠାରେ ଲୋକମାନେ ଜମାହୋଇ ବଡ ଠାକୁର ଙ୍କ ସ୍ନାନ ବେଶ ଦେଖିବା ସହ ଆନନ୍ଦ ଅନୁଭବ କରିଥିଲେ ।

# ପାରାଦୀପ ଟ୍ରେଲର ମାଲିକ ସଂଘ ନିର୍ବାଚନ

## ସଭାପତି ପ୍ରକାଶ ଜେନା ଓ ସମ୍ପାଦକ ନଗେନ୍ଦ୍ର ରାଉତ

ପାରାଦୀପ ,(ଜି ପ୍ର ) : ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମାଲିକ ସଂଘର ଏକ ସାଧାରଣ ବୈଠକ ହୋଟେଲ ଗୋଲଡେନ ଆଙ୍କର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମିଳିତ ଟ୍ରେଲର ସମନ୍ୱୟ କମିଟିର ଅଧ୍ୟକ୍ଷ ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ସଂଘର ନିର୍ବାଚନ ବିଧିବଧ ଭାବେ କରାଯାଇଥିଲା । ଏଥିରେ ସଭାପତି ଭାବେ ପ୍ରକାଶ କୁମାର ଜେନା, କାର୍ଯ୍ୟକାରୀ ସଭାପତି କର୍ମେଶ୍ୱର ସ୍ୱାଇଁ, ଉପସଭାପତି ଆଶୁତୋଷ ସ୍ୱାଇଁ, ସମ୍ପାଦକ ନଗେନ୍ଦ୍ର ରାଉତ, ସହ ସମ୍ପାଦକ ସତ୍ୟଜିତ ପ୍ରଧାନ, ଯୁଗ୍ମ ସମ୍ପାଦକ ମନମୋହନ ନାୟକ ଓ କୋଷାଧ୍ୟକ୍ଷ ଭାବେ ତୃପ୍ତି ରଞ୍ଜନ ପୃଷ୍ଟି ଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇ ସପଥପାଠ କରାଯାଇଥିଲା । ସୂଚନା ଥାଉକି ଗତ ଜୁନ ୧୨ ତାରିଖ ଦିନ




ତିନୋଟି ଟ୍ରେଲର ସଂଘକୁ ନେଇ ମିଳିତ ସମନଓ୍ୱୟ କମିଟିରେ ଆସନ୍ତା ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ତିନୋଟି ଯାକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶେଷ କରିବାକୁ କମିଟିର ଅଧ୍ୟକ୍ଷ ପ୍ରକାଶ ତ୍ରିପାଠୀ ପ୍ରସ୍ତାବ ଦେଇଥିଲେ । ଆଗାମୀ ଦିନରେ ପାରାଦୀପ ବନ୍ଦରରେ କଣ୍ଟେନର ଦ୍ୱାରା ପଣ୍ୟ ପରିବହନ କରିବାକୁ ବନ୍ଦର ପ୍ରାଧିକରଣ ନିଷ୍ପତି ନେଇଥିବାରୁ ଟ୍ରେଲର ମାଧ୍ୟମରେ କଣ୍ଟେନର ଗୁଡିକୁ ପରିବହନ କରାଯିବ ।ଏଥିପାଇଁ ଆଗାମୀ ଦିନରେ ପାରାଦୀପରେ ବହୁ ଟ୍ରେଲରର ଆବଶ୍ୟକତା ପଡିବ । ପାରାଦୀପରେ ଟ୍ରେଲର ସଂଖ୍ୟା କମ ଥିବାରୁ ଏବଂ ଅଧିକ ଟ୍ରେଲରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନଙ୍କୁ ନୂଆ ଟ୍ରେଲର କରିବା ପାଇଁ କମିଟି ତରଫରୁ ନୂତନ ସଭ୍ୟ ସଂଗ୍ରହ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା ।

# ବିଭିନ୍ନ ସ୍ଥାନରେ ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ ଓ ଗଜାନନ ବେଶ

ରଘୁନାଥପୁର, (ସବ୍ୟୁ) : ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ ଓ ଗଜାନନ ବେଶ ଆନନ୍ଦ ଉଲ୍ଲାସର ସହ ବୈଦିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି ।ଏହି କ୍ରମରେ ମିତ୍ର ପରିବାରର ଶିବେନ ମିତ୍ର ଓ ଶ୍ରୀଦେବ ସରକାରଙ୍କ ତ%୦ାବଧାନ ତଥା ଗ୍ରାମବାସୀ ଓ ସିଦ୍ଧେଶର ଯୁବକ ସଂଘ ସହଯୋଗରେ ଜଗନ୍ନାଥତୋଳା ବଡ଼ଦାଣ୍ଡରେ ସମୟ ର୍ନିଘଣ୍ଟ ଅନୁସାରେ ଶ୍ରୀ ପତିତପାବନଙ୍କୁ ସ୍ନାନ ମଣ୍ଡପକୁ ପହଣ୍ଡିରେ ନିଆଯାଇ ସୁବାସିତ ଜଳରେ ସ୍ନାନ କରାଯାଇଥିଲା ।ପରେ ଗଜାନନ ବେଶରେ ସଜ୍ଜିତ କରାଯାଇ ଧୂପ ଆଳତି କରାଯାଇଥିଲା ।ଏହି ଭକ୍ତିମୟ ପରମ୍ପରାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଭକ୍ତ ଏଠାରେ ସମବେତ ହୋଇଥିଲେ ।ସନ୍ଧ୍ୟାରେ ସୁମଧୁର ଭଜନ କୀର୍ତ୍ତନରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା ।ଶେଷରେ ପ୍ରଭୁଙ୍କୁ ଅଣସର ଗୃହକୁ ଅଣା ଯାଇଥିଲା ।ସେହିପରି ସିଲୋ ଗୋମତୀ ଆଶ୍ରମ,ଗୋପାଳପୁର,ଜଇପୁର ହାଟ, ତରିକୁନ୍ଦ,ଜଗନ୍ନାଥପୁର ମଦନମୋହନ ମଠ ଓ ରେଢୁଆ ଠାରେ ଆଧ୍ୟାତ୍ମିକ ଭାବାବେଗରେ ପ୍ରଭୁଙ୍କ ସ୍ନାନ ଉତ୍ସବ ଓ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା ।

# ମିଳିତ ଜନଶୁଣାଣିରେ ୧୨୧ ଅଭିଯୋଗ

ରାଜକନିକା ,(ସବ୍ୟୁ) :ଆଜି ରାଜକନିକା ବ୍ଲକ ପରିସରର ସଭାଗୃହରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ମାସର ଶେଷ ସୋମବାର ଦିନ ରାଜକନିକା ବ୍ଲକରେ ଅନୁଷ୍ଠିତ ହୋଇଥିବା ଏହି ଜନଶୁଣାଣିରେ ମୋଟ ୧୨୧ଟି ଅଭିଯୋଗ ହୋଇଥିବା ବେଳେ ସାମୁହିକ ଭାବରେ ୨୪ ଓ ବ୍ୟକ୍ତିଗତ ଭାବରେ ୯୭ ଅଭିଯୋଗ ହୋଇଥିଲା । ସେଥିରୁ ୩୪ଟିର ତତ୍କାଳ ସମାଧାନ ହୋଇ ସିଏମଆରଇ ଫଣ୍ଡରୁ ୧୦୦୦୦ଟଙ୍କା ପ୍ରଦାନ କରାଯାଇଛି । ଆଜି ଅଭିଯୋଗ ଶୁଣାଣିରେ ରାଜକନିକା ସ୍ୱାସ୍ଥ୍ୟ କେନ୍ଦ୍ର ବିପର୍ଯ୍ୟସ୍ତ ସଓ୍ୱାସ୍ଥ୍ୟସେବା ଭିତ୍ତିଭୂମି ଅସଜଡ଼ା ହୋଇଥିବା ଯଥା ଟାଇଲ ଉଠିବା, ପଙ୍ଖା ଖସି ପଡିବା,୨୧ ଡାକ୍ତରଙ୍କ ସ୍ଥାନରେ ୪ ଜଣ ଡାକ୍ତର କାମଚଳା ଭାବରେ ରହିବା, ପରୀକ୍ଷା ନିରୀକ୍ଷା ପାଇଁ ସମସ୍ତ ମେସିନ ଲୋକଙ୍କ ସେବା ନ ଦେବାରୁ ରୋଗୀ ନିଦାନ ପାଇଁ ଘରୋଇ ପାଥୋଲାବରେ ଶୋଷିତ ହେବା, ୧୫ ଟି ବେଡ଼ ଥିବା ବେଳେ ବେଡ଼ ସଂଖ୍ୟା ବଢାଇବା,



ରକ୍ତ ଭଣ୍ଡାର ଖୋଲି ସ୍ୱେଚ୍ଛାକୃତ ରକ୍ତଦାନକୁ ଉତ୍ସାହିତ କରିବା, ଜଣେ ଅଭିଜ୍ଞ ଡାକ୍ତରଙ୍କୁ ଇନଚାର୍ଜ ଭାବରେ ଅବସ୍ଥାପିତ କରିବା ଭଳି ଦାବୀ ହୋଇଛି । ସେହିପରି ପାରିନୁଆପଡାର ପବିତ୍ର ରାଉତ ଖରସ୍ରୋତା ନଦୀର ଶାଖା ଜୋର ଯାହା ଦଶ କିମି ଲମଓ୍ୱ ଦେଇ ଯାଇଛି ତା ଉପରେ ଚାଷ ସମୟରେ ଯିବା ଆସିବା କରିବାରେ ଚାଷୀ ମାନଙ୍କ ସମସ୍ୟା ଥିବାରୁ ଫୁଟ ବ୍ରିଜ ନିର୍ମାଣପାଇଁ ଦାବୀ କରିବା, ଆଖୁଳିପଡା ପଞ୍ଚାୟତ ମଲିସାହାଡ଼ା ହରିଜନ ସାହିରେ ଲୋ ଭଲେଟଜ ସମସ୍ୟାର ସମାଧାନ ପାଇଁ ଦାବୀ,ନହୁଣୀ ପଞ୍ଚାୟତରେ କରାଯାଉଥିବା ୩୫ ଲକ୍ଷ ଟଙ୍କାର ପଞ୍ଚାୟତଗୃହର ସ୍ଥାନ ପରିର୍ତ୍ତନ,ବଳରାମପୁର ପଞ୍ଚାୟତ ପୋଖରୀ ତୁଠ ପାଇଁ ଅଭିଯୋଗ, ରାଜକନିକାର ନଦୀକୁଳିଆ ସବୁ ଗାଁ ନିକଟରେ ବେଆଇନ ଚିଙ୍ଗୁଡ଼ି ଘେରିରୁ ନିଷ୍କାସିତ ପାଣି ଯୋଗୁ ଭିତରକନିକା ଜୈବ ବିବିଧତା ନଷ୍ଟ ହେବା ସହିତ ଚାଷୀ କୁଳ ଏବେ ହା ହତାଶରେ ଯାହାକୁ ନେଇ ଜିଲ୍ଲାପାଳଙ୍କ ପାଖରେ ସୌମ୍ୟରଞ୍ଜନ ବିଶ୍ୱାଳ ଅଭିଯୋଗ କରିଥିଲେ । ସେହିପରି ପୋତି ହୋଇ ରହିଥିବା ଗିରିୟା କେନାଲର ପୁନଃରୁଦ୍ଧାର, ଅଚ୍ୟୁତପୁରର ଉଠା ଜଳସେଚନ ପଏଣ୍ଟ ଚୋରି ହୋଇଥିବାରୁ ତାର ପୁନଃସ୍ଥାପନ ଦାବୀ, ଆରଡ଼ି ବିଭାଗ ରାସ୍ତା ନିର୍ମାଣରେ ଉଚ୍ଚ ଖାଲ ପାଇଁ ବିଶାବାଟ ଗାଁ ର ଗୀତାରାଣୀ ବେହେରାଙ୍କ ମୃତ୍ୟୁ ହେବା ଘଟଣାରେ ତାଙ୍କ ସ୍ୱାମୀ ବିଭାଗୀୟ ଦାୟିତ୍ୱହୀନତା ଯୋଗୁ କ୍ଷତିପୂରଣ ପାଇଁ ଦାବୀ କରିଥିଲେ । ସମସ୍ତ ଅଭିଯୋଗ ଗୁଡିକର ବିଭାଗୀୟ ଅଧିକାରୀ ମାନେ ଉପଯୁକ୍ତ ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ ରଘୁରାମ ଆର ଆୟର କହିଛନ୍ତି । ଆଜିର ଜନଶୁଣାଣିରେ ଜିଲ୍ଲା ଓ ବ୍ଲକ ସ୍ତରର ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ସିଦ୍ଧଳ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ସ୍ନାନଯାତ୍ରା

ଜଗତସିଂହପୁର ,(ସବ୍ୟୁ) : ଆଜି ସିଦ୍ଧଳସ୍ଥ ଶ୍ରୀ ବଳଦେବଜୀଉ ମନ୍ଦିର ରେ ଶ୍ରୀ ଜୀଉମାନଙ୍କୁ ପ୍ରାତଃ ୭: ୩୦ ମିନିଟ ସମୟ ରେ ଗୋଟିପହଣ୍ଡି କ ରା ଯା ଇ ସ୍ନାନ ମଣ୍ଡପକୁ ନିଆଯାଇଥିଲା । ସ୍ନାନବେଦୀରେ ମନ୍ଦିରର ପୁରୋଧା ଓ ସେବାୟତ ମାନଙ୍କ ଦ୍ୱାରା ଶ୍ରୀ ଜୀଉ ମାନଙ୍କୁ ସୁବାସିତ ଜଳରେ ପ୍ରତ୍ୟକ୍ଷ ସ୍ନାନ କରାଯାଇଥିଲା ।ଏହି ଉତ୍ସବରେ



ବ୍ରାହ୍ମଣମାନଙ୍କ ଦ୍ୱାରା ବେଦ ପାଠ ଏବଂ ସଂକୀର୍ତ୍ତନ ଓ ଘଣ୍ଟ ଘଣ୍ଟା ବାଦ୍ୟରେ ମନ୍ଦିର ପରିସର ପ୍ରକମ୍ପିତ ଦହାଇ ଉଠିଥିଲା ।ଏଥି ସହିତ ସ୍ନାନ ବେଦୀ ରେ ଶ୍ରୀ ଜୀଉ ମାନଙ୍କୁ ଗଜାନନ ବେଶ ରେ ସଜ୍ଜିତ କରାଯାଇଥିଲା । ଶ୍ରୀ ଜୀଉ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ ।ମନ୍ଦିର ପରିଚାଳନା ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ମହାପ୍ରଭୁ ଙ୍କୁ ଦର୍ଶନ କରି କୃପାଭିକ୍ଷା କରିଥିଲେ ।ସକାଳ ଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବହୁ ଦୁରଦୁରାନ୍ତରୁ ଭକ୍ତ ମାନେ ଆସି ସ୍ନାନ ବେଦୀ ରେ ଶ୍ରୀ ଜୀଉ ମାନଙ୍କୁ ଦର୍ଶନ କରିବା ସହିତ ମଧ୍ୟାହ୍ନ ଧୂପ ବାହାରିବା ପରେ ଭକ୍ତମାନେ ପ୍ରସାଦ ସେବନ କରି ଥିଲେ । ଆଗାମୀ ରଥଯାତ୍ରା ଉପଲକ୍ଷେ ବିଭିନ୍ନ ଅଞ୍ଚଳରେ ଥିବା ମଠ ମନ୍ଦିର ଆଦିକୁ ମହାପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ର ନିମନ୍ତ୍ରଣ ପଠା ଯାଇଥିଲା ।

# ଜନବସତି ନିକଟରେ ମଦ ଦୋକାନ ଖୋଲିବାକୁ ବିରୋଧ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାରେ ମଦ ଦୋକାନ ଖୋଲିବାକୁ ନୂତନ ଭାବେ ଟେଣ୍ଡର ହୋଇଥିବା ୬୪ ଗୋଟି ମଦ ଦୋକାନ ଖୋଲିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଲଟେରୀ ଉଠାଣ କାର୍ଯ୍ୟ ଶେଷ ହୋଇସାରିଛି । ଯାହାଫଳରେ ବିଭିନ୍ନ ସ୍ଥାନରେ ଜନବସତି ମଧ୍ୟରେ ମଦ ଦୋକାନ ଖୋଲିବାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ପଂଚାୟତ ସମିତି ମାର୍ଶାଘାଇ ଥାନା ଯଦୁପୁରୁ ଗ୍ରାମରେ ଜନବସତି ମଧ୍ୟରେ ଏକ ନୂତନ ମଦ ଦୋକାନ ଖୋଲିବାକୁ ନେଇ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଏଠାରେ ମଦ ଦୋକାନ ନ ଖୋଲିବା ପାଇଁ ଦାବି କରିଛନ୍ତି । ଦାବୀ ମୁତାବକ ଯଦୁପୁରୁ ଓସ୍ତର ରାସ୍ତା ପାଶ୍ୱର୍ରେ ବହୁ ବ୍ୟକ୍ତି ଦୀର୍ଘ ବର୍ଷ ଧରି ବସବାସ କରିବା ସହିତ ଚଳପ୍ରଚଳ ପାଇଁ ବିଭିନ୍ନ ବ୍ୟବସାୟ କରି ଆସୁଛନ୍ତି । ଜୟଚନ୍ଦ୍ରପୁର ପଂଚାୟତ ସାନ ଗାଁ ଜନସେବା କେନ୍ଦ୍ରକୁ ଲାଗି ଏକ ମଦ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତି ଚାଲିଛି । ଏହି ବାଟଦେଇ ଯଦୁପୁରୁ, ତେର ଗାଁ, ଜୟଚନ୍ଦ୍ରପୁର ଗ୍ରାମ ପଂଚାୟତର ଶହ ଶହ ବ୍ୟକ୍ତି ଯିବା ଆସିବା କରିବା ସହିତ ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟ ସହିତ ତିନିଗୋଟି ଉଚ୍ଚ ବିଦ୍ୟାଳୟ ଏଠାରେ ରହିଛି ।

# ଜନ୍ମ ଦିନରେ ବୃଦ୍ଧାଶ୍ରମକୁ ସିସିଟିଭି ପ୍ରଦାନ

ପାଣିକୋଇଲି, (ସବ୍ୟୁ) : ଯାଜପୁରର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ୫୪ ତମ ଜନ୍ମ ବାର୍ଷିକ ଉପଲକ୍ଷେ ପାଣିକୋଇଲି ବିଜେଡି ପକ୍ଷରୁ ଶେଷ ପରିଚୟ ବୃଦ୍ଧାଶ୍ରମରେ ଜନ୍ମ ଦିବସ ପାଳନ କରାଯାଇଛି। ବୃଦ୍ଧାଶ୍ରମର ଏକ ଦିନ ପାଇଁ ସମସ୍ତ ଖାଦ୍ୟପେୟ ଓ ନୂତନ ବସ୍ତ୍ର ସହିତ ଆଶ୍ରମରେ ସିସିଟିଭି ଲଗାଇବା ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ପାଣିକୋଇଲି ବିଜେଡି ପକ୍ଷରୁ ସଦସ୍ୟ ମାନେ ଯୋଗଦେଇ ଅନ୍ତେବାସୀଙ୍କ ସହିତ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ଦାମୋଦର ସାହୁ, ଡକପଂର ସୁରେଶ ଚନ୍ଦ୍ର ପଣ୍ଡା, ସୁଧାଂଶୁ ଶେଖର ଘଡାଇ, ବିଜନ ଧଳ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ବେଣୁଧାର ଖଣ୍ଡାଇ, କରୁଣାକର ମାଝୀ, ସୁଶାନ୍ତ ବେହେରା, ଉଦୟ ମଲିକ, ପପି ସେଠୀ, ଗୟାଧର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବୃଦ୍ଧାଶ୍ରମ ପକ୍ଷରୁ ସୁବାସ ଧଳ, ସୁଧାଶଙ୍କର ବିଶ୍ୱାଳ, ରାକେଶ ଟଂଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନ୍ମଦିନ ପାଳନର କାଯ୍ୟକ୍ରମକୁ ସୁଚାରୁରୂପେ ପାଳନ କରିଥିଲେ। ଏହି କାଯ୍ୟକ୍ରମରେ ଅନ୍ତେବାସୀ ମାନେ ଶ୍ରୀ ଦାସଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ।

# ସାଲେପୁର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

ସାଲେପୁର ,(ସବ୍ୟୁ) : ସାଲେପୁର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତି ଅନୁଯାୟୀ ପାଳିତ ହୋଇଯାଇଛି। ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ସକାଳ ୧୦ ଘଟିକା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ସମାପନ ପୂର୍ବକ ଗୋଟି ପହଣ୍ଡିରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ସ୍ନାନ ମଣ୍ଡପକୁ ଆଣିବା ପରେ ୧୦୮ କଳସୀ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଅପରାହ୍ନ ୩ ଘଟିକା



ସମୟରେ ଗଜବେଶରେ ମହାପ୍ରଭୁ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ଶହ ଶହ ଶ୍ରଦ୍ଧାଳୁ ଭକ୍ତିଭାବର ସହିତ ମହାପ୍ରଭୁଙ୍କ ଗଜବେଶ ଦର୍ଶନ କରିବା ସହ ଦୀପ, ଧୂପ ଜାଳିଥିଲେ। ରାତ୍ର ୧୦ ଘଟିକା ସମୟରେ ଚତୁର୍ଦ୍ଧା ମୂର୍ତ୍ତୀ ଅଣସର ଗୃହକୁ ଯାଇଥିଲେ। ଆଜିର ଏହି ସ୍ନାନ ପୂର୍ଣ୍ଣିମାର ସମସ୍ତ ନୀତିକାନ୍ତିକୁ ଶ୍ୟାମ ପ୍ରସନ୍ନ କର,ସନାତନ ମହାପାତ୍ର, ଜ୍ଞାନ ରଞ୍ଜନ କର, ଅମୀୟ କର, ପ୍ରଦୀପ୍ତ କର,ଅଜୟ କୁମାର କର,ବିଶ୍ୱଜିତ ପତି, ସୂର୍ଯ୍ୟଦିତ କର, ଭବାନୀ ପ୍ରସାଦ କର,ସ୍ୱପ୍ନଜିତ କର, ଉପେନ୍ଦ୍ର କର ପ୍ରମୁଖଙ୍କ ସମେତ ସମସ୍ତ ସେବାୟତ ସମାପନ କରିଥିଲେ।

# ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ

## ସାଇକେଲ ଷ୍ଟାଣ୍ଡ,ଭୋଗ ଓ ଦୀପ ଦୋକାନୀଙ୍କ ମନମାନି

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ଆଜି ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଦ୍ମବନ ପୀଠ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠରେ ଦେବସ୍ନାନ ବ୍ୟାପକ ଅବ୍ୟବସ୍ଥା ଓ ଜନ ଅସନ୍ତୋଷ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାରେ ଓଡିଶାର ବିଭିନ୍ନ ପୁରପଲ୍ଲୀରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ତେବେ ପ୍ରଶାସନର ଦାୟୀତ୍ୱ ହୀନତା ସର୍ବୋପରି କର୍ତବ୍ୟରେ ଚରମ ଅବହେଳା କାରଣରୁ ଚଳିତ ବର୍ଷ ଏହି ଉତ୍ସବରେ ନାନା ପ୍ରକାର ବିଭ୍ରାଟ ଘଟିଥିବାର ଦେଖିବାକୁ ମିଳିଥିଲା ।ଯାହାକୁ ନେଇ ଭକ୍ତ ମହଲରେ ଗଭୀରଅସନ୍ତୋଷ ସୃଷ୍ଟି ହୋଇଥିଲା । ଅଭିଯୋଗରୁ ଜଣାଯାଏ ଯେ, ପ୍ରଶାସନର ସର୍ବୋପରି ଟ୍ରଷ୍ଟ ବୋର୍ଡର କାର୍ଯ୍ୟକର୍ତାଙ୍କ ମନମୁଖି କାଯ୍ୟ ପାଇଁ ଶ୍ରଦ୍ଧାଳୁ ଭକ୍ତମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି । ଟ୍ରଷ୍ଟବୋର୍ଡ ପକ୍ଷରୁ ଦିଆଯାଇଥିବା ସାଇକେଲ ଷ୍ଟାଣ୍ଡ, ଭୋଗ ଦୋକାନ , ଫୁଲ ଦୋକାନ ଓ ଦୀପ ଦୋକାନୀ ମାନେ ମନଇଛା ଦର ଲାଗୁ କରିବାକୁ ପଛାଇନଥିଲେ । ଯାହାକୁ ନେଇ ଭକ୍ତମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା । ବହୁ ଶ୍ରଦ୍ଧାଳୁ ଭକ୍ତମାନେ ମାସୁଲ ଓ ଭୋଗ ଦେଇନପାରି ପ୍ରଭୁଙ୍କୁ ମୁଣ୍ଡିଆ ମାରି ନିରାଶରେ ଫେରିବାକୁ ବାଧ ହୋଇଥିଲେ । ଅପରପକ୍ଷରେ ଜନ ସମାଗମକୁ ଆଖିଆଗରେ ରଖି ପୋଲିସ ପ୍ରଶାସନ ତରଫରୁ ବ୍ୟାରିକେଟ କରାଯାଇଥିଲା । କିନ୍ତୁ ଭକ୍ତମାନେ ପୋଲିସ ପ୍ରଶାସନର ଏହି ବ୍ୟାରିକେଟ ମଧ୍ୟରେ ଠେଲାପେଲା ହୋଇ ଥିବାର ଦେଖିବାକୁ ମିଳିଥିଲା । ଏପରିକି ମହିଳା ଓ ଯୁବତୀ ଭକ୍ତମାନେ ଘୋର ଅସୁବିଧାର ସମ୍ମୁଖିନ ହୋଇଥିଲେ । ସମାଧି ଉପରକୁ ଯିବାକୁ ଚାହୁଁଥିବା ଭକ୍ତମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଉଥିବା ମଧ୍ୟ ଅଭିଯୋଗ ଉଠିଛି । ଏପରିକି ପୋଲିସ ପ୍ରଶାସନର କର୍ତବ୍ୟରେ ଚରମ ଅବହେଳା କାରଣରୁ ଶତାଧିକ ବ୍ୟକ୍ତିଙ୍କର ଦାମୀ ମୋବାଇଲ ,ମନିପର୍ସ ଓ ନଗଦ ଟଙ୍କା ଚୋରି ହୋଇଥିବାର ଅଭିଯୋଗ ହୋଇଛି । ଲୁଟପାଟ ସାଙ୍ଗକୁ ଠେଲାପେଲା ନିୟନ୍ତ୍ରଣ ବାହାରେ ହୋଇଥିଲା । ଜନ ଗହଳି ହେତୁ ଲୁଟେରାମାନଙ୍କ ଚରାଭୁଇଁ ପାଲଟିଛି ନେମାଳ ପଦ୍ମବନ ପୀଠ । ଅପରପକ୍ଷରେ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପାରମ୍ପରିକ ରୀତି ନୀତି ଅନୁଯାଇ ପ୍ରଭାତରୁ ମହାପୁରୁଷଙ୍କ ସ୍ନାନ ଆଦି ନୀତି ସମାପନ ପରେ ଚନ୍ଦନ ତୁଳସୀ ଲାଗି କରାଯାଇଥିଲା । ମଧ୍ୟାହ୍ନରେ କୋଠ ଭୋଗ ଓ ସନ୍ଧ୍ୟାରେ ମହାଆଳତୀ କରାଯାଇଛି । ସେହିଭଳି ଭାବେ ଗୋପିନାଥଙ୍କର ପୂଜାର୍ଚ୍ଚନା କରଯିବା ସହ ସ୍ନାନ ବେଦୀରେ ସ୍ନାନଯାତ୍ରା ସମାପନ ହୋଇଛି । ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଏହି ପୀଠରେ ପହଂଚି ପ୍ରଭୁଙ୍କର ଆଶ୍ରୀବାଦ ନେଇଥିଲେ । ସନ୍ଧ୍ୟାରେ ଚିତ୍ରୋପିଳା ନଦୀ ତଟରେ ରାସକୀର୍ତନ, ମାଳିକା ଆଲୋଚନା, ପ୍ରବଚନ ଓ ପାରମ୍ପରିକ ନୃତ୍ୟ ଗୀତର ସମ୍ଭାର ଦେଖିବାକୁ ମିଳିଥିଲା । ଚିତ୍ରୋପିଳା ନଦୀ ପଠା ରାସକୀର୍ତନରେ ପ୍ରକମ୍ପିତ ହୋଇଥିଲା । ବର୍ଷା ସତ୍ତ୍ୱେ ପୀଠରେ ଓ ନଦୀ ପଠାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ବହୁ ସ୍ଥାନରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ମାଗଣାରେ ଅନ୍ନପ୍ରସାଦ ଓ ଜଳଛତ୍ରର ବୟବସ୍ଥା କରାଯାଇଥିଲା । ତେବେ ଚଳିତ ବର୍ଷ ପ୍ରଶାସନର ପ୍ରକୃତ ପାରିବା ପଣିଆ ପଦାରେ ପଡିଥିବା କାରଣରୁ ପ୍ରଶାସନ ତରଫରୁ ଆସ୍ଥା ବିଶ୍ୱାସ ତୁଟି ଯାଇଛି ।

# ମା ପ୍ରଗଳାଙ୍କ ପୀଠରେ ଗଣମାଧ୍ୟମ ପ୍ରତିନିଧିଙ୍କ ବନ୍ଧୁମିଳନ
## ଏକତାର ସଙ୍କଳ୍ପରେ ସତ୍ୟର ସ୍ୱର ଶାଣିତ କରିବାକୁ ଆହ୍ୱାନ

ନରସିଂହପୁର /ଖଣ୍ଡପଡ଼ା ,(ସବ୍ୟୁ) : ପ୍ରତ୍ୟେକ ମଣିଷର ଆବଶ୍ୟକ ଦାବି ରହିବା ସହିତ ଗଣମାଧ୍ୟମକୁ ଚତୁର୍ଥସ୍ତମ୍ଭର ସ୍ଥାନ ଦିଆଯାଇଛି । ମାତ୍ର ଆଜିର ସମାଜରେ ପ୍ରକୃତ ସ୍ଥାନ ପାଇବାରେ ବ୍ୟତିକ୍ରମ ଦେଖା ଦେଇଥିବା ଜଣାପଡିଛି । ଏହାକୁ ନେଇ ବିଭିନ୍ନ ଅଞ୍ଚଳର ଗଣମାଧ୍ୟମର ସାମ୍ବାଦିକମାନଙ୍କର ଏକ ଭବ୍ୟ ଭାଇଚାରାର ଏକ ବିରାଟ ବନ୍ଧୁମିଳନ କାର୍ଯ୍ୟକ୍ରମ କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଜୟପୁର ସ୍ଥିତ ମା' ପ୍ରଗଳାଙ୍କ ପୀଠ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି ।ନରସିଂହପୁର ପ୍ରେସ କ୍ଲବର ସଭାପତି ଦେବୀପ୍ରସାଦ ରଥଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା,ଭାପୁର,କଣ୍ଟିଲୋ, ଗଣିଆ, ନୂଆଗାଁ, ଦଶପଲ୍ଲା ଓ ନରସିଂହପୁର ସାମ୍ବାଦିକ ସଂଘର ୭୦ରୁ ଉର୍ଦ୍ଧ୍ୱର୍ ସଦସ୍ୟ ଉପସ୍ଥିତ ରହି ଆଧ୍ୟାତ୍ମିକତା ଓ ଶକ୍ତି, ଭକ୍ତିମୟ ପରିବେଶ ମଧ୍ୟରେ ଏକାଠି ହୋଇଥିଲେ ।ନରସିଂହପୁର ସାମ୍ବାଦିକ ସଂଘ ତାର ଏକତାର ସୂତ୍ରରେ ବାନ୍ଧି ହୋଇ ବିଭିନ୍ନ ଦାବିକୁ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିବା ପାଇଁ ଆଲୋଚନା ହୋଇଥିଲା ।ଏ ଅବସରରେ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସଂର୍ପକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ବରିଷ୍ଠ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ କରିବା, ସାମ୍ବାଦିକ ସୁରକ୍ଷା ଆଇନ ତୁରନ୍ତ ଲାଗୁ କରିବା ସହ ପ୍ରେସ କାଉନସିଲ ଅଫ ଓଡିଶା ଗଠନ ଦିଗରେ ରାଜ୍ୟ ସରକାର ଧ୍ୟାନ ଦେବାକୁ ବରିଷ୍ଠ ସାମ୍ବାଦିକମାନେ ମତ ଦେବା ସହ ଦାବି ଉପସ୍ଥାପନ କରିଥିଲେ । ସେହିପରି ପରସ୍ପର ମଧ୍ୟରେ ଭାଇଚାରାଭାବ ବଜାୟ ରଖି ସମସ୍ତେ ଏକତାର ସୂତ୍ରରେ ବାନ୍ଧି ହୋଇ ରହିବା ନିମନ୍ତେ ମା ଙ୍କ ପୀଠରେ ଶପଥ ନେଇଥିଲେ ।ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଭୂପେନ ଦାଶ, ଅଖିଳ ବିହାରୀ ପାଣିଗ୍ରାହୀ, ସୁଶାନ୍ତ କୁମାର ସାହୁ, କମଳ ଲୋଚନ ଦଳେଇ , ଭବାନୀଶଙ୍କର ସିଂହସାମନ୍ତ,ଶରତ ସାହୁ,ସରୋଜ କୁମାର ମିଶ୍ର,ମୋହନ କୁମାର ନନ୍ଦ,ଶ୍ରୀକାନ୍ତ ରାଉତ,ନିରଞ୍ଜନ ପଣ୍ଡା, ଟିଟନ ସାହୁ,ରବୀନ୍ଦ୍ର ଚନ୍ଦ୍ର ବେହେରା,ଶୁଭ୍ରାଂଶୁ କୁମାର ମହାରଣା,ରଜତ କୁମାର ଦାସ,ବ୍ରଜବନ୍ଧୁ ଦେହୁରୀ, ସଦାଶିବ ପାତ୍ର,ବାଳକୃଷ୍ଣ ରାଉତ,ବିଷ୍ଣୁପ୍ରସାଦ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁପଡୋଶୀ ଜିଲ୍ଲା ସହିତ ବ୍ଲକ ଅଞ୍ଚଳରେ ସମସ୍ତ ସାମ୍ବାଦିକଙ୍କୁ ସାମିଲ କରାଯିବ ବୋଲି ନରସିଂହପୁର ସାମ୍ବାଦିକ ସଂଘ ସଭାପତି ଶ୍ରୀ ରଥ ବକ୍ତବ୍ୟ ରଖିଥିଲେ ।




# ରଥଯାତ୍ରା ପରିଚାଳନାରେ ଅବହେଳା, ଭୋଗୁଛନ୍ତି ସାଧାରଣ ଲୋକେ

ଫୁଲନଖରା ,(ସବ୍ୟୁ) :କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରାନିଆଳି ମୁଖ୍ୟ ସଡ଼କ ପାଶ୍ୱର୍ରେ ଅବସ୍ଥିତ କୁରାଙ୍ଗ ଶାସନ ନଡ଼ିଆଗୁରୁଡିର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ନେଇ ପ୍ରତିବର୍ଷ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ମାତ୍ର ଧାର୍ମିକ ଉତ୍ସବର ଆଢ଼ରେ ମୁଖ୍ୟ ସଡ଼କରେ ସୃଷ୍ଟି ହେଉଥିବା ଚରମ ଯାତାୟାତ ଅବ୍ୟବସ୍ଥା ଏବେ ସାଧାରଣ ଲୋକଙ୍କ ପାଇଁ ଗୁରୁତର ସମସ୍ୟାର କାରଣ ପାଲଟିଛି । ପ୍ରତିବର୍ଷ ରଥଯାତ୍ରା ଓ ବାହୁଡ଼ା ଅବସରରେ ମହାପ୍ରଭୁଙ୍କ ରଥ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ମାଉସୀ ମା' ମନ୍ଦିରକୁ ଯାଇଥାଏ । ତେବେ ପ୍ରାୟ ୨୫ - ୩୦ ଫୁଟ୍ରୁ ଅଧିକ ଉଚ୍ଚତା ବିଶିଷ୍ଟ ଏହି ରଥ ମୁଖ୍ୟ ରାସ୍ତା ମଝି ଦେଇ ଯାତ୍ରା କରିବାକୁ ବାଧ୍ୟ ହୋଇଥାଏ । ରାସ୍ତାର ଦୁଇ ପାଶ୍ୱର୍ରେ ବର୍ଷ ବର୍ଷ ଧରି ବଢ଼ିଥିବା ବୃକ୍ଷର ଡାଳପତ୍ର ସଡ଼କ ଉପରକୁ ମାଡ଼ି ଆସିଥିବାରୁ ରଥକୁ ଏକ ପାଶ୍ୱର୍ରେ ଚଳାଚଳ କରାଇବା ସମ୍ଭବ ହେଉନାହିଁ । ଫଳରେ ରଥ ଟଣା ସମୟରେ ସମ୍ପୂର୍ଣ୍ଣ ରାସ୍ତା ଅବରୋଧ ହୋଇଯାଉଛି ଏବଂ ଉଭୟ ପାଶ୍ୱର୍ରେ ଶହଶହ ଛୋଟ ଓ ବଡ଼ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହୁଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ରାସ୍ତା କେବଳ ସ୍ଥାନୀୟ ଯାତାୟାତ ପାଇଁ ନୁହେଁ ବରଂ ନିଆଳି, ଅଡ଼ଶପୁର, କଣ୍ଟାପଡ଼ା, ଚାରିଛକ ଓ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ଦୈନନ୍ଦିନ ଯାତାୟାତର ପ୍ରମୁଖ ରାସ୍ତା ଅଟେ । ରୋଗୀଙ୍କୁ ନେଇ ମହିଧରପଡ଼ା ଡାକ୍ତରଖାନା, ଓଲଟପୁର ନିତାର କେନ୍ଦ୍ର କିମ୍ବା କଟକ ଓ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀକାଳୀନ ଗାଡ଼ିମାନେ ମଧ୍ୟ ଏହି ଜାମରେ ଫସି ରହୁଛନ୍ତି । ଅନେକ ସମୟରେ ରୋଗୀ ଓ ସେମାନଙ୍କ ପରିବାର ଲୋକ ନାହିଁନଥିବା ହଇରାଣର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ଆଜିର ନୁହେଁ । ବର୍ଷ ବର୍ଷ ଧରି ରଥଯାତ୍ରା ସମୟରେ ସମାନ ପରିସ୍ଥିତି ଦେଖାଦେଉଥିଲେ ମଧ୍ୟ ରଥଯାତ୍ରା ପରିଚାଳନା କମିଟି, ସ୍ଥାନୀୟ ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ସ୍ଥାୟୀ ସମାଧାନ ଦିଗରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ । ରଥଯାତ୍ରା ସମୟରେ ଖାଲି ବୈଠକ ଉପରେ ଗୁରୁି ନ ଦେଇ ରଥ ଯାତ୍ରା ସମୟରେ ହେଉଥିବା ଏଭଳି ଗୁରୁତ୍ୱପୂର୍ଣ୍ଣ ଅସୁବିଧା ସୁଧାରିବାକୁ ପୋଲିସ ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟିକୁ ବୁଦ୍ଧିଜିବୀ ମାନେ ଦାବି କରିଛନ୍ତି ଯେ ରାସ୍ତା ଉପରକୁ ମାଡ଼ି ରହିଥିବା ଗଛ ଡାଳଗୁଡ଼ିକୁ ଛେଦନ କରାଯାଇ ରଥ ଚଳାଚଳ ପାଇଁ ଗୋଟିଏ ପାଶ୍ୱର୍ ସୁଗମ କରାଗଲେ ଅନ୍ୟ ପାଶ୍ୱର୍ରେ ସାଧାରଣ ଯାନବାହନ ଚଳାଚଳ ସାଭାବିକ ରହିପାରିବ । କିନ୍ତୁ ଏଭଳି ସରଳ ଓ ବ୍ୟବହାରିକ ବ୍ୟବସ୍ଥା ପ୍ରତି ପ୍ରଶାସନର ଉଦାସୀନତାକୁ ନେଇ ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଉଛି । ଅଞ୍ଚଳବାସୀଙ୍କ ମତରେ, ଧାର୍ମିକ ପରମ୍ପରାର ସୁରକ୍ଷା ଯେତିକି ଆବଶ୍ୟକ, ସେତିକି ଜନସାଧାରଣଙ୍କ ସୁବିଧା, ଜରୁରୀ ସ୍ୱାସ୍ଥ୍ୟସେବା ଓ ନିରବଚ୍ଛିନ୍ନ ଯାତାୟାତ ବ୍ୟବସ୍ଥା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଆସନ୍ତା ରଥଯାତ୍ରା ପୂର୍ବରୁ କଟକ ସଦର ପୋଲିସ, ସ୍ଥାନୀୟ ପ୍ରଶାସନ, ଜଙ୍ଗଲ ବିଭାଗ ଓ ରଥଯାତ୍ରା ପରିଚାଳନା କମିଟି ମିଳିତ ଭାବେ ଏକ ସୁପରିକଳ୍ପିତ ଟ୍ରାଫିକ ପରିଚାଳନା ବ୍ୟବସ୍ଥା କରିବା ସହ ରାସ୍ତା ଉପରକୁ ଝୁଲି ରହିଥିବା ଗଛ ଡାଳଗୁଡ଼ିକର ଛେଦନ କରି ଯାତାୟାତ ବାଧା ଦୂର କରିବାକୁ ଦାବି ଜୋର ଧରିଛି । ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ରଥଯାତ୍ରା ସମୟରେ ବଡ଼ଧରଣର ଟ୍ରାଫିକ ଅବ୍ୟବସ୍ଥା ସହ ଜରୁରୀ ସେବା ବ୍ୟାହତ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ମତ ପ୍ରକାଶ କରିଛନ୍ତି ।

# ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କ ହାତୀବେଶ



ନୟାଗଡ଼,(ସବ୍ୟୁ) : ନୟାଗଡ଼ରେ ବିଜେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଛି । ପାରମ୍ପରିକ ରୀତିନୀତି ଅନୁଯାୟୀ ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କର ହାତୀବେଶ ଦର୍ଶନ ନୀତି ଅନୁଷ୍ଠିତ ହୋଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି ।ନୟାଗଡ଼ର ଶ୍ରୀଜଗନ୍ନାଥ ଜୀଉଙ୍କ ର ପାରମ୍ପରିକ ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ପ୍ରତ୍ୟୁଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମସ୍ତ ଦେବନୀତି ସମ୍ପନ୍ନ ପରେ ସ୍ନାନବେଦୀକୁ ଶ୍ରୀବିଗ୍ରହ ପହଣ୍ଡି ବିଜେ କରିଥିଲେ । ପୂଜାପଣ୍ଡା, ପଢିଆରୀ ଏବଂ ପୁରୋହିତ ଓ ପରିଛାଙ୍କ ଉପସ୍ଥିତିରେ ଶ୍ରୀଜୀଉଙ୍କୁ ୧୦୮ ଗରା ପବିତ୍ର ଜଳରେ ସ୍ନାନ ମାର୍ଜନା କରାଯାଇଥିଲା । ସନ୍ଧ୍ୟାରେ ଚତୁର୍ଦ୍ଧାମୂର୍ତ୍ତି ହାତୀବେଶ ରେ ଭକ୍ତଜନଙ୍କୁ ଦର୍ଶନ ଦେଇଥିଲେ । ଦେବତ୍ତୋର ମ୍ୟାନେଜର ତାପସ ରଂଜନ ପଟ୍ଟନାୟକ ସ୍ନାନଯାତ୍ରା ପରିଚାଳନା କରିଥିଲେ । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ମନ୍ଦିର ପରିବେଶକୁ ଉତ୍ସବମୁଖର କରିଥିଲା । ଏହି ଉପଲକ୍ଷେ ନବକଳେବର ରଥଚକ ସ୍ଥାପନ କମିଟି ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ କ=ଶିଳ୍ପୀ ନବ ମିଶ୍ରଙ୍କ ଭକ୍ତିଭରା କ=ରେ ଶ୍ରୀଜଗନ୍ନାଥଙ୍କ ଭଜନ ଶ୍ରଦ୍ଧାଳୁଙ୍କୁ ବାନ୍ଧି ରଖିଥିଲା । କ=ଶିଳ୍ପୀ ପ୍ରଶାନ୍ତ ଦାଶ ଆଦି ଅନେକ ଭଜନ ପରିବେଷଣ

# ଅଧ୍ୟାପକଙ୍କ ଅକାଳ ମୃତ୍ୟୁ

ଭାପୁର ,(ସବ୍ୟୁ): ଭାପୁର ବ୍ଲକ ଶାସନ ପଞ୍ଚାୟତ ଟିକିରିପଡା ଗ୍ରାମରେ ଅବସ୍ଥିତ ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷାବିଭାଗର ମୁଖ୍ୟ ପ୍ରକାଶ କୁମାର ସାହୁଙ୍କର ରବିବାର ଦିନଦ ଅକାଳ ମୃତ୍ୟୁହୋଇଛି ।ସେ ମହାବିଦ୍ୟାଳୟ ରେ ୧୯୯୭ ମସିହାରୁ ଅଧ୍ୟାପନା ଦେଇ ଆସୁଥିଲେ । ତାଙ୍କ ଘର କଟକ ଜିଲ୍ଲା ବାଙ୍କୀ ପାଟପୁର ଗ୍ରାମରେ ପୂର୍ବରୁ ତାଙ୍କର ଶ୍ୱାସ ଜନିତ ରୋଗ ରହିଥିବାବେଳେ ଗତ ୨/୩ ଦିନ ହେଲା ଶ୍ୱାସ ବାହାରିଥିଲା ଏବଂ ସେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଚିକିତ୍ସା ହୋଇ ଘରକୁ ଫେରିଥିଲେ ।

# ରଣପୁର ଶ୍ରୀମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା
## ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ମୂର୍ତ୍ତି



ରଣପୁର ,(ସବ୍ୟୁ) : ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଚକାଶିଳା କ୍ଷେତ୍ର ରଣପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି । ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନବେଦୀକୁ ବିଜେ କରିଥିବା ବେଳେ, ସ୍ନାନ ପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଗଜାନନ ବେଶରେ ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ଦେଇଛନ୍ତି । ଏହି ଅପୂର୍ବ ବେଶ ଦର୍ଶନ ପାଇଁ ସକାଳ ଠାରୁ ମନ୍ଦିର ପରିସରରେ ଭକ୍ତଙ୍କ ବ୍ୟାପକ ସମାଗମ ପରିଲକ୍ଷିତ ହୋଇଥିଲା ।ପାରମ୍ପରିକ ବିଧି ଅନୁଯାୟୀ ସେବାୟତ ମାନଙ୍କ ଦ୍ୱାରା ଠାକୁରମାନଙ୍କୁ ସ୍ନାନମଣ୍ଡପକୁ ପହଣ୍ଡିରେ ବିଜେ କରାଯାଇଥିଲା । ପରେ ୧୦୮ ଗଡୁ ପବିତ୍ର ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମହାସ୍ନାନ ସମ୍ପନ୍ନ ହୋଇଥିଲା । ସ୍ନାନ ପରେ ଚନ୍ଦନ ଲାଗି ନୀତି ସମ୍ପନ୍ନ କରାଯାଇ ଗଜାନନ ବେଶ ଧାରଣ କରାଯାଇଥିଲା । ଫୁଲ, ବିଭିନ୍ନ ଅଳଙ୍କାର ଓ ଆଭୂଷଣରେ ଶ୍ରୀବିଗ୍ରହମାନଙ୍କୁ ସୁସଜ୍ଜିତ କରାଯାଇ ଯଥାରୀତି ପୂଜାର୍ଚ୍ଚନା କରାଯାଇଛି ।ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସେବାୟତ ମାନଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯାଇ ଠାକୁରଙ୍କ ପହଣ୍ଡି, ସ୍ନାନ ଓ ଗଜାନନ ବେଶ ଶେଷ ହେବା ପରେ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ରାତି ପ୍ରାୟ ୯ଟାରେ ସ୍ନାନମଣ୍ଡପରୁ ତିନି ଠାକୁରଙ୍କ ବାହୁଡ଼ା ପହଣ୍ଡି ଅନୁଷ୍ଠିତ ହେବା ପରେ ଶ୍ରୀଜୀଉଙ୍କ ର ଅଣସର ନୀତି ଆରମ୍ଭ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନଙ୍କ ଉପସ୍ଥିତି ତଥା ଦେବୋତ୍ତର ମ୍ୟାନେଜର ରମେଶ ପ୍ରଧାନଙ୍କ ତ%୦ାବଧାନରେ ସେବାୟତ , ମନ୍ଦିର କର୍ମଚାରୀ , ବଜାର କମିଟି ସମେତ ପୋଲିସ ପ୍ରଶାସନଙ୍କ ବିଶେଷ ଙ୍କସହଯୋଗରେ ପ୍ରଭୁ ଙ୍କ ସ୍ନାନଯାତ୍ରା କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଛି । ଭକ୍ତମାନେ ମହାପ୍ରଭୁଙ୍କ ଗଜାନନ ବେଶ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଛନ୍ତି ।

# ମଳିପଡ଼ା ବଳଦେବଜୀଉ ବଡ଼ମଠରେ ସ୍ନାନ ପୂର୍ଣ୍ଣିମା ମହୋତ୍ସବ

ନିରାକାରପୁର, (ସବ୍ୟୁ): ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ଉତ୍ସବମୁଖର ହୋଇଉଠିଛି ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାସ୍ଥିତ ଶ୍ରୀ ବଳଦେବଜୀଉ ବଡ଼ମଠ । ଏହି ପରିପ୍ରେକ୍ଷୀରେ ମଠ ପ୍ରାଙ୍ଗଣରେ ଥିବା ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଭବ୍ୟ ସ୍ନାନ ନୀତି ସମ୍ପନ୍ନ ହୋଇଯାଇଛି । ସୁବାସିତ ଗଙ୍ଗାଜଳ, ଚନ୍ଦନ ଓ ଚୁଆ ମିଶ୍ରିତ ପବିତ୍ର ଜଳରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଦେବ ଏବଂ ଦେବୀ ସୁଭଦ୍ରାଙ୍କୁ ଶ୍ରଦ୍ଧାର ସହ ମହାସ୍ନାନ କରାଯାଇଥିଲା । ଏହା ସହିତ ପ୍ରଭୁଙ୍କୁ ସୁବାସିତ ପୁଷ୍ପରେ ସୁସଜ୍ଜିତ କରାଯାଇ ମେଲାପ ଅନୁଷ୍ଠିତ ହୋଇଥିଲା ।ଏହି ଆଧ୍ୟାତ୍ମିକ ଗଣପର୍ବରେ ସ୍ଥାନୀୟ ଅଞ୍ଚଳ ତଥା ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ଶ୍ରୀଜିଉମାନଙ୍କର ଏହି ଦୁର୍ଲଭ ସ୍ନାନଯାତ୍ରା ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ମହାପ୍ରଭୁଙ୍କ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ମଠ ପ୍ରାଙ୍ଗଣ ପ୍ରକମ୍ପିତ ହୋଇଉଠିଥିଲା ।ଏହି ଅବସରରେ ବଡ଼ମଠର ମହନ୍ତ ଶ୍ରୀ ଅନନ୍ତ ନାରାୟଣ ଦେବାଚାର୍ଯ୍ୟ ଉପସ୍ଥିତ ଭକ୍ତମାନଙ୍କୁ ପ୍ରଭୁଙ୍କର ଅପାର ମହିମା ସମ୍ପର୍କରେ ଆଲୋକପାତ କରିଥିଲେ । ତାଙ୍କ ଦ୍ୱାରା ଆବୃତ୍ତି କରାଯାଇଥିବା ଭକ୍ତିରସପୂର୍ଣ୍ଣ ଶ୍ଳୋକ ଓ ପ୍ରବଚନ ଶ୍ରଦ୍ଧାଳୁମାନଙ୍କୁ ବିମୋହିତ କରିବା ସହ ସେଠାରେ ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ମଠ ପ୍ରଶାସନ ଓ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି ସମସ୍ତ କାର୍ଯ୍ୟକ୍ରମ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମାପନ ହୋଇଯାଇଛି ।

# ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ

ଶରଣକୁଳ, (ସବ୍ୟୁ) : ଶରଣକୁଳ ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଭୁଙ୍କୁ ଭଜନ, କୀର୍ତ୍ତନ, ଶଙ୍ଖ, ଘଣ୍ଟ, ଘଣ୍ଟା ବାଦ୍ୟ ସହ ଦେଉଳରୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା । ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇଥିଲେ । ପ୍ରାତଃରେ ମନ୍ଦିର ଖୋଲାଯାଇ ଠାକୁରଙ୍କ ସେନାପଟା ନୀତି ପରେ ଆଳତି ପରେ ପହଣ୍ଡି କରାଯାଇ ସ୍ନାନ ମଣ୍ଡପ ବିଜେ କରାଯାଇଥିଲା । ଏଥିପରେ ମଙ୍ଗଳାଅର୍ପଣ ଆଳତି ପରେ ପାଣି ଧୂପ ଓ ଦାନ୍ତୁଆଣି କରାଯାଇ ଅବକାଶ ନୀତି ସମ୍ପର୍ନ୍ନ ପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ସ୍ନାନ ବେଦିରେ ୧୦୮ ଗରା ବାମ୍ଫି ଜଳରେ ସ୍ନାନ କରାଯାଇଥିଲା । ପରେ ଠାକୁରଙ୍କୁ ନୂଆ ବସ୍ତ୍ର ପରିଧାନ କରାଯାଇ ବଲ୍ଲଭ ଭୋଗ ପରେ ପଣା ପୂଜା କରାଯାଇ ଉପସ୍ଥିତ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା । ପରେ ପ୍ରଭୁ ଭକ୍ତଗଣଙ୍କୁ ଦର୍ଶନ ଦେବାପରେ ଖେଚେଡ଼ି ଭୋଗ ଲାଗି ପରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ପହଣ୍ଡି ବିଜେ ଉତ୍ସବ ପରେ ତିନି ଠାକୁରଙ୍କୁ ଅଣସର ଗୃହରେ ବିଜେ କରାଯାଇଥିଲା । ସନ୍ଧ୍ୟାରେ ପଟିଦିଅାଁ ଭକ୍ତଗଣଙ୍କୁ ଦର୍ଶନ ଦେଇଥିଲେ । ଅଣସର ଗୃହରେ ପ୍ରଭୁଙ୍କୁ ପଣା ଓ ଚୁଡା କଦମ୍ବା ଭୋଗ ଲାଗି ହୋଇଥିଲା । ପ୍ରଭୁଙ୍କର ଜ୍ୱର ହେବା ଲାଗି ଆସନ୍ତା କାଲିଠାରୁ ୧୫ଦିନ ବ୍ୟାପି ପାଞ୍ଚଣ ମୋଦକ, ଶ୍ରୀଅଙ୍ଗରେ ମଇଲମ ଫୁଲୁରୀ ତେଲ ଏବଂ ଖଡ଼ି ଲାଗି ଆଦି ସେବା ଅନୁଷ୍ଠିତ ହେବ ।



# ପତିତପାବନ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ନୀତି

ପିପିଲି ,(ସବ୍ୟୁ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାଅବସରରେ ପିପିଲି ସ୍ଥିତ ଆରାଧ୍ୟ ଦେବତା ଶ୍ରୀଶ୍ରୀ ପତିତପାବନ ମନ୍ଦିରରେ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି ମହା ଦେବସ୍ନାନ ଉତ୍ସବ । ସକାଳ ୫ଟା ୩୦ ମିନିଟରେ ମଙ୍ଗଳା ଆଳତି ଓ ନୀତିକାନ୍ତି ସମ୍ପନ୍ନ ହେବା ପରେ ସ୍ନାନ ମଣ୍ଡପ ପ୍ରତିଷ୍ଠା ହୋମ ଅନୁଷ୍ଠିତ ହୋଇଥିଲା । ଏହାପରେ ଦଇତାପତି ଅକ୍ଷୟ ମହାପାତ୍ର, ଜୟଦେବ ମହାପାତ୍ର ଓ ଚନ୍ଦନ ମହାପାତ୍ରଙ୍କ ଦାରା ସେବାୟତମାନେ ପହଣ୍ଡି ବିଜେରେ ମହାପ୍ରଭୁ ପତିତପାବନଙ୍କୁ ସ୍ନାନ ମଣ୍ଡପକୁ ଆଣିଥିଲେ । ହପରମ୍ପରା ଅନୁଯାୟୀ ଚତୁର୍ଦ୍ଧା ବିଗ୍ରହଙ୍କୁ ସ୍ନାନ ମଣ୍ଡପରେ ବିରାଜମାନ କରାଯାଇ ୧୦୮ କଳସ ପବିତ୍ର ଜଳରେ ମହାସ୍ନାନ କରାଯାଇଥିଲା । ସ୍ନାନ ନୀତି ପରେ ସୁନ୍ଦର ବେଶରେ ସଜ୍ଜିତ ମହାପ୍ରଭୁଙ୍କ ଆରତୀ ସହ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା

# ଗତିଶ୍ୱର ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ



କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକ କାଦୁଆ ପଞ୍ଚାୟତ ଅନ୍ତର୍ଗତ କଉଡ଼ିଖଣି ଗ୍ରାମରେ ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ପଶ୍ଚିମସମ୍ଭୁ ବାବା ଗତିଶର ଓ ମା ' ମଙ୍ଗଳା କୁଆଁରୀ ଠାକୁରାଣୀଙ୍କ ତ୍ରୀଦିନାତ୍ମକ ବିଶଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।ଗତ ବୁଧବାର ଅଙ୍କୁରାରୋପୋଣ ହୋଇଥିବା ବେଳେ ଗୁରୁବାର କଳସ ଯାତ୍ରା ଓ ସୂର୍ଯ୍ୟପୂଜା କରାଯାଇଥିଲା ।ଶୁକ୍ରବାର ସର୍ବ ଦେବା ଦେବୀ ପୂଜନ ଓ ଆହୁତି ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା ।ଆଖ ପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇଥିଲେ ।ଏହି ଧାର୍ମିକ କାର୍ଯ୍ୟକ୍ରମରେ ୪ ନଂ ଜିଲ୍ଲାପରିଷଦ ସଭ୍ୟ ଭୀମସେନ ପାଇକରାୟ ଯୋଗଦେଇ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ଜନ ସାଧାରଣଙ୍କ ସୁଖ ଶାନ୍ତି ସମୃଦ୍ଧି ନିମନ୍ତେ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କଣାସ ବ୍ଲକ ଅଧ୍ୟକ୍ଷ ସୁଶିଲକାନ୍ତ ରାଉତ, ସମାଜସେବୀ ଦିବେସ ମାନସିଂହ,ପ୍ରସନ୍ନ କୁମାର ପଟ୍ଟନାୟକ ,ଶେଖର ବାରିକ,ମହେଶର ବୈରୀଗଞ୍ଜନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଣସର ବିଜେନୀତି

କୋଣାର୍କ ,(ସବ୍ୟୁ) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସ୍ଥିତ ରାଜାରାମ ମଠ ପରିସରରେ ଥିବା କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିର ଠାରେ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀଜିଉମାନଙ୍କ ସ୍ନାନ ବେଦୀରେ ପବିତ୍ର ସ୍ନାନନୀତି ଓ ଅଣସର ନୀତି ଧାର୍ମିକ ପରମ୍ପରା ଓ ରୀତିନୀତି ଅନୁଯାୟୀ ସଂପାଦନ କରାଯିବା ସହ ଶ୍ରଦ୍ଧାଳୁ ଭକ୍ତମାନେ ଶ୍ରୀଜିଉମାନଙ୍କୁ ଗଜାନନ ବେଶରେ ଦର୍ଶନ କରି ଆଶିଷ ଭିକ୍ଷା ଓ ପୂଜାର୍ଚ୍ଚନା କରିଛନ୍ତି ।ପ୍ରତ୍ୟୁଷରୁ କୋଣାର୍କ ସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ଦେବ ନୀତି ଅନୁଯାୟୀ ଶ୍ରୀଜିଉମାନଙ୍କ ସମସ୍ତ ନୀତି କାନ୍ତି ସଂପାଦନ କରାଯାଇଥିଲା । ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡି ପହଣ୍ଡି ମାଧ୍ୟମରେ ଅଣାଯାଇ ସ୍ନାନ ମଣ୍ଡପରେ ଅବସ୍ଥାନ କରାଯାଇଥିଲା । ଜଗନ୍ନାଥ ମନ୍ଦିରର ପୂଜକ ମାନେ ଦେବ ନୀତି ଅନୁଯାୟୀ ଶ୍ରୀଜିଉମାନଙ୍କ ପୂଜାର୍ଚ୍ଚନା କରିବା ସହ ସ୍ନାନ ବେଦୀରେ ସ୍ନାନ ନୀତି ସଂପାଦିତ କରାଯାଇଥିଲା । ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିଲା ।କୋଣାର୍କରେ ଶ୍ରୀଜିଉମାନଙ୍କ ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ଗଜାନନ ବେଶ ଦର୍ଶନ ପାଇଁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା ।ଏହି ପରିପ୍ରେକ୍ଷୀରେ ଚତୁର୍ଦ୍ଧାମୂର୍ତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ପ୍ରମୁଖ ଶ୍ରୀଜିଉମାନଙ୍କୁ ଗୋଟି ପହଣ୍ଡିରେ ନିଆଯାଇ ଅଣସର ଘରକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ବୋର୍ଡର ମୁଖ୍ୟ ଟ୍ରଷ୍ଟି ଇଂ ଅମରେଶ୍ୱର ନାୟକ ଓ ପରିଚାଳକ ନିରଜଂନ ବାରିକଙ୍କ ସମେତ ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।ଶେଷରେ ଶ୍ରୀଜଗନ୍ନାଥ ମନ୍ଦିର ଭଜନ ସନ୍ଧ୍ୟାକମିଟି ପକ୍ଷରୁ ଚେତନା ଧର୍ମୀ ଭଜନ ମାନ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶ୍ରୀ ଜଗନ୍ନାଥ ମନ୍ଦିର ଭଜନ ସନ୍ଧ୍ୟାକମିଟିର ସଭାପତି, ସଂପାଦକ ଓ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ ।

# ଇନଫିନିକ୍ସ ସ୍ମାର୍ଟ-୨୦ ବିକ୍ରି ଆରମ୍ଭ

ଭାପୁର ,(ସବ୍ୟୁ) : ଏକ ନୂତନ ଯୁଗର ସ୍ମାର୍ଟଫୋନ୍ ବ୍ରାଣ୍ଡ ଇନଫିନିକ୍ସ ଏହାର ନୂତନ ଲଂଚ ହୋଇଥିବା ସ୍ମାର୍ଟ ୨୦ର ବିକ୍ରି ଫ୍ଲିପକାର୍ଟ ଏବଂ ବଛାବଛା ଖୁଚୁରା ଷ୍ଟୋରରେ ଆରମ୍ଭ ହୋଇଛି । ସ୍ମାର୍ଟ ୨୦ ରେ ଏକ ପ୍ରିମିୟମ୍ ୭.୭ ଏମ୍ଏମ୍ ଅଲଟ୍ରା-ସ୍ଲିମ୍ ଡିଜାଇନ୍, ୧୨୦ଏଚେKଡ୍ ରିଫ୍ରେସ୍ ରେଟ୍ ସହିତ ୬.୭୮-ଇଂଚ ପଞ୍ଚ ହୋଲ୍ ଡିସପ୍ଲେ ଏବଂ ଏକ ଇମର୍ସିଭ୍ ଦେଖିବା ଅଭିଜ୍ଞତା ପାଇଁ ୭୦୦ ନିଟସ୍ ପର୍ଯ୍ୟନ୍ତ ଉଜ୍ଜ୍ୱଳତା ରହିଛି । ୪୮ ମାସର ଫ୍ଲୁଏନ୍ସି ସାର୍ଟିଫିକେଟ୍ ସହିତ ମିଡିଆଟେକ୍ ହେଲିଓ ଜି୮୧ ଅଲଫିମେଟ୍ ପ୍ରୋସେସର୍ ଦ୍ୱାରା ସଂଚାଳିତ, ଡିଭାଇସ୍ ୮ଜିବି ପର୍ଯ୍ୟନ୍ତ ବର୍ଦ୍ଧିତର୍ୟାମ (୪ ଜିବି ୪ ଜିବି ଏକ୍ସଟେଣ୍ଡେଡ୍) ଏବଂ ୧୨୮ ଜିବି ଷ୍ଟୋରେଜ୍ ସହିତ ସୁଗମ ଦୈନନ୍ଦିନ କାର୍ଯ୍ୟଦକ୍ଷତା ପ୍ରଦାନ କରେ ।

# ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କୁ ଦିବ୍ୟ ସ୍ନାନ



ଖଣ୍ଡପଡ଼ା, (ସବ୍ୟୁ) ଖଣ୍ଡପଡ଼ା ସହରାଞ୍ଚଳ ସମେତ ବ୍ଲକ ଅଞ୍ଚଳରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଗୁଡ଼ିକରେ ପାରମ୍ପରିକ ରୀତିନୀତିରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କୁ ଦିବ୍ୟ ସ୍ନାନ ଓ ଦେବଦୁର୍ଲଭ ହାତୀବେଶ ଅନୁଷ୍ଠିତ ହୋଇଥିବା ଜଣାଯାଇଛି । ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ମହାବାହୁଙ୍କର ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ସହରାଞ୍ଚଳରେ ଅବସ୍ଥିତ ରାଜ ପରିବାର ଦାରା ପରିଚାଳିତ ମନ୍ଦିରରେ ପୂଜିତ ପତିତପାବନ ଓ ଦେବୋତ୍ତର ବିଭାଗ ପରିଚାଳିତ ମନ୍ଦିରରେ ପୂଜିତ ମହିମାମେରୁ ଙ୍କୁ ସେବାସୀମାନେ ପହଣ୍ଡିରେ ଆଣି ସ୍ନାନମଣ୍ଡପ ରେ ବିଜେ କରାଇଥିଲେ । ସମସ୍ତ ଆନୁସଙ୍ଗିକ ନୀତିକାନ୍ତି ପରେ ୧୦୮ ଗରା ପାଣିରେ ପ୍ରଭୂଙ୍କୁ ସ୍ନାନ କରିବା ପରେ ଚନ୍ଦନ ଲାଗି ଓ ହାତୀବେଶ ଅନୁଷ୍ଠିତ ହୋଇଥିଲା ।ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଓ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ମାଣ୍ୟଗଣ୍ୟ ବ୍ୟକ୍ତି ମାନେ ଏହି ସ୍ନାନ ନୀତିରେ ଉପସ୍ଥିତ ରହିଥିବା ବେଳେ ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ମାନେ ସ୍ନାନନୀତି ଓ ହାତୀ ବେଶ ଦର୍ଶନ କରିଥିବା ବେଳେ ରାତିରେ ନୀତି କାନ୍ତି ଓ ପୂଜା ସମାପନ ପରେ ପହଣ୍ଡି ବିଜେରେ ଅଣସର ପିଣ୍ଡିକୁ ନିଆଯିବ ବୋଲି ଜଣାଯାଇଛି ।

## ସମ୍ପାଦକୀୟ



# ରାସ୍ତା ଉପରୁ ଗାଡ଼ି ଉଠାଇନେବାର ସେବା

ଆମେ ସ୍ୱାଧୀନତାର ୭୯ ବର୍ଷ ଅତିକ୍ରମ କରି ହୁଏତ ମାସକ ପରେ ୮୦ ବର୍ଷରେ ପଦାର୍ପଣ କରିବା । ମାତ୍ର ରାଜଧାନୀ ଭୁବନେଶ୍ୱରରେ ଏବେ ବି ବିଏମ୍‌ସି ଓ ଟ୍ରାଫିକ ଏନଫୋର୍ସମେଣ୍ଟ ବିଭାଗର ମିଳିତ ସହଯୋଗରେ ରାସ୍ତା ଉପରେ ରହିଥିବା ଗାଡ଼ିଗୁଡ଼ିକୁ ଯେପରି ସେବା ନାମରେ ଉଠାଇ ନିଆ ଯାଉଛି (towing the vehicles) ତାହା ଦେଖିଲେ ଦୁଃଖ ହୋଇଥାଏ ।

ରାଜ୍ୟରେ ପ୍ରଥମ ସ୍ମାର୍ଟ ସିଟି ଭାବେ ବିଗତ ସରକାରଙ୍କ ଅମଳରେ ଭୁବନେଶ୍ୱରକୁ ଅର୍ନ୍ତଭୁକ୍ତ କରା ଯାଇଥିଲା । ସେତେବେଳେ ଯାହା ମନେ ପଡୁଛି, କେନ୍ଦ୍ର ସରକାର ଶହେ କୋଟି ଟଙ୍କା ଏହି ଭୁବନେଶ୍ୱର ନଗରର ବିକାଶ ପାଇଁ ଅନୁଦାନ ଦେଇଥିଲେ । ମାତ୍ର କ'ଣ କାମ ହୋଇଛି ତାହା ଭୁବନେଶ୍ୱରବାସିନ୍ଦା ଠିକ୍ ଭାବେ ଜାଣିଛନ୍ତି । ଅତ୍ୟଧିକ ବର୍ଷା ହୋଇ ରାଜଧାନୀରେ କୃତ୍ରିମ ବନ୍ୟା ସୃଷ୍ଟି ହୁଏ, ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥାଏ । ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ପାଇଁ ଜନସାଧାରଣଙ୍କ ସମେତ ମହାନଗର ନିଗମ କର୍ତ୍ତୃପକ୍ଷ ବା ରାଜ୍ୟ ସରକାର ବିଶେଷ ଯତ୍ନବାନ ହୋଇଥିବା ପରି ମନେ ହୁଏ ନାହିଁ ।

ରାସ୍ତା ଉପରୁ ଗାଡ଼ି ଉଠାଇ ନେବା (towing the vehicles) ଦେଖିଲେ, ଏହା କରୁଥିବା କର୍ତ୍ତୃପକ୍ଷଙ୍କ ପ୍ରତି ଅସନ୍ତୋଷ ଭାବର ଉଦ୍ରେକ ହୋଇଥାଏ । ଅନେକ ସମୟରେ ଗାଡ଼ିର ମାଲିକ ନିଜେ ଡ୍ରାଇଭିଂ କରି ରାସ୍ତା ଉପରେ ଗାଡ଼ି ରଖିଥିଲେ, ଗାଡ଼ି ମାଲିକଙ୍କୁ ଫୋନ ନ କରି ବା କିଛି ନ ଜଣାଇ ଏହି ଗାଡ଼ିଗୁଡ଼ିକୁ ଯେପରି ଉଠାଇ ନିଆଯାଏ, ତାହା ଅନ୍ୟମାନଙ୍କୁ ଦେଖିବାକୁ ଖରାପ ଲାଗେ ଓ ଗାଡ଼ି ମାଲିକ ଗାଡ଼ି ନ ପାଇ ଏଠିକୁ ସେଠିକୁ ଫୋନ କରି ଗାଡ଼ିର ସନ୍ଧାନ ନିଏ । ସମୟ ନଷ୍ଟ ଓ ଗାଡ଼ି ପର୍ଯ୍ୟନ୍ତ ଆସିବାକୁ ମଧ୍ୟ ସମୟ ଲାଗେ । ମୁଖ୍ୟ ସଡ଼କ କଥା ଛଡା ଯାଉ, ସର୍ଭିସ ରୋଡ ଉପରୁ ଟ୍ରାଫିକ କର୍ତ୍ତୃପକ୍ଷ ଗାଡ଼ି ଉଠାଇ ନେଇ ଉପରିସ୍ଥ କର୍ତ୍ତୃପକ୍ଷଙ୍କଠାରୁ ଗାଳି ମଧ୍ୟ ଖାଇଛନ୍ତି ।

**ପୋଲିସ ଭୁବନେଶ୍ୱରରେ ଅପରାଧ ନିୟନ୍ତ୍ରଣ ଠିକ୍ ଭାବେ କରି ପାରୁ ନାହିଁ କିମ୍ବା ରାସ୍ତା ଦୁର୍ଘଟଣା ବଢ଼ି ରହିଥିଲେ ମଧ୍ୟ ତାହାର ପ୍ରତିକାର କରି ପାରୁ ନାହିଁ ବୋଲି ଅଭିଯୋଗ ହେଉଛି । ପୂର୍ବ ପରି ରାତ୍ରିକାଳୀନ ପାଟ୍ରୋଲିଂ ମଧ୍ୟ ଠିକ୍ ଭାବେ ହେଉନାହିଁ । ଫଳରେ ଅସାମାଜିକ ବ୍ୟକ୍ତିମାନଙ୍କ ପ୍ରାର୍ଦୁଭାବ ଭୁବନେଶ୍ୱରରେ ବଢି ଚାଲିଛି । ସାଇବର ଅପରାଧ ମଧ୍ୟ ବଢି ଚାଲିଛି, ମାତ୍ର ପୋଲିସ ବିଭାଗର ଦକ୍ଷ ଅଧିକାରୀ ବା କର୍ମଚାରୀମାନେ ଏହାର ମୁକାବିଲା ଠିକ୍ ଭାବରେ କରି ପାରୁ ନାହାନ୍ତି । ଫଳରେ ସରକାର ଅଯଥାରେ ବଦନାମ ହେଉଛନ୍ତି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ନିବେଦନ କରାଯାଉଛି ।**

ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (BMC) ବିଭିନ୍ନ ଏଜେନ୍ସି ଜରିଆରେ ଏହା କରାଯାଇ ଚାରି ଚକିଆ ଗାଡ଼ି ଉପରେ ପ୍ରାୟ ୧୨୦୦ ଟଙ୍କାର ଜରିମାନା ନେଉଛନ୍ତି । କିନ୍ତୁ ରାସ୍ତାକୁ ବା କ୍ୱାର୍ଟରମାନଙ୍କୁ ମାଡ଼ି ବସି ଯେଉଁ ଦୋକାନୀମାନେ ଜବରଦସ୍ତ ରହିଛନ୍ତି ଓ ବିଦ୍ୟୁତ ସଂଯୋଗ ନେଇଛନ୍ତି ସେମାନଙ୍କ ପ୍ରତି ବିଏମ୍‌ସି କର୍ତ୍ତୃପକ୍ଷ ଏତେ ଦୟାବାନ କାହିଁକି? ସ୍ମାର୍ଟସିଟିରେ ଏପରି ହେଉଛି କାହିଁକି ? ଅନେକ ବଡ଼ ବଡ଼ ବୃକ୍ଷ କ୍ୱାର୍ଟର ମଝିରେ ରହି ବିପଦ ସୃଷ୍ଟି କରୁଛନ୍ତି । ବିଏମ୍‌ସି କର୍ତ୍ତୃପକ୍ଷ କହୁଛନ୍ତି ସେ ସବୁ ସାଧାରଣ ପ୍ରଶାସନ ବିଭାଗର କାର୍ଯ୍ୟ । ମାତ୍ର ପ୍ରକୃତରେ ଏହା ଜଙ୍ଗଲ ବିଭାଗର କାର୍ଯ୍ୟ ହେଲେ ମଧ୍ୟ ତାହା ସେମାନେ ମଧ୍ୟ କରୁ ନାହାନ୍ତି । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁନାହିଁ । ଗାଡ଼ି ଉଠାଇ ନେବା ଘଟଣାରେ ଚୂଡାନ୍ତ ନିଷ୍ପତ୍ତି ନେଉଛି କମିଶନରେଟ ପୋଲିସ । ବିଏମ୍‌ସି ଏଥିପାଇଁ ଦୁଇ ତିନୋଟି ଏଜେନ୍ସିକୁ ଦାୟିତ୍ୱ ଦେଇଥିଲେ ମଧ୍ୟ ଏ କ୍ଷେତ୍ରରେ ଚୂଡାନ୍ତ ନିଷ୍ପତ୍ତି ପୋଲିସ ନେଉଥିବାରୁ ଭୁବନେଶ୍ୱରବାସୀ ଏଥିରେ ବିରକ୍ତି ପ୍ରକାଶ କରିଛନ୍ତି । ପୋଲିସ ଭୁବନେଶ୍ୱରରେ ଅପରାଧ ନିୟନ୍ତ୍ରଣ ଠିକ୍ ଭାବେ କରି ପାରୁ ନାହିଁ କିମ୍ବା ରାସ୍ତା ଦୁର୍ଘଟଣା ବଢ଼ି ରହିଥିଲେ ମଧ୍ୟ ତାହାର ପ୍ରତିକାର କରି ପାରୁ ନାହିଁ ବୋଲି ଅଭିଯୋଗ ହେଉଛି । ପୂର୍ବ ପରି ରାତ୍ରିକାଳୀନ ପାଟ୍ରୋଲିଂ ମଧ୍ୟ ଠିକ୍ ଭାବେ ହେଉନାହିଁ । ଫଳରେ ଅସାମାଜିକ ବ୍ୟକ୍ତିମାନଙ୍କ ପ୍ରାର୍ଦୁଭାବ ଭୁବନେଶ୍ୱରରେ ବଢି ଚାଲିଛି । ସାଇବର ଅପରାଧ ମଧ୍ୟ ବଢି ଚାଲିଛି, ମାତ୍ର ପୋଲିସ ବିଭାଗର ଦକ୍ଷ ଅଧିକାରୀ ବା କର୍ମଚାରୀମାନେ ଏହାର ମୁକାବିଲା ଠିକ୍ ଭାବରେ କରି ପାରୁ ନାହାନ୍ତି । ଫଳରେ ସରକାର ଅଯଥାରେ ବଦନାମ ହେଉଛନ୍ତି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ନିବେଦନ କରାଯାଉଛି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଯେଉଁ ଖବରରେ ସୁପ୍ରିମକୋର୍ଟଙ୍କ ସିଂହାସନ ଦୋହଲିଯାଏ



ଅଭୟ ଦ୍ୱିବେଦୀ

ଗଣମାଧ୍ୟମର ସୃଷ୍ଟି ସମୟରୁ ସତେ ଯେମିତି ନିରପେକ୍ଷ ଶବ୍ଦଟି ତାହା ସହିତ ଯୋଡି ହୋଇଯାଇଛି । ସାଧାରଣ ଅର୍ଥରେ ନିରପେକ୍ଷ ବୋଇଲେ କୌଣସି ପକ୍ଷକୁ ସମର୍ଥନ ନ କରିବା ପକ୍ଷପାତ ନ କରିବା ଆଦିକୁ ବୁଝାଯାଏ । କିନ୍ତୁ ଏହି ଶବ୍ଦ ଗଣମାଧ୍ୟମ ପ୍ରତି ଲାଗୁ ହେବ କି ? ଯଦି ଲାଗୁ ହେବ– ଏହାର ଅର୍ଥ ରହିବ ଭୟଶୂନ୍ୟ । ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ପଦ୍ଧତିକୁ ସମୃଦ୍ଧ କରିବା ସହିତ ଜନଗଣଙ୍କୁ ସମର୍ଥନ କରିବା ଗଣମାଧ୍ୟମର ଏକମାତ୍ର ଆଭିମୁଖ୍ୟ । ଯେଉଁ ଶକ୍ତିଗୁଡିକ ଗଣତନ୍ତ୍ରର ବିରୋଧୀ ତାହା ବିପକ୍ଷରେ ଗଣମାଧ୍ୟମ ନିଶ୍ଚିତ ଭାବେ ସ୍ୱର ଉତ୍ତୋଳନ କରିବ । ଏହି ପରିପ୍ରେକ୍ଷୀରେ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍‌ଙ୍କ ଉକ୍ତି ଅନୁଶୀଳନ କରିବା – ପୁଞ୍ଜିପତିମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା, ପ୍ରଯୁକ୍ତି ବିଦ୍ୟାର କ୍ରମବିକାଶ ଏବଂ କ୍ରମବର୍ଦ୍ଧିଷ୍ଣୁ ଶ୍ରମ ବିଭାଜନ ଫଳରେ ଘରୋଇ ପୁଞ୍ଜି କିଛି ବ୍ୟକ୍ତିଙ୍କ ହାତରେ କେନ୍ଦ୍ରୀଭୂତ ହେଉଛି । ଏମାନେ ଏତେ ଶକ୍ତିଶାଳୀ ଯେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାର ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଅସମର୍ଥ । କାରଣ ଅନେକ କ୍ଷେତ୍ରରେ ସେମାନଙ୍କ ଆର୍ଥିକ ସହାୟତାରେ ପ୍ରତିନିଧିମାନେ ନିର୍ବାଚିତ ହୋଇଥାନ୍ତି । ଅଧିକନ୍ତୁ, ପୁଞ୍ଜିପତି ଶ୍ରେଣୀ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବରେ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଥିବାରୁ, ଅଧିକାଂଶ କ୍ଷେତ୍ରରେ ଗଣମାଧ୍ୟମ ସେହିମାନଙ୍କର ସ୍ତୁତି ଗାନ କରିବାରେ ମଗ୍ନ ରହି ସାଧାରଣ ଜନତାଙ୍କ ଅସହାୟତାକୁ ଅଣଦେଖା କରିଥାଆନ୍ତି । ଏହା ହେଉଛି ବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ ବିଜ୍ଞାନୀ ଆଲବର୍ଟ ଆଇନଷ୍ଟାଇନ୍‌ଙ୍କ ଦ୍ୱାରା ରଚିତ 'Why Socialism ?' ନିବନ୍ଧର ଅଂଶବିଶେଷ । ଏହି ନିବନ୍ଧ Monthly Review ପତ୍ରିକାର ପ୍ରଥମ ସଂଖ୍ୟା ୧୯୪୯ ମସିହା ମେ ମାସରେ ପ୍ରକାଶ ପାଇଥିଲା । Monthly Review ସଂପର୍କରେ ଏତିକି କହିଲେ ଯଥେଷ୍ଟ ହେବ – ଏହା ନିଉୟର୍କରୁ ପ୍ରକାଶ ପାଉଥିବା ସାମ୍ୟବାଦ ଆଦର୍ଶରେ ପ୍ରତିଷ୍ଠିତ ନିରପେକ୍ଷ ପତ୍ରିକା । ଡୁବଏସ, ଜାଁପାଲ୍ ସାର୍ତ୍ରେ, ନୋମ୍ ଚମସ୍କି ଆଦି ବହୁ ଚିନ୍ତାଶୀଳ ବ୍ୟକ୍ତିଙ୍କର ନିବନ୍ଧ ଏହି ପତ୍ରିକାରେ ନିୟମିତ ପ୍ରକାଶ ପାଇଛି । କୌଣସି ଆନ୍ଦୋଳନ ଓ ରାଜନୈତିକ ସିଦ୍ଧାନ୍ତର ବହୁ ଊର୍ଦ୍ଧ୍ୱରେ ପତ୍ରିକାର ଆଦର୍ଶ ପ୍ରତିଷ୍ଠିତ ।

ଆଜକୁ ସାତ ଦଶନ୍ଧି ପୂର୍ବେ ଆଇନ୍‌ଷ୍ଟାଇନ ଯାହା ଘୋଷଣା କରିଥିଲେ, ତାହାର ପଚ୍ଛଭୂମିରେ ସାମାନ୍ୟତମ ପରିବର୍ତ୍ତନ ଆସିନାହିଁ । ଆଜି ମଧ୍ୟ ଗଣମାଧ୍ୟମ ଦୁର୍ନୀତିର ମହାମାରୀରେ ଜୁଡୁବୁଡୁ କ୍ଷମତାଲିପ୍‌ସୁ ରାଜନେତା ଏବଂ ମୁନାଫାଖୋର ଶିଳ୍ପପତିଙ୍କ ନିୟନ୍ତ୍ରଣରେ ରହିଛି । ଏହା ସତ୍ତ୍ୱେ ଆମେ ଅସ୍ୱୀକାର କରିପାରିବା ନାହିଁ ଗଣମାଧ୍ୟମର କିଛି ଅଂଶୀଦାର ବୃହତ୍ତର ସମାଜର ହିତ ସାଧନରେ ମଧ୍ୟ ଲିପ୍ତ ରହିଛନ୍ତି । ଏମାନେ ଭୟ ଶୂନ୍ୟ ହୋଇ ସାଧାରଣ ଜନତାଙ୍କ ପକ୍ଷ ନେଇଥାନ୍ତି । ଯଦି ସେମାନେ ବୃହତ୍ତର ସମାଜର ପକ୍ଷ ସମର୍ଥନ ନ କରନ୍ତେ, ତେବେ ସମାଜର ପ୍ରଗତି ଓ ସମୃଦ୍ଧି କେବେହେଲେ ସମ୍ଭବ ହୋଇ ନ ଥାନ୍ତା । କିନ୍ତୁ ସେହି ଶକ୍ତିଶାଳୀ ଗୋଷ୍ଠୀ ସର୍ବଦା ଏମାନଙ୍କ ପଥ ରୋଧ କରିଆସିଛନ୍ତି ।

ବିଗତ ବିଜେଡ଼ି ଶାସନକାଳରେ ଆମ ରାଜ୍ୟର କେତୋଟି ଦୃଷ୍ଟାନ୍ତ ଅନୁଶୀଳନ କରିବା । ୨୦୨୩ ମସିହା ଅଗଷ୍ଟ ମାସ ୮ ଏବଂ ୨୭ ତାରିଖରେ ଏକ ସମ୍ବାଦପତ୍ରର ସଂପାଦକ ତାଙ୍କର ସ୍ୱତନ୍ତ୍ର ସ୍ତମ୍ଭରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବଙ୍କର ଅଣସାମ୍ବିଧାନିକ ପ୍ରଭାବ ଓ ଭୂମିକାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଥିଲେ । ଫଳରେ ସେହି ବର୍ଷ ସେପ୍ଟେମ୍ବର ୧୨ ତାରିଖରେ ସେହି ସଂପାଦକଙ୍କୁ ଦଳର ଉପ–ସଭାପତି ପଦରୁ ବହିଷ୍କାର କରାଗଲା । ସେହି ମାସ ୨୧ ତାରିଖରେ ତାଙ୍କୁ ଦଳରୁ ମଧ୍ୟ ବହିଷ୍କାର କରାଗଲା । ଯଦି ମାମଲା ସେତିକିରେ ସମାପ୍ତ ହୋଇଥାନ୍ତା, ଆମେ ଏହାକୁ ଦଳୀୟ ବ୍ୟାପାର ଆଖ୍ୟା ଦେଇ ନିରବ ରହିଯାଇଥାନ୍ତେ । କିନ୍ତୁ ସେହି ମାସ ୧୮ ତାରିଖରେ ରାଜ୍ୟ ସରକାରଙ୍କ ଅର୍ଥନୈତିକ ଅପରାଧ ଶାଖା (EOW) ତରଫରୁ ତାଙ୍କର କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ । ୨୦୧୪ ମସିହାରେ ଜଣେ ସାମ୍ବାଦିକଙ୍କୁ ଶିଶୁ ଶ୍ରମିକ ବିରୋଧୀ ଲେଖା ନିମନ୍ତେ ହତ୍ୟା,୨୦୧୯ ମସିହାରେ ଆଉ ଜଣେ ସମ୍ବାଦପତ୍ର ପ୍ରତିନିଧିଙ୍କୁ ପ୍ରତାପ ପାତ୍ରଙ୍କ ବେନିୟମ ବାଲି ଚାଲାଣ ଲେଖା ନିମନ୍ତେ ମରଣାନ୍ତକ ଆକ୍ରମଣ –ଏ ତାଲିକା ବହୁ ଲମ୍ବା । ସାମ୍ବାଦିକମାନଙ୍କ ଉପରେ ଆକ୍ରମଣକୁ ଅନୁଧ୍ୟାନ କରି Committee to Protect Journalists (CPJ) ରିପୋର୍ଟ ପ୍ରସ୍ତୁତ କରିଥିଲେ – "Dangerous Pursuit" ।

ଏବେ ଗଣମାଧ୍ୟମ ଓ ନ୍ୟାୟପାଳିକାର ମିଳିତ କ୍ଷେତ୍ରକୁ ଆସିବା । ୨୦୧୦ ଦଶକ ପୂର୍ବରୁ ସୁପ୍ରିମକୋର୍ଟ ତରଫରୁ ସ୍ୱତଃପ୍ରବୃତ୍ତ ମାମଲା ରୁଜୁ କରାଯାଉ ନ ଥିଲା । ଜନସ୍ୱାର୍ଥ ମାମଲା ନିମନ୍ତେ ଖବରକାଗଜରେ ପ୍ରକାଶିତ ଖବରର କଟିଂକୁ ମାମଲାର ଆଧାର ଭାବେ ଗ୍ରହଣ କରାଯାଉଥିଲା । ୨୦୨୦ ମସିହାରେ ସୁପ୍ରିମକୋର୍ଟ କୋଭିଡ଼–୧୯ ଲକ୍‌ଡ଼ାଉନ ସମୟରେ ହଜାର ହଜାର ଶ୍ରମିକ ପାଦରେ ଚାଲି ଚାଲି ଶହ ଶହ ମାଇଲ ଅତିକ୍ରମ କଲାବେଳେ ଯେଉଁ ଦୁର୍ଦ୍ଦଶା ଭୋଗିଥିଲେ, ସେଥିନିମନ୍ତେ ନିଜ ଆଡୁ ମାମଲା ରୁଜୁ କରି ସରକାରଙ୍କୁ ପ୍ରଶ୍ନ କରିଥିଲେ । ୨୦୨୫ ମସିହାରେ ଖବରକାଗଜର ରିପୋର୍ଟ ଆଧାରରେ ରାସ୍ତାରେ ବୁଲା କୁକୁର ସମସ୍ୟା ଉପରେ ସୁପ୍ରିମକୋର୍ଟ ନିଜ ଆଡୁ ମାମଲା ଦାୟର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ଥିଲା ସାମୂହିକ ସ୍ୱାର୍ଥ ସମ୍ବଳିତ ମାମଲା । କିନ୍ତୁ ଚଳିତ ଜୁନ୍ ମାସ ୧୩ ତାରିଖରେ ଓଡ଼ିଶାର ଗୋଟିଏ ଘରୋଇ ଟିଭି ଚାନେଲରେ ବିନିକା ବ୍ଲକ ପ୍ରତିନିଧି ଦିଲ୍ଲୀପ କୁମାର ସାହୁଙ୍କ ଦ୍ୱାରା ପ୍ରସ୍ତୁତ ୫ମିନିଟ୍ ୩୮ ସେକେଣ୍ଡର ଦୁର୍ଦ୍ଦଶାରେ ମା' ପୁଅ ବିବରଣୀ ପ୍ରସାରଣ ହେବା ପରେ ସୁପ୍ରିମକୋର୍ଟ ୧୬ ତାରିଖରେ ନିଜ ଆଡୁ ମାମଲା ରୁଜୁ କରି ((SMW(C) No. 18/2026).ରାଜ୍ୟ ସରକାର ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ (Odisha State Legal Services Authority (OSLSA) ଙ୍କୁ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି, ତାହା ନ୍ୟାୟପାଳିକା ଇତିହାସରେ ବିରଳ ବ୍ୟତିକ୍ରମ । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ନ୍ୟାୟମୂର୍ତ୍ତି ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣୀ କରି କହିଛନ୍ତି–ଆମେ ଜପେନ୍ଦ୍ର ଭୁଏ ଏବଂ ତାଙ୍କ ମା'ଙ୍କ ସମ୍ମାନଜନକ ଜୀବନଧାରଣ ଏବଂ ଉପଯୁକ୍ତ ଭରଣପୋଷଣ ନିମନ୍ତେ ଚିନ୍ତିତ । ଓଡ଼ିଶା ସରକାର ଏବଂ ସ୍ଥାନୀୟ ପ୍ରଶାସନ ସେମାନଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବାପାଇଁ ଯତ୍ନ ନିଅନ୍ତୁ । ଆଗାମୀ ଶୁଣାଣୀ ଜୁଲାଇ ୧୩ ତାରିଖକୁ ଧାର୍ଯ୍ୟ ହୋଇଛି ।

**ଜନ୍ମରୁ ଦୃଷ୍ଟିବାଧକ ଜପେନ୍ଦ୍ର ଭୁଏ ଏବଂ ତାଙ୍କ ୮୦ ବର୍ଷର ମା' ରାଧିକା ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକ ଅନ୍ତର୍ଗତ ବାଗଡ଼ିଆ ଗ୍ରାମରେ ବାସ କରନ୍ତି । ଜାପେନ୍ଦ୍ର ଜନ୍ମରୁ ଦୃଷ୍ଟିହୀନ ହୋଇଥିବାରୁ ନିଜର ଆଧାର କାର୍ଡ ପ୍ରସ୍ତୁତ କରିପାରି ନ ଥିଲେ । ଫଳରେ ସମସ୍ତ ସରକାରୀ ଯୋଜନାର ସୁବିଧା ପାଇବାରୁ ବଂଚିତ ଥିଲେ । ମା ହିଁ ପୁଅର ଦେଖାଶୁଣା କରୁଥିଲେ । ଗୋଟିଏ ଝାଟିମାଟି ଘରେ ଦୁହେଁ ଅତି କଷ୍ଟରେ ଜୀବନ ନିର୍ବାହ କରୁଥିଲେ । ସୁପ୍ରିମକୋର୍ଟଙ୍କ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟଙ୍କୁ ବ୍ୟକ୍ତିଗତ ଭାବେ ସେହି ପରିବାର ନିକଟରେ ପହଂଚି ସେମାନେ କେମିତି ରହୁଛନ୍ତି ତାହାର ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଜପେନ୍ଦ୍ର ଭାଏଙ୍କୁ ପାରା ଲିଗାଲ ଭଲ୍ୟୁଣ୍ଟର ଭାବେ ନିଯୁକ୍ତି ଦେବା ପାଇଁ ମଧ୍ୟ ଆଦେଶ ଦେଇଛନ୍ତି ।**

ପ୍ରସଙ୍ଗଟି ଏହିଭଳି: ଜନ୍ମରୁ ଦୃଷ୍ଟିବାଧକ ଜପେନ୍ଦ୍ର ଭୁଏ ଏବଂ ତାଙ୍କ ୮୦ ବର୍ଷର ମା' ରାଧିକା ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକ ଅନ୍ତର୍ଗତ ବାଗଡ଼ିଆ ଗ୍ରାମରେ ବାସ କରନ୍ତି । ଜାପେନ୍ଦ୍ର ଜନ୍ମରୁ ଦୃଷ୍ଟିହୀନ ହୋଇଥିବାରୁ ନିଜର ଆଧାର କାର୍ଡ ପ୍ରସ୍ତୁତ କରିପାରି ନ ଥିଲେ । ଫଳରେ ସମସ୍ତ ସରକାରୀ ଯୋଜନାର ସୁବିଧା ପାଇବାରୁ ବଂଚିତ ଥିଲେ । ମା ହିଁ ପୁଅର ଦେଖାଶୁଣା କରୁଥିଲେ । ଗୋଟିଏ ଝାଟିମାଟି ଘରେ ଦୁହେଁ ଅତି କଷ୍ଟରେ ଜୀବନ ନିର୍ବାହ କରୁଥିଲେ । ସୁପ୍ରିମକୋର୍ଟଙ୍କ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟଙ୍କୁ ବ୍ୟକ୍ତିଗତ ଭାବେ ସେହି ପରିବାର ନିକଟରେ ପହଂଚି ସେମାନେ କେମିତି ରହୁଛନ୍ତି ତାହାର ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଜପେନ୍ଦ୍ର ଭାଏଙ୍କୁ ପାରା ଲିଗାଲ ଭଲ୍ୟୁଣ୍ଟର ଭାବେ ନିଯୁକ୍ତି ଦେବା ପାଇଁ ମଧ୍ୟ ଆଦେଶ ଦେଇଛନ୍ତି । ଫଳରେ ସେ ଅନ୍ୟାନ୍ୟ ଦୃଷ୍ଟିବାଧକମାନଙ୍କୁ ସରକାରୀ ଯୋଜନା ଏବଂ ସେମାନଙ୍କ ଅଧିକାର ସଂପର୍କରେ ସଚେତନ କରାଇବେ । ଏଥି ନିମନ୍ତେ ତାଙ୍କୁ ସରକାରଙ୍କର ସର୍ବନିମ୍ନ ମଜୁରୀ ହିସାବରେ ପାରିଶ୍ରମିକ ପ୍ରଦାନ କରାଯିବ ।

ସେମାନଙ୍କର ଡାକ୍ତରୀ ସହାୟତା ନିମନ୍ତେ ସମସ୍ତ ବନ୍ଦୋବସ୍ତ କରିବାକୁ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଚନ୍ତି । ସୁପ୍ରିମକୋର୍ଟଙ୍କର ହସ୍ତକ୍ଷେପ ଫଳରେ ଗୋଟିଏ ଦିନରେ ଜପେନ୍ଦ୍ର ଭୁଏଙ୍କର ଆଧାର କାର୍ଡ, ଜାତିଗତ ପ୍ରମାଣ କାର୍ଡ଼, ବ୍ୟାଙ୍କ ଆକାଉଣ୍ଟ, ଏବଂ ସମସ୍ତ ଦସ୍ତାବିଜ ପ୍ରସ୍ତୁତ ହୋଇପାରିଲା ଏବଂ ସରକାରୀ ଆବାସ ଯୋଜନାରେ ତାଙ୍କୁ ତୁରନ୍ତ ବାସଗୃହ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ତରଫରୁ ଘୋଷଣା କରାଗଲା । ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି –ଅନ୍ୟୁନ ଅତିରିକ୍ତ ଶାସନ ସଚିବ ପାହ୍ୟାର ଜଣେ ଅଧିକାରୀ ମା' ଏବଂ ପୁଅ ଉଭୟଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଇଛି ବୋଲି ଶପଥପତ୍ର ମାଧ୍ୟମରେ ଅଦାଲତକୁ ଅବଗତ କରାଇବେ ।

ସୁପ୍ରିମକୋର୍ଟଙ୍କର ଏହି ନିର୍ଦ୍ଦେଶନାମା ସାରା ଦେଶରେ ଶିହରଣ ସୃଷ୍ଟି କରିବା ସହିତ ସାମାଜିକ ନ୍ୟାୟ କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଛି । ଏଥି ସହିତ ଗ୍ରାମାଞ୍ଚଳର ସମ୍ବାଦଦାତାମାନେ କେତେ ଯେ ପ୍ରୋତ୍ସାହିତ ହୋଇଛନ୍ତି, ତାହା ଆମେ ସାଧାରଣରେ ଆକଳନ କରିପାରିବା ନାହିଁ । ସେହି ଘରୋଇ ଟିଭି ଚାନେଲର ପ୍ରତିନିଧି ଦିଲ୍ଲୀପ କୁମାର ସାହୁଙ୍କ ସହିତ ମୁଁ ଟେଲିଫୋନରେ କଥା ହେଉଥିବା ବେଳେ, ତାଙ୍କ ଆଖିର ଚମକ ଅନୁଭବ କରି ପାରୁଥିଲି । ତାଙ୍କର ଗୋଟିଏ ରିପୋର୍ଟ କିପରି ପ୍ରଶାସନ ଓ ନ୍ୟାୟପାଳିକାକୁ ସେମାନଙ୍କ ଦାୟିତ୍ୱ ସଂପର୍କରେ ସଚେତନ କରିପାରିଲା, ସେ କଥା କହିଲାବେଳେ ସେ ଭାବବିହ୍ୱଳ ହୋଇ ଯାଉଥିଲେ । ସେ ଯେମିତି ଭୟଶୂନ୍ୟ ହୋଇ ଖବରଟି ପ୍ରସାରଣ କରିଥିଲେ, ନିଶ୍ଚିତ ଭାବେ ସେ ଆମ ସମସ୍ତଙ୍କର ଅଭିନନ୍ଦନର ପାତ୍ର । ଅନେକ ପାଠକ ବନ୍ଧୁଙ୍କର ମନେ ଥିବ, ୧୯୮୫ ମସିହାରେ କଳାହାଣ୍ଡି ଜିଲା ଅମଳାପଲୀ ଗ୍ରାମର ଫାନସ୍ ପୁଞ୍ଜି ପେଟ ବିକଳରେ ମାତ୍ର ୪୦ ଟଙ୍କା ଓ ଗୋଟିଏ ଶାଢ଼ି ବଦଳରେ ନିଜର ନଣନ୍ଦ ବନିତାକୁ ବିକ୍ରି କରିଦେଇଥିଲା । ପ୍ରଥମେ ଏହା ଓଡ଼ିଆ ଖବରକାଗଜରେ ପ୍ରକାଶ ପାଇଲା ପରେ ପ୍ରଶାସନର ସାମାନ୍ୟତମ ପ୍ରତିକ୍ରିୟା ନ ଥିଲା । କିନ୍ତୁ ସେହି ଖବର ଇଣ୍ଡିଆ ଟୁଡ଼େ ପତ୍ରିକାର ୧୯୮୫ ମସିହା ଜୁଲାଇ ୩୧ ସଂଖ୍ୟାରେ ପ୍ରକାଶ ପାଇବା ପରେ ସାରା ଦେଶ ଶିହରି ଉଠିଲା । ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ଏବଂ ସୋନିଆ ଗାନ୍ଧି ଫାନସ ପୁଞ୍ଜିଙ୍କୁ ଆସି ସାକ୍ଷାତ କରିବାକୁ ବାଧ୍ୟ ହୋଇଥିଲେ । ସେତେବେଳେ ଜାତୀୟ ଗଣମାଧ୍ୟମ ତୁଳନାରେ ଆଞ୍ଚଳିକ ଗଣମାଧ୍ୟମର ବିଶେଷ ଗୁରୁତ୍ୱ ନ ଥିଲା । କିନ୍ତୁ ଆଜି ସେ ସ୍ଥିତି ନାହିଁ । ଆଜି ଆଞ୍ଚଳିକ ଗଣମାଧ୍ୟମର ଗୋଟିଏ ଖବର ସୁପ୍ରିମକୋର୍ଟଙ୍କ ସିଂହାସନ ଦୋହଲାଇ ଦେବା ପାଇଁ ଯଥେଷ୍ଟ ।

**ଭଦ୍ରାଣୀ, ସାଳନ୍ଦୀ ନଗର, ଭଦ୍ରକ–୭୫୬୧୦୦,ମୋ–୯୪୩୭୧ ୯୧୩୫୦**
email-saiabhay19@gmail.com

# ମାନସିକ ଉଦ୍‌ବେଗର ଶିକାର ହେଉଛନ୍ତି ଯୁବବର୍ଗ



ଡାକ୍ତର ସମ୍ରାଟ କର

ଇ–ଆଙ୍ଗଜାଇଟି ବା ଇଲେକ୍ଟ୍ରୋନିକ୍ ଉଦ୍‌ବେଗ ଏହା ଏପରି ଏକ ମାନସିକ ରୋଗ, ଯାହା ଅତ୍ୟଧିକ କମ୍ପ୍ୟୁଟର ବ୍ୟବହାର କରିବା ଫଳରେ ସୃଷ୍ଟି ହୋଇଥାଏ ।

ଠିକ୍ ସମୟରେ ଏହି ରୋଗର ଉପଚାର କରା ନଗଲେ ରୋଗ କ୍ରମଶଃ ମାନସିକ ଅବସାଦ ଆଡ଼କୁ ଟାଣି ହୋଇ ଯାଇଥାଏ । ବିଭିନ୍ନ ଶାରୀରିକ ରୋଗ ମାଧ୍ୟମରେ ଏହାର ଲକ୍ଷଣ ପ୍ରକାଶ ପାଇଥାଏ । ତାହା ହେଉଛି ସାଧାରଣତଃ ଇ–ମେଲ୍ ବିଷୟରେ ଭାବିବା ମାତ୍ରେ ହିଁ ହୃତ୍‌ସ୍ପନ୍ଦନ ବଢ଼ିଯାଏ । ଏ କ୍ଷେତ୍ରରେ ବାରମ୍ବାର ପରିସ୍ରା ଲାଗିଥାଏ, କେତେକ କ୍ଷେତ୍ରରେ ରକ୍ତଚାପ ବଢ଼ିଯାଏ । ସବୁଠାରୁ ବଡ଼କଥା ହେଉଛି ଏହାର ଶିକାର ହେଉଥିବା ଯୁବବର୍ଗମାନେ ଅଧିକାଂଶ ସମୟରେ ଅନ୍ୟ ମନସ୍କ ରହିଥାନ୍ତି । ଶାରୀରିକ ଭାବେ ମାଂସପେଶୀରେ ଯନ୍ତ୍ରଣା ଦେଖା ଦେଇଥାଏ । କେତେକ କ୍ଷେତ୍ରରେ ଯେତେ ଖାଇଲେ ବି ଯୁବକ ଜଣକ ତାର ପେଟ ଖାଲି ରହିବା ପରି ଅନୁଭବ କରିଥାଏ । ସେହିପରି ଗୋଟିଏ ଜାଗାରେ ଅଧିକ ସମୟ ଠିଆ ହୋଇ ନପାରିବା ଆଦି ଏହି ରୋଗର ପ୍ରାଥମିକ ଲକ୍ଷଣ ।

ଡାକ୍ତର ଇବାନ୍ ଗୋଲ୍ଡବର୍ଗ ୧୯୯୪ରେ ପ୍ରଥମଥର ପାଇଁ ଏହି ଲକ୍ଷଣକୁ ଚିହ୍ନି ରୋଗର ନାଁ ଦେଇଥିଲେ 'ଇଣ୍ଟରନେଟ୍ ଆଡିକ୍ସନ୍ ଡିଜ୍‌ଅର୍ଡ଼ର' (ନିଶା ଦୁର୍ବ୍ୟସନା ବିଶୃଙ୍ଖଳା)। ଆଜିକାଲି ଏହାକୁ 'ଇ–ଷ୍ଟ୍ରେସ୍'(ଇ– ଚାପଗ୍ରସ୍ତ) ବା 'ଇ–ଆଙ୍ଗ୍‌ଜାଇଟି' (ଇ–ଉଦ୍‌ବେଗ) କୁହାଯାଉଛି । ଜଣେ ବ୍ୟକ୍ତି ଅତ୍ୟଧିକ ମାତ୍ରାରେ ଇ–ମେଲ୍ ଖୋଲିବା ଦ୍ୱାରା ନିଜକୁ ହତାଶ ବା ହତୋତ୍ସାହିତ ଅନୁଭବ କରିଥାଏ । ଆଙ୍ଗଜାଇଟ ବା ଉଦ୍‌ବେଗ ହେଉଛି କାରଣ ନଥାଇ ଜଣକୁ ଡର ଲାଗିବା । ଏକ ପ୍ରକାର ଅଜଣା ଭୟକୁ ଆଶଙ୍କା ଅନୁଭବ କରିବା ବା ବିପଦ ବା ଭୟ ମାଡ଼ି ଆସୁଥିବା ପରି ଲାଗେ । ସାଧାରଣ ଲୋକମାନଙ୍କ ଭିତରେ ଏହି ରୋଗଟି ଅଧିକ ପରିମାଣରେ ଦେଖା ଯାଇଥାଏ । ସାଧାରଣତଃ ଆଙ୍ଗଜାଇଟର ଲକ୍ଷଣ ହେଉଛି ଏହାର ଶିକାର ହୋଇଥିବା ରୋଗୀଟି ଭୟାତୁର ବା ବିଚଳିତ ଭାବ ପ୍ରକାଶ କରିଥାଏ । ଦେହ ଥରେ ଏବଂ ଲୋକଟିକୁ ଅସ୍ଥିର ଲାଗେ । ମୁଣ୍ଡବିନ୍ଧା ସହ ମାଂସପେଶୀର ଯନ୍ତ୍ରଣା ଅନୁଭବ ହୁଏ । କେତେକ କ୍ଷେତ୍ରରେ ଛାତି ଧଡ଼ ଧଡ଼ ହୁଏ, ଦେହରୁ ଝାଳ ନିର୍ଗତ ହେବା ସହ ଝାଡ଼ା ପରିସ୍ରା ଅଧିକ ଲାଗେ । ମନ ଭିତରୁ ସରସତା ଲିଭିଯାଏ ଆଉ ଏକାଗ୍ରତା ବି କମିଯାଏ । ସ୍ୱାଭାବିକ ନିଦ ଭଲ ଭାବରେ ହୁଏ ନାହିଁ । ବିଳମ୍ବରେ ନିଦ୍ରା ହେବା ସହ ବାରମ୍ବାର ନିଦ ଭାଙ୍ଗି ଥାଏ । ବେଳେ ବେଳେ ରୋଗୀଟିକୁ ଅଧିକ ଛାନିଆ ସହ ସେ ଚିନ୍ତା କରେ ଯେ ସେ ଆଉ ବେଶି ଦିନ ନୁହେଁ ଅର୍ଥାତ୍ ସେ ଆଉ ବଞ୍ଚିବ ନାହିଁ ।

ଏହି ରୋଗ ହେବା ପରେ ଯୁବବର୍ଗଙ୍କ ମାନସିକ ଓ ଶାରୀରିକ ବିକାଶରେ ବାଧା ଉପୁଜି ଥାଏ । ରୋଗ ହେବା ଦ୍ୱାରା ଯୁବବର୍ଗ ଅଳସୁଆ ହୋଇ ପଡ଼ିଥାନ୍ତି । ସମାଜରେ ପ୍ରଚଳିତ ବିଭିନ୍ନ ସମ୍ପର୍କକୁ ଭୁଲି ସେ କେବଳ ଅନ୍‌ଲାଇନକୁ ହିଁ ପସନ୍ଦ କରିଥାନ୍ତି । ଇ–ଆଙ୍ଗ୍‌ଜାଇଟି ହେବା ଦ୍ୱାରା ସେମାନଙ୍କ ମଧ୍ୟରେ ଧୈର୍ଯ୍ୟ ଶକ୍ତି କମ୍ ହୋଇଥାଏ । ତା' ସାଙ୍ଗକୁ ଆକ୍ରମଣାତ୍ମକ ମନୋଭାବ ବୃଦ୍ଧି ପାଇଥାଏ ।

ଶରୀରରେ ଥିବା ବିଭିନ୍ନ ଜୀବାଣୁମାନେ ଏହି ରୋଗରେ ଆକ୍ରାନ୍ତ ହୋଇ ବ୍ୟକ୍ତିର କାର୍ଯ୍ୟ କରିବାର କ୍ଷମତାକୁ ହ୍ରାସ କରିଥାନ୍ତି । ପ୍ରାୟ ସମସ୍ତ କାର୍ଯ୍ୟ ପାଇଁ ଅନ୍‌ଲାଇନ୍ ବ୍ୟବହାର କରିବା ଦ୍ୱାରା ଶାରୀରିକ କ୍ଷମତା କମିବା ସହ ମୁହଁ ଶୁଖିଯିବା ଓ ଶରୀରରେ ପିତ୍ତର ମାତ୍ରା ବଢ଼ି ଯାଇଥାଏ । କାର୍ଯ୍ୟକ୍ଷମତା ହ୍ରାସ ଫଳରେ ସେମାନେ ଅଧିକ କାମ ନକରିପାରି ଆତ୍ମବିଶ୍ୱାସ ହରାଇ ବସନ୍ତି । ଯୁବ ସମାଜ କଥାବାର୍ତ୍ତା ଜରିଆରେ ବନ୍ଧୁତା ସ୍ଥାପନ କରି ମୋବାଇଲ ନମ୍ବର ଦିଆନିଆ କରିଥାନ୍ତି । ଏହା କ୍ରମଶଃ ପ୍ରେମର ରୂପ ନେଇ ଶେଷରେ ପ୍ରତାରଣାରେ ଅନ୍ତ ହୋଇଥାଏ ।

**ଶରୀରରେ ଥିବା ବିଭିନ୍ନ ଜୀବାଣୁମାନେ ଏହି ରୋଗରେ ଆକ୍ରାନ୍ତ ହୋଇ ବ୍ୟକ୍ତିର କାର୍ଯ୍ୟ କରିବାର କ୍ଷମତାକୁ ହ୍ରାସ କରିଥାନ୍ତି । ପ୍ରାୟ ସମସ୍ତ କାର୍ଯ୍ୟ ପାଇଁ ଅନ୍‌ଲାଇନ୍ ବ୍ୟବହାର କରିବା ଦ୍ୱାରା ଶାରୀରିକ କ୍ଷମତା କମିବା ସହ ମୁହଁ ଶୁଖିଯିବା ଓ ଶରୀରରେ ପିତ୍ତର ମାତ୍ରା ବଢ଼ି ଯାଇଥାଏ । କାର୍ଯ୍ୟକ୍ଷମତା ହ୍ରାସ ଫଳରେ ସେମାନେ ଅଧିକ କାମ ନକରିପାରି ଆତ୍ମବିଶ୍ୱାସ ହରାଇ ବସନ୍ତି ।**

କେତେକ କ୍ଷେତ୍ରରେ ଏହି ପ୍ରତାରଣା ଯୁବବର୍ଗଙ୍କ ଆତ୍ମବିଶ୍ୱାସକୁ ଭାଙ୍ଗି ଦେଇଥାଏ ।

ପରିବାର ଓ ସମାଜର ସହଯୋଗରେ ଯୁବବର୍ଗ ଏହି ଇ–ଆଙ୍ଗ୍‌ଜାଇଟିର ଶିକାରରୁ ରକ୍ଷା ପାଇପାରିବେ । କୌଣସି ଜିନିଷ ଅତି ହେଲେ ତାର ଇତି ଖୁବ୍‌ଶୀଘ୍ର ହୁଏ ବୋଲି ଅଭିଭାବକ ପିଲାଙ୍କୁ ବୁଝାଇବା ଦରକାର । ତେଣୁ ଘରେ ପିଲାମାନଙ୍କୁ କମ୍ପ୍ୟୁଟର ଆଗରେ ବେଶୀ ସମୟ ବସିବାକୁ ଦିଅନ୍ତୁ ନାହିଁ । ଅଭିଭାବକମାନେ ପିଲାଙ୍କ ପାଇଁ ମୋବାଇଲ ଦେବା ସମୟରେ ସେଥିରେ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ ନଥିବା ଦରକାର । ସବୁବେଳେ ତ ସମ୍ଭବ ନୁହେଁ ଯଦି ସୁବିଧା ମିଳେ ତେବେ ପିଲାଙ୍କ ମେଲ୍ ପଢ଼ନ୍ତୁ । ଯୁବବର୍ଗଙ୍କୁ ବୁଝାଇବା ଦରକାର ଯେ ଟେକ୍ନୋଲୋଜିର ବ୍ୟବହାର କିଛି ନୂଆ ସୃଷ୍ଟି କରିବାରେ ବିନିଯୋଗ କରିବା ଉଚିତ । ନିଜର କ୍ଷତି ପାଇଁ ନୁହେଁ । ଏହି ରୋଗକୁ ନେଇ ଯୁବବର୍ଗମାନେ ଭୟଭୀତ ହେବାର କାରଣ କିଛି ନାହିଁ । ଏହି ରୋଗରେ ବ୍ୟାବହାରିକ ଚିକିତ୍ସା ଓ ମନସ୍ତାତ୍ତ୍ୱିକ ଚିକିତ୍ସାକୁ ଆପଣାଇ ମାନସିକ ରୋଗ ବିଶେଷଜ୍ଞମାନେ ଚିକିତ୍ସା ଜାରି ରଖିଥାନ୍ତି । ସେମାନଙ୍କ ସୁପରାମର୍ଶ, ଉପଯୁକ୍ତ ଚିକିତ୍ସା ବ୍ୟବହାର ଓ ମନସ୍ତାତ୍ତ୍ୱିକ ସହଯୋଗ ଦ୍ୱାରା ଯୁବକଟିଏ ନିଜର ବ୍ୟକ୍ତିତ୍ୱକୁ ଦୃଢ଼ କରେ । ଯୁବବର୍ଗ ହେଉଛନ୍ତି ଭାରତର ଭବିଷ୍ୟତ ଓ ଆମ ସମୟର ବଡ଼ ସମ୍ପତ୍ତି । ସୁତରାଂ ସେମାନେ ନିଜେ ଚିନ୍ତାଗ୍ରସ୍ତ, ଭୟଭୀତ ବା ବିଚଳିତ ଅନୁଭବ କଲାମାତ୍ରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ,**
**ପୁରୀଘାଟ ରୋଡ଼, କଟକ,**
**ମୋ– ୯୧୩୨୪୩୩୩୩୩**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚତୁର୍ଦ୍ଧାମୂର୍ତ୍ତିଙ୍କ...

ସ୍ନାନବେଦୀରେ ବିରାଜମାନ ହୋଇ ଲକ୍ଷ ଲକ୍ଷ ଭକ୍ତଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦେଇଥାଆନ୍ତି । ପ୍ରଭାତରେ ମଙ୍ଗଳ ଆଳତି, ଅବକାଶ ଓ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବା ପରେ ପହଣ୍ଡି ବିଜୟରେ ଚତୁର୍ଦ୍ଧା ବିଗ୍ରହଙ୍କୁ ରତ୍ନ ସିଂହାସନରୁ ସ୍ନାନବେଦୀକୁ ପଦାର୍ପଣ କରାଯିବ । ମନ୍ଦିର ପରିସରର ପବିତ୍ର ସୁନା କୁଅରୁ ସଂଗୃହୀତ ଜଳରେ ଚନ୍ଦନ, କର୍ପୂର, ଅଗୁରୁ, କେଶର, ପୁଷ୍ପ ଓ ବିଭିନ୍ନ ଔଷଧୀୟ ଦ୍ରବ୍ୟ ମିଶାଇ ୧୦୮ଟି ସ୍ୱର୍ଣ୍ଣ କଳସରେ ଭରାଯାଏ । ଏହି କଳସଗୁଡ଼ିକର ଜଳରେ ମହାପ୍ରଭୁଙ୍କ ରାଜକୀୟ ସ୍ନାନ ସମ୍ପନ୍ନ ହୋଇଥାଏ ।

ପରମ୍ପରା ଅନୁସାରେ ଶ୍ରୀଜଗନ୍ନାଥଙ୍କୁ ୩୫ କଳସ, ବଳଭଦ୍ରଙ୍କୁ ୩୩ କଳସ, ଦେବୀ ସୁଭଦ୍ରାଙ୍କୁ ୨୨ କଳସ ଏବଂ ଶ୍ରୀସୁଦର୍ଶନଙ୍କୁ ୧୮ କଳସ ଜଳରେ ସ୍ନାନ କରାଯାଏ । ବେଦମନ୍ତ୍ର, ଶଙ୍ଖଧ୍ୱନି ଓ ଘଣ୍ଟନାଦ ମଧ୍ୟରେ ସମ୍ପନ୍ନ ହେଉଥିବା ଏହି ଅନୁଷ୍ଠାନ ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟତମ ଭବ୍ୟ ପରମ୍ପରା । ମହାଅଭିଷେକ ଦର୍ଶନ ପରେ ଗଜପତି ମହାରାଜା ପାରମ୍ପରିକ ଛେରା ପହଁରା ନୀତି ପାଳନ କରିଥାନ୍ତି ଏହା ପରେ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ଦୁର୍ଲଭ ହାତୀ ବେଶ (ଗଜାନନ ବେଶ) ରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ବିଶ୍ୱାସ ରହିଛି ଯେ, ମହାପ୍ରଭୁ ତାଙ୍କ ପରମ ଭକ୍ତ ଗଣପତି ଭଟ୍ଟଙ୍କୁ ଦର୍ଶନ ଦେବା ପାଇଁ ଗଣେଶ ସ୍ୱରୂପ ଧାରଣ କରିଥିଲେ । ସେହିଦିନଠାରୁ ସ୍ନାନ ପୂର୍ଣ୍ଣିମାରେ ହାତୀ ବେଶର ପରମ୍ପରା ଚାଲିଆସୁଛି । ଏହି ଦିବ୍ୟ ବେଶ ଦର୍ଶନ ପାଇଁ ଦେଶ-ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀକୁ ଆସିଥାନ୍ତି ।

୧୫ ଦିନ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ଧାର୍ମିକ ବିଶ୍ୱାସ ଅନୁଯାୟୀ, ୧୦୮ କଳସର ଶୀତଳ ଜଳରେ ସ୍ନାନ ପରେ ମହାପ୍ରଭୁ ଅସୁସ୍ଥ ହୋଇପଡ଼ନ୍ତି । ଏହାପରେ ତାଙ୍କୁ ଅନବସର ଘରରେ ୧୫ ଦିନ ବିଶ୍ରାମ ଦିଆଯାଏ । ଏହି ସମୟରେ ସାଧାରଣ ଭକ୍ତମାନଙ୍କ ପାଇଁ ଦର୍ଶନ ବନ୍ଦ ରହେ । କେବଳ ଦଇତାପତି ସେବକମାନେ ଆୟୁର୍ବେଦିକ ଔଷଧ ଓ ବିଶେଷ ସେବା ମାଧ୍ୟମରେ ମହାପ୍ରଭୁଙ୍କ ସେବା କରନ୍ତି । ଅନବସର ଶେଷ ହେବା ପରେ ନବଯୌବନ ଦର୍ଶନ ହୁଏ ଏବଂ ପରେ ମହାପ୍ରଭୁ ଭବ୍ୟ ରଥଯାତ୍ରା ପାଇଁ ବାହାରନ୍ତି । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସହ ଜଡ଼ିତ ଏହି ପରମ୍ପରା ସ୍କନ୍ଦ ପୁରାଣ ଅନୁଯାୟୀ, ଶ୍ରୀଜଗନ୍ନାଥ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ପରେ ରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଦେବ ସ୍ନାନ ଉତ୍ସବର ଆୟୋଜନ କରିଥିଲେ । ସେହିଦିନଠାରୁ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଏହି ପରମ୍ପରା ଅବିରତ ଭାବେ ପାଳିତ ହୋଇଆସୁଛି । ଏହି ଦିନକୁ ମହାପ୍ରଭୁଙ୍କ ଆବିର୍ଭାବ ଦିବସ ଭାବେ ମଧ୍ୟ ପାଳନ କରାଯାଏ । ସ୍ନାନ ପୂର୍ଣ୍ଣିମା – ଏକ ନଜରରେ ୧୦୮ ପବିତ୍ର କଳସରେ ମହାପ୍ରଭୁଙ୍କ ମହାଅଭିଷେକ । ବର୍ଷକୁ ମାତ୍ର ଥରେ ସାର୍ବଜନୀନ ଦର୍ଶନ । ଦୁର୍ଲଭ ହାତୀ ବେଶରେ ମହାପ୍ରଭୁଙ୍କ ଦର୍ଶନ । ସ୍ନାନ ପରେ ୧୫ ଦିନ ଅନବସରରେ ବିଶ୍ରାମ । ଅନବସର ପରେ ନବଯୌବନ ଦର୍ଶନ ଏବଂ ତା'ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଦେବ ସ୍ନାନ ପୂର୍ଣ୍ଣିମା କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ, ବରଂ ମହାପ୍ରଭୁ ଓ ଭକ୍ତଙ୍କ ମଧ୍ୟରେ ପ୍ରତ୍ୟକ୍ଷ ମିଳନର ଏକ ଅପୂର୍ବ ଆଧ୍ୟାତ୍ମିକ ପର୍ବ । ଏହି ପବିତ୍ର ଦିନରୁ ହିଁ ଶ୍ରୀଜଗନ୍ନାଥଙ୍କ ବିଶ୍ୱବିଖ୍ୟାତ ରଥଯାତ୍ରାର ଶୁଭାରମ୍ଭ ହୋଇଥାଏ ଏବଂ ଏହା ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ସନାତନ ପରମ୍ପରାର ଗୌରବମୟ ପ୍ରତୀକ ।

ଆଜି ଶ୍ରୀକ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଧାୟକ ଗଣ ସ୍ନାନଯାତ୍ରାରେ ଯୋଗଦେଇ ପ୍ରଭୁଙ୍କ ଆଶିଷ ନେଇଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ୭୯ ପ୍ଲାଟୁନ ପୋଲିସ ୨୦୦ ରୁ ଅଧିକ ଅଧିକାରୀ, ଉତ୍ସବ ଦାୟିତ୍ୱ ଥିଲେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ବ୍ୟବସ୍ଥା ସୁଚାରୁ ରୂପେ ପରିଚାଳନା କରିଥିଲେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଡିଜି ଯୋଗେଶ ବାହାଦୁର ଖୁରାନିଆ ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି ସତ୍ୟଜିତ ନାୟକ, ପ୍ରମୁଖ ପୁରୀରେ ଉପସ୍ଥିତ ରହି ସ୍ନାନଯାତ୍ରାକୁ ପରିଚାଳନା କରିଥିଲେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଏସପି ପ୍ରତୀକ ସିଂହ ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିଥିଲେ ପ୍ରବଳ ଗ୍ରୁଲଗୁଲି ସତ୍ତ୍ୱେ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା ।

## କାର୍-ବାଇକ୍...

ଜଣ ବାଇକ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ହୋଇଥିଲା । ପୋଲିସ ଗାଡି ଜବତ କରି ଘଟଣାର ତଦନ୍ତ କରୁଛି । ମୃତକ ଦୁଇ ଜଣ ଝାଡଖଣ୍ଡର ନରସିଂହପୁର ଗ୍ରାମର ଶୈଳେଶ ଗୋପ ଓ ରମେଶ ଗୋପ ବୋଲି ଜଣାପଡିଛି ।

## ଅଭିଯୁକ୍ତଙ୍କ...

ସାଧାରଣ ପରିଷଦ ବୈଠକରେ ପାରିତ ହୋଇଛି । ବାର୍ ଆସୋସିଏସନ୍ ସଭାପତି କଳିକା ପ୍ରସାଦ ମିଶ୍ର କହିଛନ୍ତି ଯେ ଆସୋସିଏସନ୍‌ର କୌଣସି ସଦସ୍ୟ ଗିରଫ ଅଭିଯୁକ୍ତଙ୍କ ପାଇଁ ଲଢ଼ିବେ ନାହିଁ । ଯଦି କୌଣସି ଆଇନଜୀବୀ ଏ ନେଇ ଆଗ୍ରହ ପ୍ରକାଶ କରନ୍ତି ତେବେ ସେ ପ୍ରଥମେ ଦରଖାସ୍ତ ଦେବେ ଓ ୫ ଲକ୍ଷ ଟଙ୍କା ଲେଖାଏଁ ପ୍ରତି ଅଭିଯୁକ୍ତ ଲାଗି ଦାଖଲ କରିବେ । ଚମ୍ପତି ରାୟ, ଅନିଲ ମିଶ୍ର, ଗୋପାଳ ରାୟ ଏମାନେ ହେଉଛନ୍ତି ରାମ ମନ୍ଦିର ପରିଚାଳନା ସହ ଜଡ଼ିତ । ମାତ୍ର କାହାର ନାମ ଏତଲାରେ ନାହିଁ । ଯଦି ସେମାନେ ୩ ଦିନ ମଧ୍ୟରେ ଅଯୋଧ୍ୟା ଛାଡ଼ନ୍ତି ତେବେ ଆଇନଜୀବୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ରାସ୍ତା ରୋକ କରାଯିବ ଓ ସେମାନଙ୍କୁ ସହରରୁ ବାହାରକୁ ଯିବାକୁ ଦିଆଯିବନାହିଁ । ଆସୋସିଏସନ୍ ପକ୍ଷରୁ ମଧ୍ୟ ବିଏନ୍‌ଏସ୍‌ଏସ୍‌ର ଧାରା ୧୫୬(୩) ଅନୁଯାୟୀ ପୋଲିସରେ ଏକ ଏତଲା ଦିଆଯାଇଛି । ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନ ହୁଏ ତେବେ ସେମାନେ କୋର୍ଟକୁ ଯିବେ । ଆଇନଜୀବୀମାନେ ଏହି ଘଟଣାର ସିବିଆଇ ତଦନ୍ତ ଦାବି କରି ଆଲ୍‌ହାବାଦ୍ ହାଇକୋର୍ଟକୁ ଯିବ ଓ ଯଦି ଆବଶ୍ୟକ ପଡ଼େ ସୁପ୍ରିମ୍‌କୋର୍ଟକୁ ମଧ୍ୟ ଯିବେ । ବାର୍ ଆସୋସିଏସନ୍‌ର ସଚିବ ଶୈଳେନ୍ଦ୍ର ଜୟସ୍ୱାଲ କହିଛନ୍ତି ଯେ ଆଇନଜୀବୀମାନଙ୍କର ହୃଦୟକୁ ରାମ ମନ୍ଦିର ଦାନ ଚୋରି ଘଟଣା ଆଘାତ ଦେଇଛି । ଏହି ଘଟଣାରେ ଅଭିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର, ମନିଶ କୁମାର ଯାଦବ, କାରୁନେସ୍ ପାଣ୍ଡେ, ରାମଶଙ୍କର ମିଶ୍ରା, ସୁବାଶ ଶ୍ରୀବାସ୍ତବ, ରାମଶଙ୍କର ଓରଫ ଟିନୁ ଯାଦବଙ୍କୁ ଗିରଫ କରାଯାଇଛି । ସେମାନେ ୨୯ ତାରିଖ ଯାଏ ବିଚାର ବିଭାଗୀୟ ହାଜତରେ ଅଛନ୍ତି ।

## ଧୀରେ ଧୀରେ...

୨୫ ମିମି, ଢ଼େଙ୍କାନାଳରେ ୪୪ ମିମି, ଜଗତସିଂହପୁରରେ ୧୧ ମିମି ଓ କେନ୍ଦ୍ରାପଡ଼ାରେ ୧୫ ମିମି ବର୍ଷା ରେକର୍ଡ କରାଯାଇଛି । ଶ୍ରୀ ପଶୁପାଳକ କହିଛନ୍ତି, ଏହି ଦୁର୍ବଳ ପର୍ଯ୍ୟାୟ ୩୦ ଜୁନରୁ ହଠାତ ଶେଷ ହେବାର ସମ୍ଭାବନା କମ୍ । ବରଂ ବିଶ୍ୱସ୍ତରୀୟ ପାଣିପାଗ ମଡେଲ୍ ଅନୁସାରେ ଜୁନ୩୦ରୁ ଜୁଲାଇ ୧ରୁ ଧୀରେ ଧୀରେ ସୁଧାର ଆରମ୍ଭ ହୋଇ ଜୁଲାଇ ପ୍ରଥମ ସପ୍ତାହରେ ପରିସ୍ଥିତି ଅଧିକ ଅନୁକୂଳ ହୋଇପାରେ । ପ୍ରଥମେ ଉପକୂଳ ଓ ଦକ୍ଷିଣ ଓଡ଼ିଶା, ପରେ କେନ୍ଦ୍ରୀୟ ଓ ଉତ୍ତର ଓଡ଼ିଶାରେ ବର୍ଷା ବଢ଼ିବାର ସମ୍ଭାବନା ରହିଛି । ପଶ୍ଚିମ ଓଡ଼ିଶାରେ ଚାଷ ଉପଯୋଗୀ ବର୍ଷା ଜୁଲାଇ ଦ୍ୱିତୀୟ ସପ୍ତାହରେ ପର୍ଯ୍ୟନ୍ତ ବିଳମ୍ବ ହୋଇପାରେ ।

ବର୍ତ୍ତମାନର ସଙ୍କେତ ଅନୁସାରେ ବର୍ଷାର ସୁଧାର ଶକ୍ତିଶାଳୀ ଲଘୁଚାପ ଯୋଗୁ ନୁହେଁ, ବରଂ ମୌସୁମୀ ଅକ୍ଷରେଖା ଧୀରେ ଧୀରେ ଦକ୍ଷିଣକୁ ଆସି ସକ୍ରିୟ ହେବା, ବଙ୍ଗୋପସାଗରର ପଶ୍ଚିମ-ମଧ୍ୟରୁ ଉତ୍ତର-ପଶ୍ଚିମ ଅଞ୍ଚଳରେ ସମ୍ଭାବ୍ୟ ଉପରିସ୍ତରୀୟ ଘୂର୍ଣ୍ଣିବଳୟ ଏବଂ ଆରବ ସାଗରରୁ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରବାହ ଶକ୍ତିଶାଳୀ ହେବା ଯୋଗୁ ହୋଇପାରେ । ତେଣୁ ସମଗ୍ର ରାଜ୍ୟରେ ହଠାତ ବର୍ଷା ବଢ଼ିବା ପରିବର୍ତ୍ତେ ଧୀରେ ଧୀରେ ମୌସୁମୀ ବର୍ଷାର ସୁଧାର ହେବାର ସମ୍ଭାବନା ଅଧିକ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

## ଆମ୍ବୁଲାନ୍ସ...

ମିଳିପାରିନାହିଁ । ଏହି ସରକାରୀ ଅବହେଳାର ଏକ ହୃଦୟବିଦାରକ ଚିତ୍ର ଦେଖିବାକୁ ମିଳିଛି ଗୁଡ଼ାରୀ ବ୍ଲକର କର୍ଲାଘାଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପେଟାଖାଲ ଗାଁରେ । ପେଟାଖାଲ ଗ୍ରାମର ମାନା ନରେଙ୍ଗାକାଙ୍କ ସ୍ତ୍ରୀ ସେବତୀ ନରେଙ୍ଗାକା ଗର୍ଭାବସ୍ଥାର ଶେଷ ପର୍ଯ୍ୟାୟରେ ଥିବାରୁ ଏବଂ ଗାଁକୁ ରାସ୍ତା ନଥିବା କାରଣରୁ ପୂର୍ବ ପ୍ରସ୍ତୁତି ସ୍ୱରୂପ ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର "ମା' ଗୃହରେ ପ୍ରାୟ ୧୫ ଦିନ ଧରି ରହୁଥିଲେ । ଶୁକ୍ରବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ରାସ୍ତାରେ ହିଁ ସେବତୀ ଏବଂ ତାଙ୍କର ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଥିଲା । ପରେ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଗୁଣୁପୁରରୁ ହେଣ୍ଡେଡ଼େପା ଗ୍ରାମ୍ୟ ଉନ୍ନୟନ ସଡ଼କ ପର୍ଯ୍ୟନ୍ତ ଅଣାଯାଇଥିଲା । କିନ୍ତୁ ସେଠାରୁ ପେଟାଖାଲ ଗାଁକୁ ସଡ଼କ ନଥିବାରୁ ଆମ୍ବୁଲାନ୍ସ ଆଗକୁ ଯାଇପାରିନଥିଲା । ଶେଷରେ ପରିବାର ସଦସ୍ୟ ଓ ଗ୍ରାମବାସୀମାନେ ଖଟିଆରେ ବୋହି ମୃତଦେହକୁ ଗାଁକୁ ନେଇଥିଲେ । ଏହି ଘଟଣା ସମ୍ପର୍କରେ ଗୁଡ଼ାରୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ସ୍ୱାଗତ ସ୍ୱାଇଁ କହିଛନ୍ତି ଯେ, ଗର୍ଭବତୀଙ୍କ ମୃତ୍ୟୁର କାରଣ ନେଇ ତଦନ୍ତ କରାଯିବଛ ଏହି ଘଟଣାକୁ ନେଇ ଗୁଡ଼ାରୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛିଛ ଗୁଣୁପୁରରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିବା ବୋଲି ଗୁଡ଼ାରୀ ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗ ସୂଚନା ଦେଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏଭଳି ଖଟିଆରେ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ବୋହି ନେବା ଘଟଣା ଏହି ଅଞ୍ଚଳରେ ନୂଆ ନୁହେଁ । ପୂର୍ବରୁ ମଧ୍ୟ ଅନେକଥର ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ରାସ୍ତା ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ । ଫଳରେ ରାୟଗଡ଼ାର ଦୁର୍ଗମ ଅଞ୍ଚଳର ଲୋକମାନେ ଆଜି ମଧ୍ୟ ମୌଳିକ ସ୍ୱାସ୍ଥ୍ୟ ଓ ଯାତାୟାତ ସୁବିଧାରୁ ବଞ୍ଚିତ ରହିଛନ୍ତି ।

## ଘରେ ପଶି...

ଛାନ୍‌ଭିନ୍ କରି ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡକୁ ଜବତ କରିଛି । ଅଭିଯୁକ୍ତଙ୍କୁ ଧରିବା ପାଇଁ ସିସି କ୍ୟାମେରା ପୋଲିସ ଯାଞ୍ଚ କରିବା ସହ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ସହରର ବିଭିନ୍ନ ସ୍ଥାନ ଓ ସୂଚନା ମିଳୁଥିବା ସନ୍ଦିଗ୍ଧ ସ୍ଥାନରେ ଚଢାଉ କରୁଛି । ଡିସିପି ଜଗମୋହନ ମିନା ଘଟଣାସ୍ଥଳକୁ ଯାଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଖୁବ୍‌ଶୀଘ୍ର ହତ୍ୟାକାରୀ ଗିରଫ ହେବେ ବୋଲି ଗଣମାଧ୍ୟମକୁ କହିଛନ୍ତି ।

ହତ୍ୟାକାଣ୍ଡ ପୂର୍ବ ଶତ୍ରୁତା, ପ୍ରେମ ନା ଜମିବାଡି ବିବାଦରୁ ଘଟିଛି ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ଏହି ତିନି କାରଣ ମଧ୍ୟରୁ ଗୋଟିଏ କାରଣ ଉପରେ ପୋଲିସ ସନ୍ଦେହ ପ୍ରକଟ କରୁଛି । ଘଟଣାସ୍ଥଳରେ ପୋଲିସ ଜମି ମାଲିକ, ସ୍ଥାନୀୟ ଲୋକ ଓ ସମ୍ପର୍କୀୟମାନଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି । ଏହି ଖବର ପ୍ରଚାରିତ ହୋଇଯିବା କ୍ଷଣି ଘଟଣାସ୍ଥଳରେ ଲୋକମାନେ ଜମାଟ ବାନ୍ଧିଥିଲେ । କେଉଁ କାରଣ ପାଇଁ କମ୍ ବୟସର ଯୁବକଙ୍କୁ ମୁଖାପିନ୍ଧା ଦୁର୍ବୃତ୍ତ ହତ୍ୟା କଲେ ସେଥିନେଇ ସେହି ଅଞ୍ଚଳରେ ନାନା କଥା ଚର୍ଚ୍ଚା ହେଉଛି ।

## ପୋଲିସ...

ବାଣପୁରରେ ଡାକ୍ତରଙ୍କ ନିକଟରେ ଦେଇଥିବା ବୟାନ, ତାଙ୍କୁ ଛାଡ଼ିବା ବେଳେ ନିଆଯାଇଥିବା ଫଟୋ ଏବଂ ଥାନାର ସିସିଟିଭି ଫୁଟେଜ୍ ଯାଂଚ କରିଥିବା ଏସପି କହିଛନ୍ତି ।

ଏସପିଙ୍କ ସୂଚନା ଅନୁଯାୟୀ, ଗତକାଲି ଅପରାହ୍ଣ ପ୍ରାୟ ୪ଟା ୪୩ ମିନିଟରେ ପୁଲିସକୁ ସ୍ଥାନୀୟ ପଂଚାୟତର ପୂର୍ବତନ ସରପଂଚ ଶେଷଦେବ ପ୍ରଧାନ ଫୋନ୍ କରି ଗ୍ରାମବାସୀମାନେ ଚୋରି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଧରିଥିବା ଜଣାଇଥିଲେ । ସେହି ବ୍ୟକ୍ତି ଜଣକ ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗାଁର ତୋପାନ ନାୟକ (୩୨)ବୋଲି ଚିହ୍ନଟ ହୋଇଥିଲା । ଉକ୍ତ ସମୟରେ ସେ ମଦ ନଶାରେ ଅଚେତ ଅବସ୍ଥାରେ ଥିଲେ ଏବଂ ସ୍ଥାନୀୟ ଜଣେ ମହିଳାଙ୍କ ସହ ଅସଦାଚରଣ କରୁଥିଲେ ବୋଲି ପୁଲିସ କହିଛି । ବାଣପୁର ଥାନାର ଏକ ପିସିଆର ଟିମ୍ ଘଟଣାସ୍ଥଳରେ ପହଁଚି ତାଙ୍କୁ ସନ୍ଧ୍ୟା ୬ଟା ୩୦ ମିନିଟ୍ ସମୟରେ ଥାନାକୁ ଆଣିଥିଲା । ଥାନା ପକ୍ଷରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ରାତି ପ୍ରାୟ ୮ଟାରେ ପରିବାର ଲୋକ ପହଁଚିଥିଲେ । ଥାନାରେ ତୋଫାନଙ୍କ ପିତାମାତା ଗ୍ରାମବାସୀଙ୍କ ବିରୋଧରେ କୌଣସି ଅଭିଯୋଗ ଦାଖଲ କରିବାକୁ ମନା କରିଦେଇଥିଲେ ଏବଂ ତାଙ୍କ ପୁଅ ଗତ ୨୦ରୁ ୨୫ ଦିନ ଧରି ମାନସିକ ଅସ୍ଥିର ଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ । ପରେ ସେମାନେ ଏକ ଜିମ୍ମାନାମା କରି ତୋଫାନ ସୁସ୍ଥ ଅବସ୍ଥାରେ ଥିବା ଏବଂ ସେମାନଙ୍କ ହେପାଜତକୁ ଦିଆଯାଇଥିବା ଉଲ୍ଲେଖ କରିଥିଲେ । ଏହାପରେ ସେମାନେ ତାଙ୍କୁ ଥାନାରୁ ନେଇ ଘରକୁ ଯାଇଥିଲେ ।

ତେବେ ଆଜି ସକାଳୁ ତୋଫାନ ହଠାତ ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ବାଣପୁର ସିଏଚସି କୁ ନେଇଥିଲେ । ସେଠାରେ ଡାକ୍ତର ପଚାରିବାରେ ଅକେହି ତାଙ୍କୁ ଆକ୍ରମଣ କରିନାହାନ୍ତି ବରଂ ମଦପିଇ କେଉଁଠି ପଡିଯାଇଥାଇପାରନ୍ତି ବୋଲି ବାପ ମାଆ ଡାକ୍ତରଙ୍କ ଆଗରେ ପ୍ରକାଶ କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ୧୦୮ ଆମ୍ବୁଲାନ୍ସରେ ନେବା ପରେ ପ୍ରାୟ ସକାଳ ୧୦ଟା ୨୫ ମିନିଟ୍ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ତେଣୁ ପୁଲିସ ନାଁରେ ଅଣାଯାଇଥିବା ଅଭିଯୋଗ ଭିତିହୀନ ବୋଲି ଏସପି କହିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁ ର ପ୍ରକୃତ କାରଣ ଜଣାପଡ଼ିବ ଏବଂ ତଦନ୍ତ ରିପୋର୍ଟ ଆଧାରରେ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି କହିଛନ୍ତି ।

# ସୁବ୍ରତ ଛୋଟରାୟ ପୂର୍ବାଞ୍ଚଳ ମଙ୍ଗଳ ଡିଏଏମ୍‌ଓ

ଭୁବନେଶ୍ୱର (ସବ୍ୟୁ) : ଭୁବନେଶ୍ୱର ପୂର୍ବାଞ୍ଚଳ ସର୍କଲର ଡିଏଏମ୍‌ଓ ଭାବେ ଡ. ସୁବ୍ରତ ଛୋଟରାୟଙ୍କୁ ନିଯୁକ୍ତି ଦିଆଯାଇଛି । ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ପୂର୍ବରୁ ଏହି ଦାୟିତ୍ୱରେ ଥିବା ଡ. ସୁଜାତା ରାଣି ମିଶ୍ର ୩୦ ତାରିଖରେ ଅବସର ଗ୍ରହଣ କରିବେ । ତାଙ୍କ ସ୍ଥାନରେ ଡ. ଛୋଟରାୟଙ୍କୁ ନିଯୁକ୍ତି ଦିଆଯାଇଛି । ଡ. ଛୋଟରାୟ ହେଉଛନ୍ତି ୨୦୦୪ ଓପିଏସ୍‌ସି ପରୀକ୍ଷାରେ ଦ୍ୱିତୀୟ ଟପ୍ପର ଥିଲେ । ଭଲ ଚିକିତ୍ସକ ଓ ପ୍ରଶାସନିକ ଅଧିକାରୀ ଭାବେ ତାଙ୍କର ସୁନାମ ରହିଛି । ରୋଗୀ ଚିକିତ୍ସାକୁ ସେ ବ୍ରତ ଭାବେ ଗ୍ରହଣ କରିଛନ୍ତି ।

# ଗଛରେ ସ୍କୁଲ ଭ୍ୟାନ ପିଟିହୋଇ ଚାଳକ ସହ ଛାତ୍ରଛାତ୍ରୀ ଆହତ

ଖଣ୍ଡପଡ଼ା, (ସବ୍ୟୁ) :ଖଣ୍ଡପଡ଼ା ସହରାଞ୍ଚଳ ସ୍ଥିତ ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ଘରକୁ ଛାଡ଼ିବା ପାଇଁ ଯାଉଥିବା ଏକ ଇକୋ ଭ୍ୟାନ ମର୍ଦ୍ଦରାଜପୁର ଠାରେ ଭାରସାମ୍ୟ ହରାଇ ଏକ ଆମ୍ବଗଛରେ ପିଟି ହେବା ଫଳରେ ଚାଳକଙ୍କ ସହ କିଛି ଛାତ୍ର ଛାତ୍ରୀ ଆହତ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ସୋମବାର ଅପରାହ୍ନ ସମୟରେ ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରରେ ପଢୁଥିବା କୁନି କୁନି ପିଲାଙ୍କୁ ଇକୋ ଭ୍ୟାନ ନମ୍ବର ଓଡି ୩୩ ଏଆର ୩୮୫୫ ଯୋଗେ ବିଦ୍ୟାଳୟରୁ ବେଣାଗାଡିଆ ଗ୍ରାମକୁ ନେଇ ଯାଉଥିବା ବେଳେ ମର୍ଦ୍ଦରାଜପୁର ଗ୍ରାମ ଉପକଣ୍ଠରେ ଥିବା ଏକ ଆମ୍ବ ଗଛରେ ଭାରସାମ୍ୟ ହରାଇ ଗାଡ଼ିଟି ପିଟି ହୋଇ ଯାଇଥିଲା । ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ଆହତ ଚାଳକଙ୍କ ସହ ଛାତ୍ର ଛାତ୍ରୀ ମାନଙ୍କୁ ଉଦ୍ଧାର କରି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଗୁରୁତର ଆହତ ଚାଳକଙ୍କ ଘର ନିକଟସ୍ଥ ବାଣପୁର ହୋଇଥିବା ବେଳେ ତାଙ୍କ ନାମ ରନାକର ସାହୁ (୪୮) ବୋଲି ସୂଚନା ମିଳିଛି । ଅଗ୍ନିଶମ ବାହିନୀର ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସଓ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଆହତ ଚାଳକଙ୍କ ଚିକିତ୍ସା ଜାରି ରହିଛି । ଏଠାରେ ସୂଚନାଯୋଗ୍ୟ ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଓମ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନ କରିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ ଛାତ୍ରଛାତ୍ରୀ ଏଭଳି ଛୋଟ ଛୋଟ ଭ୍ୟାନ ଯୋଗେ ଓଭରଲୋଡରେ ବିପଦ ସଙ୍କୁଳ ଅବସ୍ଥାରେ ଯିବାଆସିବା କରୁଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ଯୋଗୁଁ ବହୁବାର ଏଭଳି ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ଦେଖିବାକୁ ମିଳିଛି । ଘଟଣାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ସାମ୍ବାଦିକ ସନାତନ ରଣା, ,ଶେଖ ସାବିବ,ଦିବ୍ୟଲୋଚନ ମହାନ୍ତିଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଦଶପଲ୍ଲା ବ୍ଲକରେ ହାଇଡ୍ରାମା : ବିଜେଡି, ବିଜେପିର ଧାରଣା

ଦଶପଲ୍ଲା ,(ସବ୍ୟୁ): ସୋମବାର ଦିନ ଦଶପଲ୍ଲା ବ୍ଲକ ପରିସରରେ ଉଭୟ ଶାସକ ବିଜେପି ସମର୍ଥକ ଓ ଦୀର୍ଘଦିନ ଧରି ବିଡ଼ିଓ ଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିଆସୁଥିବା ବିରୋଧୀ ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧିାନଙ୍କର ଦେଖିବାକୁ ମିଳିଛି ହାଇଡ୍ରାମା । ପ୍ରଥମେ ବିଜେଡି ସମର୍ଥିତ ଅଧକ୍ଷା ଓ ୧୭ ଜଣ ସରପଞ୍ଚ ଓ ୧୯ ଜଣ ସମିତିସଭ୍ୟ/ସଭ୍ୟା, ୩ଜିଲ୍ଲାପରିଷଦ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଏହାକୁ କାଉଣ୍ଟର କରିବାକୁ ଯାଇ ବିଜେପି ସମର୍ଥିତ କର୍ମୀମାନେ ବିଗତ ଦଶବର୍ଷ ମଧ୍ୟରେ ବ୍ଲକରେ ହୋଇଥିବା ବିଭିନ୍ନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି କରି ବ୍ଲକ କାର୍ଯ୍ୟାଳୟ ଗେଟ ବାହାରେ ବସି ଧାରଣା ଦେଇଥିଲେ । ସୂଚନା ଯୋଗ୍ୟଯେ, ଦଶପଲ୍ଲା ବ୍ଲକରେ ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକ କାର୍ଯ୍ୟରେ ଯୋଗ ଦେବାର କିଛିଦିନ ପରେ ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧି ଏବଂ ବିଡ଼ିଓ ଙ୍କ ମଧ୍ୟରେ ବିବାଦ ଲାଗିରହିଛି ।

ବିଡ଼ିଓ କାର୍ଯ୍ୟରେ ଯୋଗ ଦେବା ପୂର୍ବରୁ ହୋଇଥିବା ବିଭନ୍ନ ବିକାଶ ମୂଳକ କାର୍ଯ୍ୟର ବିଲ କରୁନଥିବା ବେଳେ ପିସି ମାଗିବା , ଆମ ଗାଓଁ ଆମ ବିକାଶ ଯୋଜନା ରେ ଗ୍ରାମର ବିକାଶ ପାଇଁ ସେହି ଗ୍ରାମର ଲୋକଙ୍କୁ କାମଦେବା ପରିବର୍ତେ ନିଜେ ଠିକାଦାର ଠିକ କରିବା , ଠିକ ସମୟରେ ପଞ୍ଚାୟତ ସମିତି ବୈଠକ ନ କରିବା, ଆଦି ଗୁରୁତ୍ୱପୂର୍ଣ ଅଭିଯୋଗ ଆଣି ଦଶପଲ୍ଲା ପଞ୍ଚାୟତ ସମିତି ଅଧକ୍ଷା ସୁନନ୍ଦା ସାହୁଙ୍କ ନେତୃତ୍ୱରେ ପଞ୍ଚାୟତ ପ୍ରତିନିଧି ମାନେ ବିଡ଼ିଓ ଙ୍କୁ ଘେରାଉ କରିବା ସହ ଏ ସମ୍ପର୍କ ରେ ଗତ ଜୁନ ୧୨ ତାରିଖ ଦିନ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ମାତ୍ର ଏଥିରେ କୌଣସି ସୁଫଳ ନ ମିଳିବାରୁ ଗତ ୧୬ ତାରିଖ ଦିନ ଏକ ସାମ୍ବାଦିକ ସମ୍ମିଳନୀ କରି ଅଧକ୍ଷା ସୁନନ୍ଦା ସାହୁ ତୁରନ୍ତ ଆମର ଅଭିଯୋଗ ଉପରେ କାର୍ଯ୍ୟ ।ନୁଷ୍ଠାନ ଗ୍ରହଣ କରାନଗଲେ ଧାରଣା ଦେବାକୁ ଧମକ ଦେଇଥିଲେ । ଶେଷରେ ଜିଲ୍ଲା ପ୍ରଶାସନିକ ଅଡିଜିକାରୀ କିମ୍ବା ରାଜ୍ୟ ପ୍ରଶାସନିକ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଶେଷରେ ସୋମବାର ଦିନ ଅଧକ୍ଷା ସୁନନ୍ଦା ସାହୁଙ୍କ ନେତୃତ୍ୱରେ ପଞ୍ଚାୟତ ପଞ୍ଚାୟତ ପ୍ରତିନିଧିମାନେ ବିଡ଼ିଓଙ୍କ ବିରୋଧ ରେ ଧାରଣା ଆରମ୍ଭ କରିଛନ୍ତି ।

ଏହି ଧାରଣାରେ ବିଧାୟକ ରମେଶ ଚନ୍ଦ୍ର ବିହେରା ସାମିଲ ହୋଇ ବିଧାୟକ ଙ୍କ ଏତାଦୃଶ କାର୍ଯ୍ୟକୁ ବିରୋଧ କରିବା ସହ ବିଡ଼ିଓ ଏଠାରେ ଶାସକ ଦଳର ସମର୍ଥକ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି । ଏହାସହ ଦଶପଲ୍ଲା ବିଜେଡି ସରକାର ସମୟରେ ବର୍ତମାନ ର ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକ ତହସିଲଦାର ଭାବେ କାର୍ଯ୍ୟକରୁଥିବା ବେଳେ ଜମି ଦୁର୍ନୀତି ମାମଲାରେରେ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା ବୋଲି ବିଧାୟକ ପ୍ରକାଶ କରିଥିଲେ ।

# ରାସନ କାର୍ଡରେ ନାଁ ଯୋଡ଼ିବାକୁ ଦାବି

ଭାପୁର,(ସବ୍ୟୁ) :ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଙ୍କ ଖାଉଟି କାର୍ଡରେ ନୂତନ ନାମ ସଂଯୋଗୀକରଣ କରିବା ପାଇଁ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକକୁ ରାଜ୍ୟ ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶନାମା ଆସି ନ ଥିବାରୁ ଅନେକ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି । ଭାପୁର ବ୍ଲକରେ ମୃତ୍ୟୁବରଣ କରିଥିବା ଅଥବା ବିବାହ କରୁଥିବା ଝିଅମାନଙ୍କର ନାମ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ବେଳେ ନୂତନ କରି ବିବାହ ହୋଇ ଆସୁଥିବା ମହିଳା ତଥା ସେମାନଙ୍କର ସନ୍ତାନସନ୍ତତି ଙ୍କ ନାମ ପରିବାରର ରେସନ କାର୍ଡରେ ସଂଯୋଗୀକରଣ ହୋଇପାରୁ ନ ଥିବାରୁ ସେମାନେ ବର୍ଷବର୍ଷ ଧରି ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେଉଛନ୍ତି । ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ରେସନ କାଡରେ ନାମ ସଂଯୋଗୀ କରଣ ହେଉଥିବାବେଳେ ଭାପୁର ବ୍ଲକରେ ଏହା କାହିଁକି କାର୍ଯ୍ୟକାରୀ ହେଉନାହିଁ ବୋଲି ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ଆମ ପାଖକୁ ରାଜ୍ୟ ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶନାମା ଆସିନଥିବାରୁ ଆମେ ନିରୁପାୟ ବୋଲି ସେ କହିଥିଲେ ।

# ନୀଳମାଧବ ପୀଠରେ ଜଗନ୍ନାଥଙ୍କ ଦେବସ୍ନାନ ନୀତି

କଣ୍ଟିଲୋ ,(ସବ୍ୟୁ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀ ନୀଳମାଧବ ଙ୍କ ପାର୍ଶଦେବ ଜଗନ୍ନାଥଙ୍କ ଦେବସ୍ନାନ ନୀତି ଓ ହାତୀ ବେଶ ଅନୁଷ୍ଠିତ ହୋଇଯାଇଛି ।ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଙ୍କୁ ସ-ଆସ୍ଥାନ ରୁ ସ୍ନାନବେଦୀକୁ ବିଜେ କରାଯିବାପରେ ସେବାୟତ ଙ୍କ ଦ୍ୱାରା ସ୍ନାନ ନୀତି ସମ୍ପନ୍ନ କରାଯିବା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ହାତୀ ବେଶ ଅନୁଷ୍ଠିତ ହୋଇଥିଲା ।ପ୍ରତ୍ୟୁଷ ରେ ମଙ୍ଗଳ ଆଳତି, ମୈଲମ,ଅବକାଶ ନୀତି ପରେ ସୂର୍ଯ୍ୟ, ଦ୍ୱାରପାଳ ପୂଜା ଓ ନୀତି ପରେ ଶ୍ରୀ ଜୀଉମାନଙ୍କୁ ସେବାୟତ ପହଣ୍ଡି କରି ସ୍ନାନ ବେଦିରେ ବିଜେ କରାଇଥିଲେ ।ପ୍ରଥମେ ଆଦି ଦେବତା ନୀଳମାଧଙ୍କ ମହାସ୍ନାନ ପରେ ସ୍ନାନ ବେଦିରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନନୀତି ଆରମ୍ଭ ହୋଇଥିଲା ।ମହାନଦୀରୁ ୧୦୮ କୁମ୍ଭ ଜଳ ଅଣାଯାଇଥିଲା । ସେଥିରେ ଚନ୍ଦନ, ଅଗୁର, ଅତର,ଚୁଆ, ଗୋରଚନା ଆଦି ମହୋଷଧି ଓ ପୁଷ୍ପ ମିଶ୍ରିତ ଜଳ ରେ ଶ୍ରୀ ଜଗନ୍ନାଥ ଙ୍କୁ ୩୫କୁମ୍ଭ , ବଳଭଦ୍ର ଙ୍କୁ ୩୩, ସୁଭଦ୍ରା ଙ୍କୁ ୨୨ ଓ ସୁଦର୍ଶନ ଙ୍କୁ ୧୮ କୁମ୍ଭ ଜଳ ରେ ସ୍ନାନନୀତି କରାଯାଇଥିଲା ।


**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 29.06.2026 I, JHARANARANI NAYAK, Address RAY NO 367, SCINCEPARK BASTI, ACHARYA VIHAR, R R R, BHUBANESWAR, 751013 declare that I have changed my name from JHARANA NAYAK to JHARANARANI NAYAK. Henceforth, I shall be known as JHARANARANI NAYAK for all purposes.

JHARANARANI NAYAK

**ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର ଇ-ସଂଗ୍ରହଣ**

32001/464/2627 **ବିଜ୍ଞପ୍ତି ସଂଖ୍ୟା : EE-DD-CTC-05/2026-27**

୧. କାର୍ଯ୍ୟର ନାମ : ମୋଟ ୦୩ (ତିନି) ଗୋଟି ଜଳନିଷ୍କାସ କାର୍ଯ୍ୟ ।
୨. ଅଟକଳ ମୂଲ୍ୟ : ୨୫.୩୨ ଲକ୍ଷ ଟଙ୍କା ରୁ ୮୨.୦୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ।
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି : ୦୪ (ଚାରି) ମାସ ରୁ ୦୯ (ନ) ମାସ ପର୍ଯ୍ୟନ୍ତ ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ : ତା. ୩୦.୦୬.୨୦୨୬ ର ୧୧.୦୦ ଘଣ୍ଟା ରୁ ତା. ୧୪.୦୭.୨୦୨୬ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ : ତା. ୧୪.୦୭.୨୦୨୬ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ନିର୍ବାହୀ ଯନ୍ତ୍ରୀ, ଜଳନିଷ୍କାସ ବିଭାଜନ, କଟକ, ଠିକଣା : ଗଣ୍ଡରପୁର କଟକ-୭୫୩୦୦୩, ଇ-ମେଲ : eeddcuttack@gmail.com

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖା ଯାଇପାରିବ । ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।

ସ୍ୱା/- ନିର୍ବାହୀ ଯନ୍ତ୍ରୀ
ଜଳନିଷ୍କାସ ବିଭାଜନ, କଟକ

OIPR : 32001/32466/1/26-27/0008

34001/409/2627

**Government of Odisha**
**"e" procurement Notice**
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
**Bid Identification No. S.E (R&B) KPT- 06/ 2026-27**

1. Name of the work : Building Works.
2. Total No. of works : 03 Nos.
3. Estimated Cost : Rs. 18.00 to 39.97 Lakhs.
4. Period of Completion : 03 (Three) to 06 (Six) Months
5. Date & Time of availability of bid document in the portal : From 30.06.2026 at 11.00 hours to 10.07.2026 upto 17.00 hours
6. Last date/ Time for receipt of bids in the portal : 10.07.2026 upto 17.00 hours
7. Date of opening of Tender : 13.07.2026 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in

Sd/- Superintending Egnineer
Koraput (R&B) Division

OIPR : 34001/34096/1/26-27/0006

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୧୩୮୮୩/ଭୁ.ଉ.କ., ଭୁବନେଶ୍ୱର ତା.୨୫.୦୬.୨୬ ରିଖ
CPL-II(S)-212/93
13001/1021/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍-୨ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଘର ନଂ-LIG(SS)-S-2/33କୁ ନିଖିଲ ପ୍ରସାଦ ପଟ୍ଟନାୟକ, ପିତା-ସ୍ୱର୍ଗତ ନିରୋଦ କିଶୋର ପଟ୍ଟନାୟକ, ଗ୍ରାମ/ପୋ-କୁହୁଡି, ଥାନା-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ନିଖିଲ ପ୍ରସାଦ ପଟ୍ଟନାୟକଙ୍କ ମୃତ୍ୟୁ ପରେ ଉକ୍ତ ଘରର ମାଲିକାନା ତାଙ୍କର ପତ୍ନୀ ବନୀତା ପଟ୍ଟନାୟକ ଓ ପୁତ୍ର ସ୍ୱରୂପ କୁମାର ପଟ୍ଟନାୟକଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରାଯାଇଥିଲା । (Office Order No. 9109/BDA dt. 21.04.2011)

ବର୍ତ୍ତମାନ ବନୀତା ପଟ୍ଟନାୟକ ତା. ୧୭/୧୦/୨୦୨୨ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death Certificate Registration No. D-2022-27-90271-002870 dated. 02.11.2022). Legal heir certificate Misc Case No. E-LHC/2023/107842 Dt. 23.05.2023 ଅନୁଯାୟୀ ବନୀତା ପଟ୍ଟନାୟକଙ୍କର ଏକମାତ୍ର ଉତ୍ତରାଧିକାରୀ ଶ୍ରୀ ସ୍ୱରୂପ କୁମାର ପଟ୍ଟନାୟକ (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ଶ୍ରୀ ସ୍ୱରୂପ କୁମାର ପଟ୍ଟନାୟକ ଉକ୍ତ ଘରର ମାଲିକାନା ସତ୍ୱ ନିଜ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି । ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସତ୍ୱ ଶ୍ରୀ ସ୍ୱରୂପ କୁମାର ପଟ୍ଟନାୟକଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR : 13001/13033/1/26-27/0083

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ବରିଷ୍ଠ ବାଣିଜ୍ୟିକ ପରିଚାଳକ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନବର୍ଣ୍ଣିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **ଇ-ଟେଣ୍ଡର ନୋଟିସ୍ ନଂ: କମ୍‌୫୪-ଏଏମ୍‌ଏନ-ଟିଏସ-ଜେଏଡ-୨୬, ତାରିଖ, ୨୫.୦୬.୨୦୨୬ । କାର୍ଯ୍ୟର ନାମ:** ଝାଡଖଣ୍ଡ ରାଜ୍ୟର ଭୌଗୋଳିକ କ୍ଷେତ୍ର ମଧ୍ୟରେ ଚକ୍ରଧରପୁର ଡିଭିଜନରେ ଅଚଳ ୱାଗନଗୁଡ଼ିକର ଦୁଇ ବର୍ଷ ପାଇଁ କିମ୍ବା ୨୫୦ ୱାଗନ ପାଇଁ ଯାହା ପୂର୍ବରୁ ଟ୍ରାନ୍ସସିପମେଣ୍ଟ ହେବ। **ବିଲାସୀୟ ମୂଲ୍ୟ:** ଟ. ୩୬,୨୩,୦୩୦ ଟଙ୍କା । **ଟେଣ୍ଡର ଫର୍ମ ମୂଲ୍ୟ:** ନାହିଁ । ଅମାନତ ଅର୍ଥ: ଟ. ୭୨,୫୦୦ । **ଇଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ:** ୧୭.୦୭.୨୦୨୬ ସନ୍ଧ୍ୟା ୪.୦୦ ଟା । **ୱେବସାଇଟ୍ ବିବରଣୀ: www.ireps.gov.in.** ବି.ଦ୍ରଃମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଠିକାଦାର www.ireps.gov.in ରେ ଅନଲାଇନ୍ ଟେଣ୍ଡର ଦାଖଲ କରିବେ । (PR-391)

25001/572/2627 **GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, KESINGA**
**1st Corrigendum Notice No.- 2028 Date. 23.06.2026**
E_mail: eerwkesinga@yahoo.com

**The 1st corrigendum to Bid identification No. RWKSNG-online-2/26-27**

1. The details of corrigendum as table below.

**As per tender notice**

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-2/26-27 | 25.06.2026 at 11.00 A.M. | 09.07.2026 upto 17.00 P.M. | 07.07.2026 upto 17.00 P.M. | 10.07.2026 at 11.00 A.M. |

**As per tender notice**

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-2/26-27 | 06.07.2026 at 11.00 A.M. | 17.07.2026 upto 17.00 P.M. | 15.07.2026 upto 17.00 P.M. | 18.07.2026 at 11.00 A.M. |

All other terms and conditions remain unchanged.

OIPR : 25001/25153/1/26-27/0004

Sd/- Superintending Engineer, Rural Works Division, Kesinga



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### ମହାପ୍ରଭୁଙ୍କ ସ୍ନାନଯାତ୍ରା ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

## ମହାପ୍ରଭୁଙ୍କ ଦର୍ଶନ ଅନୁଭୂତି ଥିଲା ଅତ୍ୟନ୍ତ ଭାବପୂର୍ଣ୍ଣ

ଭୁବନେଶ୍ବର (ସବ୍ୟୁ): ପବିତ୍ର 'ଦେବସ୍ନାନ ପୂର୍ଣ୍ଣିମା' ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀକ୍ଷେତ୍ରର ସ୍ନାନ ମଣ୍ଡପରେ ଅପୂର୍ବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାପ୍ରଭୁଙ୍କ ଏହି ସ୍ନାନଯାତ୍ରା ଦର୍ଶନ କରି ସେ ନିଜକୁ ଧନ୍ୟ ମନେ କରିଛନ୍ତି । ଶ୍ରୀ ପ୍ରଧାନ ସ୍ନାନ ବେଦୀରେ ବିରାଜମାନ ପ୍ରଭୁ ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ଦର୍ଶନ କରି କହିଛନ୍ତି, "ସ୍ନାନ ମଣ୍ଡପରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ତାଙ୍କର ଆଶୀର୍ବାଦ ଲାଭ କରୁଛନ୍ତି । ଆଜିର ଏହି ଦର୍ଶନ ଅନୁଭୂତି ସମ୍ପୂର୍ଣ୍ଣ ନିଆରା ଓ ଭାବଗମ୍ଭୀର ଥିଲା । ମହାପ୍ରଭୁଙ୍କ ଲୀଳା



ଦେଖିବାର ଯେଉଁ ସୌଭାଗ୍ୟ ମତେ ପ୍ରାପ୍ତ ହୋଇଛି, ସେଥିପାଇଁ ମୁଁ ନିଜକୁ କୃତକୃତ୍ୟ ମନେ କରୁଛି । ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ମହାପ୍ରଭୁଙ୍କ ମହିମା ଅପାର ଓ ଅନନ୍ତ । କାଳିଆ ସାଆନ୍ତଙ୍କ ଆଶୀର୍ବାଦ ଓ କରୁଣା ସମସ୍ତଙ୍କ ସହ ସଦାସର୍ବଦା ରହିଥାଉ । ଏହି ପବିତ୍ର ଅବସରରେ ସେ ମହାପ୍ରଭୁଙ୍କ ଶ୍ରୀଚରଣରେ ଓଡ଼ିଶାବାସୀଙ୍କ ସମେତ ସମଗ୍ର ବିଶ୍ୱବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ପ୍ରାର୍ଥନା କରିଛନ୍ତି ।

### କଟକ ମହାନଗର ସାଙ୍ଗଠନିକ ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ

## ଶଙ୍ଖ ଭବନରେ ଶତାଧିକ ନେତା ଭେଟିଲେ ସୁଜାତା ରାଉତଙ୍କୁ

କଟକ, (ସବ୍ୟୁ): ବିଜୁ ଜନତା ଦଳରେ ନିକଟରେ ଯୋଗଦେଇଥିବା ବରିଷ୍ଠ ପୂର୍ବତନ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ସୁଜାତା ରାଉତଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ପାଇଁ ଆଜି କଟକ ମହାନଗର ସାଙ୍ଗଠନିକ ଜିଲ୍ଲା ସଭାପତି ସ୍ବଦେଶ ଦାସ ଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ନେତା, କର୍ପୋରେଟର, ୱାର୍ଡ ସଭାପତି ଓ କର୍ମକର୍ତ୍ତାମାନେ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ପହଞ୍ଚିଥିଲେ । ଏହି ଅବସରରେ ଦଳ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ଆନ୍ତରିକ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ରାଜନୈତିକ ଜୀବନ ସଫଳ ଓ ଜନମୁଖୀ ହେଉ ବୋଲି କାମନା କରାଯାଇଥିଲା । ଏହି ଅବସରରେ ଜିଲ୍ଲା ସଭାପତି କହିଥିଲେ ଯେ, ଶ୍ରୀମତୀ ସୁଜାତା ରାଉତ ଜଣେ ଦକ୍ଷ, ସଚ୍ଚୋଟ ଓ ଅଭିଜ୍ଞ ପ୍ରଶାସନିକ ଅଧିକାରୀ ଭାବେ ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାର ବିକାଶ ଓ ଜନସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି । ବର୍ତ୍ତମାନ ସେ ବିଜୁ ଜନତା ଦଳରେ ସାମିଲ ହେବା ଫଳରେ ଦଳର ସାଙ୍ଗଠନିକ ଶକ୍ତି ଆହୁରି ସୁଦୃଢ଼ ହେବ ଏବଂ ତାଙ୍କର ପ୍ରଶାସନିକ ଅଭିଜ୍ଞତା ରାଜ୍ୟର ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଆହୁରି ଗତିଶୀଳ କରିବ ବୋଲି ସେ ମତ ପ୍ରକାଶ କରିଥିଲେ ।

ଶ୍ରୀମତୀ ସୁଜାତା ରାଉତ ତାଙ୍କ ପ୍ରତି କଟକ ମହାନଗରର ଦଳୀୟ ନେତୃବୃନ୍ଦଙ୍କ ଏହି ଆନ୍ତରିକ ସ୍ନେହ ଓ ସମ୍ମାନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ବିଜୁ ଜନତା ଦଳର ଆଦର୍ଶ, ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ, ମହିଳା ସଶକ୍ତିକରଣ, ମିଶନ ଶକ୍ତି ମାଧ୍ୟମରେ ଲକ୍ଷ ଲକ୍ଷ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସମାଜର ସବୁ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ଦଳ କରିଥିବା କାର୍ଯ୍ୟ ତାଙ୍କୁ ବିଶେଷ ଭାବେ ଅନୁପ୍ରାଣିତ କରିଛି । ଆଗାମୀ ଦିନରେ ସେ ଦଳର ଜଣେ ନିଷ୍ଠାବାନ କର୍ମୀ ଭାବେ ସାଧାରଣ ଲୋକଙ୍କ ସେବା ପାଇଁ ନିଜକୁ ସମର୍ପିତ କରିବେ ବୋଲି କହିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଟକ ମହାନଗର ସାଙ୍ଗଠନିକ ଜିଲ୍ଲା କର୍ମକର୍ତ୍ତା , କର୍ମୀ ଛାମୁଆ ସଂଗଠନ କର୍ମକର୍ତ୍ତା ଯଥା, ଅନିତା ବେହେରା,ପ୍ରଫୁଲ୍ଲ ବେହେରା, ଦେବେନ୍ଦ୍ର କାହାଳି ,ବିଶ୍ୱନାଥ ଧୀର, ବିଜ୍ଞାନ ମହାପାତ୍ର ପ୍ରତାପ ନାୟକ,ସୌମିତ୍ର ମିତ୍ର, ସ୍ମିତା ମୂଳିଆ,ସଂଗୀତା ଦାସ, ଧିରେନ୍ଦ୍ର ପ୍ରତାପ, ଅକ୍ଷୟ ମହାନ୍ତି, ପ୍ରେମାନସୁ ବେହେରା, ବିନୋଦ ପଣ୍ଡା, ସୌମେନ୍ଦ୍ର ସାହୁ , ଜୋନ ଆଶିଷ ବରାଳ ,ପ୍ରମୁଖ ଉପସ୍ଥିତ ଥିଲେ ।

## ଜେକେ ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର (ସବ୍ୟୁ): : ଅଗ୍ରଣୀ ଶିଳ୍ପ ସଂସ୍ଥା ଜେକେ ଅର୍ଗାନାଇଜେସନର ପୂର୍ବତନ ସଭାପତି ତଥା ଜଣେ ଦୂରଦୃଷ୍ଟି ସମ୍ପନ୍ନ ନେତା ସ୍ୱର୍ଗତ ହରି ଶଙ୍କର ସିଂଘାନିଆଙ୍କ ୯୩ତମ ଜୟନ୍ତୀ ପାଳନ ଅବସରରେ ଏହାର ବିଭିନ୍ନ କାର୍ଯ୍ୟାଳୟ ଏବଂ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ରକ୍ତଦାନ ଶିବିର ଆୟୋଜନ କରିଥିଲା । ଗ୍ରୁପର ବିଭିନ୍ନ କମ୍ପାନୀର ୮,୦୦୦ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କର ଅବଦାନକୁ ସ୍ୱୀକୃତି ଦେବା ପାଇଁ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଏକ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ରକ୍ତଦାନ ଶିବିର ସ୍ୱର୍ଗତ ସିଂଘାନିଆଙ୍କ ଅବିସ୍ମରଣୀୟ ଅବଦାନ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଥିଲା । ଏହି ଅବସରରେ ଉଦବୋଧନ ଦେଇ ଜେକେ ଅର୍ଗାନାଇଜେସନର ଉପାଧ୍ୟକ୍ଷ ଡଃ ରଘୁପତି ସିଂଘାନିଆ କହିଛନ୍ତି: ଜେକେ ଅର୍ଗାନାଇଜେସନରେ, ଆମେ ସର୍ବଦା ବିଶ୍ୱାସ କରୁ ଯେ ପ୍ରଗତି ସେତେବେଳେ ହିଁ ଅର୍ଥପୂର୍ଣ୍ଣ ହୋଇଥାଏ ଯେତେବେଳେ ଏହା ଆମର ଆଖପାଖର ସମ୍ପ୍ରଦାୟ ଏବଂ ସମଗ୍ର ଦେଶର କଲ୍ୟାଣରେ ସହାୟକ ହୁଏ ।



ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ସୌମ୍ୟ ହତ୍ୟା ମାମଲା, ଆଉ ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳରେ ମେ' ୭ ତାରିଖରେ ଜିଆର୍‌ପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଦୁର୍ବୃତ୍ତମାନେ ପିଟି ପିଟି ହତ୍ୟା କରିଥିଲେ । ସେହି ମାମଲାରେ ୧୯ଜଣ ଗିରଫ ହୋଇସାରିଥିବା ବେଳେ ସୋମବାର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହଙ୍ଗ ଗ୍ରାମରୁ ରବି ଓରଫ ସୁବାସ ଭୋଇ (୫୪) କୁ ଗିରଫ କରିଛି । ସୌମ୍ୟ ହତ୍ୟା ମାମଲା ପ୍ରଥମେ ବାଲିଅନ୍ତା ଥାନା ପୋଲିସ କରୁଥିଲା । ବାଲିଅନ୍ତା ଥାନାରେ ୨୨୧/ ୨୦୨୬ ନମ୍ବରରେ ମାମଲା ରୁଜୁ କରାଯାଇଥିବା ବେଳେ ନ୍ୟାୟ ସଂହିତା (ବିଏନ୍‌ଏସ୍) ୨୦୨୩ର ଧାରା ୧୦୩ (୧) ଏବଂ ୩ (୫) ଲାଗୁ କରାଯାଇଥିଲା । କ୍ରାଇମ୍‌ବ୍ରାଞ୍ଚରେ ୬/୨୦୨୬ କେସ୍ ନମ୍ବର ଅନୁଯାୟୀ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି । ସୌମ୍ୟଙ୍କୁ ଗିରଫ ଅଭିଯୁକ୍ତ ରବି ଆକ୍ରମଣ କରିଥିବା କ୍ରାଇମ୍‌ବ୍ରାଞ୍ଚ ସ୍ପଷ୍ଟ ହେବା ପରେ ତାକୁ ତା'ନିଜ ଗାଁ କଳାରାହଙ୍ଗ ଭୋଇସାହିରୁ ଗିରଫ କରାଯାଇଛି । ରବିକୁ ମିଶାଇ ୨୦ଜଣ ଗିରଫ ହୋଇସାରିଥିଲେ ମଧ୍ୟ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଜାରି ରହିଛି ।

### ଏସ୍‌ସିବି ମେଡିକାଲରୁ ରୋଗୀଙ୍କ ଅନ୍ତର୍ଦ୍ଧାନ ଘଟଣା

## ପିସିସି ଯାଞ୍ଚ କମିଟିର ପରିଦର୍ଶନ

ଭୁବନେଶ୍ୱର,(ସବ୍ୟୁ): ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରୁ ଗୋଟିଏ ମାସରେ ୧୨ ଜଣ ରୋଗୀଙ୍କ ରହସ୍ୟ ଜନକ ଅନ୍ତର୍ଦ୍ଧାନ ଘଟଣାକୁ ରାଜ୍ୟ କଂଗ୍ରେସ ଅତ୍ୟନ୍ତ ଗମ୍ଭୀର, ଚିନ୍ତାଜନକ ଓ ଜନସ୍ୱାର୍ଥ ସହ ସିଧାସଳଖ ସମ୍ପୃକ୍ତ ବିଷୟ ଭାବେ ଗ୍ରହଣ କରିଛି । ଏହି ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିବା ଓ ପ୍ରକୃତ ତଥ୍ୟ ସଂଗ୍ରହ କରିବା ନିମନ୍ତେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ଶିବାନନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ତଦନ୍ତ କମିଟି ସୋମବାର ଏସସିବି ମେଡିକାଲ ପରିଦର୍ଶନ କରିଥିଲା ।

କମିଟି ହସ୍ପିଟାଲର ବିଭିନ୍ନ ୱାର୍ଡ, ସୁରକ୍ଷା ବ୍ୟବସ୍ଥା, ରୋଗୀ ନିବନ୍ଧନ ପ୍ରକ୍ରିୟା, ସିସିଟିଭି ନଜରଦାରି, ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିବା ସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ହସ୍ପିଟାଲ ଅଧ୍ୟକ୍ଷଙ୍କ ନିକଟରେ ଘଟଣାର ସମସ୍ତ ବିବରଣୀ ଗ୍ରହଣ କରାଯାଇଥିବା ପଦକ୍ଷେପ, ସୁରକ୍ଷା ତ୍ରୁଟି ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ଗ୍ରହଣୀୟ ବ୍ୟବସ୍ଥା ସମ୍ପର୍କରେ ସ୍ପଷ୍ଟୀକରଣ ମଧ୍ୟ ମଗାଯାଇଥିଲା । କମିଟି ମତ ପ୍ରକାଶ କରିଛି ଯେ, ସରକାରୀ ମେଡିକାଲ ପରିସରରୁ ୧୨ ଜଣ ରୋଗୀଙ୍କ ଅନ୍ତର୍ଦ୍ଧାନ କେବଳ ପ୍ରଶାସନିକ ଅବହେଳା ନୁହେଁ, ବରଂ



ଏହା ରୋଗୀଙ୍କ ଜୀବନ ଓ ସୁରକ୍ଷାର ଅଧିକାର, ସ୍ୱାସ୍ଥ୍ୟ ସେବାରେ ରାଜ୍ୟର ସାମ୍ବିଧାନିକ ଦାୟିତ୍ୱ ଏବଂ ସରକାରୀ କର୍ତ୍ତବ୍ୟ ପାଳନରେ ଗୁରୁତର ତ୍ରୁଟିର ପ୍ରଶ୍ନବାଚୀ ସୃଷ୍ଟି କରୁଛି ।ଏଭଳି ଘଟଣା ଉପରେ ଯଦି ତୁରନ୍ତ ଓ ନିରପେକ୍ଷ ତଦନ୍ତ ନ କରାଯାଏ, ତେବେ ଜନସାଧାରଣଙ୍କ ବିଶ୍ୱାସ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରୁ ସମ୍ପୂର୍ଣ୍ଣ ଉଠିଯିବ । କମିଟି ଦାବି କରିଛି ଯେ ଏହି ଘଟଣାର ନିରପେକ୍ଷ, ସ୍ୱଚ୍ଛ ଓ ସମୟବଦ୍ଧ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କୁ ଆଇନ ଅନୁଯାୟୀ ଦାୟୀ କରାଯାଉ । ଯଦି କୌଣସି ପ୍ରଶାସନିକ ଅବହେଳା, କର୍ତ୍ତବ୍ୟରେ ଖାମଖିଆଲି , ସୁରକ୍ଷା ବ୍ୟବସ୍ଥାର ବିଫଳତା କିମ୍ବା କୌଣସି ଅପରାଧିକ ଷଡ଼ଯନ୍ତ୍ରର ସୂଚନା ମିଳେ । ତେବେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ କଠୋର ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ।

ଯାଞ୍ଚ କମିଟି ପକ୍ଷରୁ ହସ୍ପିଟାଲ ଅଧ୍ୟକ୍ଷଙ୍କୁ ଦାବି କରାଯାଇଛି ଯେ, ଆଜିଠାରୁ ସମସ୍ତ ରୋଗୀ ଓ ସେମାନଙ୍କ ସହ ଆସୁଥିବା ଆଟେଣ୍ଡାଣ୍ଟମାନଙ୍କୁ ଯଥେଷ୍ଟ ସୁରକ୍ଷା, ଆବଶ୍ୟକ ସହଯୋଗ, ତଥ୍ୟ ପ୍ରଦାନ ବ୍ୟବସ୍ଥା ଏବଂ ହସ୍ପିଟାଲ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରାଯାଉଛ ସେହିପରି ସମସ୍ତ ସିସିଟିଭି କ୍ୟାମେରା ସକ୍ରିୟ ରଖିବା, ଭିଜିଟର ରେଜିଷ୍ଟରର ସଠିକ୍ ପରିଚାଳନା, ପ୍ରବେଶ ଓ ପ୍ରସ୍ଥାନ ନିୟନ୍ତ୍ରଣକୁ ଅଧିକ କଡ଼ାକଡ଼ି କରିବା ଏବଂ ରୋଗୀଙ୍କ ସୁରକ୍ଷା ପାଇଁ କଡ଼ାକଡ଼ି ପାଳନ କରିବାକୁ ମଧ୍ୟ କୁହାଯାଇଛି । ଏହି ଯାଞ୍ଚ କମିଟିରେ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ନଗର କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର, ରାଜ୍ୟ କଂଗ୍ରେସ ମୁଖପାତ୍ର ଅଶୋକ ସ୍ୱାଇଁ, ଅମ୍ରିତା ଦାସ, ଯୁବ ଓ ଛାତ୍ର ନେତା ହରିଶଙ୍କର ରାଉତ, ପୂର୍ବତନ ବିଧାୟକ ରବିନ୍ଦ୍ର କୁମାର ମଲ୍ଲିକ, ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ, ଆଇନଜୀବୀ ରଞ୍ଜନ ନାୟକ, ଆଲୋକ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ଏଲ୍‌ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ବିଦ୍ୟାଳୟରେ ଦୃଷ୍ଟିଶକ୍ତି ପରୀକ୍ଷା ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): ଶିଶୁର ମସ୍ତିଷ୍କର ବିକାଶ, ଶିକ୍ଷା ଗ୍ରହଣ ଏବଂ ସାମଗ୍ରିକ ସୁସ୍ଥତା ପାଇଁ ସୁସ୍ଥ ଦୃଷ୍ଟିଶକ୍ତି ଅତ୍ୟନ୍ତ ଜରୁରୀ । ପିଲାମାନଙ୍କ ମଧ୍ୟରେ ଥିବା ଦୃଷ୍ଟିଶକ୍ତି ସମସ୍ୟାକୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ଚିହ୍ନଟ କରିବା ଏବଂ ତାହାକୁ ସୁଧାରିବା ନିଶ୍ଚିତ କରିବା ପାଇଁ, ଏଲ୍ ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟର ମିଠୁ ତୁଲସୀ ଚନରାଇ କ୍ୟାମ୍ପସ୍ ପକ୍ଷରୁ ଭୁବନେଶ୍ୱର ଏବଂ ଏହାର ଆଖପାଖ ସହର ଓ ଗ୍ରାମଗୁଡ଼ିକରେ ଥିବା ବିଦ୍ୟାଳୟଗୁଡ଼ିକରେ ବିଦ୍ୟାଳୟରେ ଦୃଷ୍ଟିଶକ୍ତି ପରୀକ୍ଷା ଅଭିଯାନ ଆୟୋଜନ କରାଯାଉଛି । ବର୍ତ୍ତମାନର ତଥ୍ୟ ଅନୁଯାୟୀ, ଭାରତରେ ପ୍ରତି ଦଶ ଜଣ ସ୍କୁଲ ଯାଉଥିବା ପିଲାଙ୍କ ମଧ୍ୟରୁ ପ୍ରାୟ ଦୁଇ ଜଣ ମାୟୋପିଆ (ସମୀପ ଦୃଷ୍ଟି ବା କେବଳ ପାଖ ଜିନିଷ ଦିଶୁଥିବା ଦୃଷ୍ଟିଶକ୍ତି) ସମସ୍ୟାରେ ପୀଡ଼ିତ । ଯଦି ଏହି ଧାରା ଜାରି ରହେ, ତେବେ ୨୦୫୦ ମସିହା ସୁଦ୍ଧା ପ୍ରତି ଦୁଇ ଜଣରେ ଜଣେ ପିଲା ଏହି ରୋଗରେ ପ୍ରଭାବିତ ହୋଇପାରନ୍ତି । ସାରା ବିଶ୍ୱରେ ମାୟୋପିଆ ରୋଗ ଅତି ଦ୍ରୁତ ଗତିରେ ବଢୁଥିବା ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହେଉଛି । ମୋବାଇଲ୍ ବା କମ୍ପ୍ୟୁଟର ସ୍କ୍ରିନ୍ ସାମ୍ନାରେ ଅଧିକ ସମୟ ବିତାଇବା, ବାହାରେ ଖେଳକୁଦ ବା ଶାରୀରିକ କାର୍ଯ୍ୟକଳାପ କମିଯିବା ଏବଂ ଦୀର୍ଘ ସମୟ ଧରି ପାଖ ଜିନିଷକୁ ଚାହିଁ ରହି କାମ କରିବା ଯୋଗୁଁ କମ୍ ବୟସର ପିଲାମାନେ ମାୟୋପିଆର ଶିକାର ହେଉଛନ୍ତି । ଯଦି ଏହାର ସଠିକ୍ ପରିଚାଳନା କରାନଯାଏ, ତେବେ ପରବର୍ତ୍ତୀ ସମୟରେ ଉଚ୍ଚ ମାୟୋପିଆ ଗମ୍ଭୀର ଚକ୍ଷୁ ରୋଗର ଆଶଙ୍କା ବଢ଼ାଇପାରେ । ବିଭିନ୍ନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ମାୟୋପିଆ ରୋଗରେ ପୀଡ଼ିତ ପ୍ରତି ଚାରି ଜଣ ପିଲାଙ୍କ ମଧ୍ୟରୁ ପ୍ରାୟ ତିନି ଜଣ ସେମାନଙ୍କ ପାଇଁ ଆବଶ୍ୟକ ଚଷମା ପିନ୍ଧୁନାହାନ୍ତି, ଯାହାର ମୁଖ୍ୟ କାରଣ ହେଉଛି ସେମାନଙ୍କର ଏହି ରୋଗ ବିଷୟରେ କେବେ ଚିହ୍ନଟ ହିଁ କରାଯାଇନାହିଁ । ଏ ପଦକ୍ଷେପ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ମିଠୁ ତୁଲସୀ ଚନରାଇ କ୍ୟାମ୍ପସର ପରାମର୍ଶଦାତା ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଦେବାସ୍ମିତା ମାଝୀ କହିଛନ୍ତି, ଅନେକ ପିଲା ଜାଣିପାରନ୍ତି ନାହିଁ ଯେ ସେମାନଙ୍କର ଦୃଷ୍ଟିଶକ୍ତି ଜନିତ ସମସ୍ୟା ରହିଛି । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ପିଲାମାନେ ପ୍ରାୟତଃ ବ୍ଲାକବୋର୍ଡ ପଢ଼ିବାରେ ଅସୁବିଧା ଭୋଗନ୍ତି, ବାରମ୍ବାର ମୁଣ୍ଡବିନ୍ଧା ଅନୁଭବ କରନ୍ତି କିମ୍ବା କେବଳ ସ୍ପଷ୍ଟ ଭାବରେ ଦେଖିପାରୁ ନଥିବାରୁ ପାଠପଢ଼ାରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ବିଦ୍ୟାଳୟଗୁଡ଼ିକରେ କରାଯାଉଥିବା ଦୃଷ୍ଟିଶକ୍ତି ପରୀକ୍ଷା ଏଭଳି ପିଲାମାନଙ୍କୁ ଶୀଘ୍ର ଚିହ୍ନଟ କରିବା, ସଠିକ୍ ସମୟରେ ଚିକିତ୍ସା ସୁନିଶ୍ଚିତ କରିବା ଏବଂ ପ୍ରତିକାରଯୋଗ୍ୟ ଅନ୍ଧତ୍ୱକୁ ରୋକିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବିଦ୍ୟାଳୟରେ ଦୃଷ୍ଟିଶକ୍ତି ପରୀକ୍ଷା ସହିତ, ଏଲ୍.ଭି.ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ଟିମ୍ ଶିକ୍ଷକ ଏବଂ ଅଭିଭାବକମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ଏଥିରେ ପିଲାମାନଙ୍କ ଦୃଷ୍ଟିଶକ୍ତିର ସୁରକ୍ଷା ପାଇଁ ସରଳ ତଥା ପ୍ରଭାବଶାଳୀ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରାଯାଉଛି ।

### ଷ୍ଟ୍ରିଟ୍ ଲାଇଟ ଦୁର୍ନୀତି ପଶିଲା ଭିଜିଲାନ୍ସ

ଦଶପଲ୍ଲା,(ସବ୍ୟୁ): ରାଜ୍ୟର ବିଭିନ୍ନ ପଞ୍ଚାୟତରେ ହିଇଥିବା ଷ୍ଟ୍ରିଟ ଲାଇଟ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଚାଲିଥିବା ବେଳେ ସୋମବାର ଦିନ ଭିଜିଲାନ୍ସ ଟିମ ଦଶପଲ୍ଲା ବ୍ଲକ ଘୋଳାହାଣ୍ଡି ଓ ଖମାର ସାହି ପଞ୍ଚାୟତରେ ପହଞ୍ଚି ଏହାର ତଦନ୍ତ କରିଛି । ଏହି ପଞ୍ଚାୟତ ଗୁଡିକରେ ଦୁର୍ନୀତି ହୋଇଥିବା ଭିଜିଲାନ୍ସ ବିଭାଗ ସୁରାକ ପାଇବା ପରେ ଏହାର ତଦନ୍ତ କରିଛି । ବର୍ଷା ପାଇଁ ଏହି ଦଳ ଘୁଗୁଡିପଡା ପଞ୍ଚାୟତକୁ ଯାଇପାରି ନଥିବା ବେଳେ ସମସ୍ତ ପଞ୍ଚାୟତ ରେ ଭିଜିଲାନ୍ସ ତଦନ୍ତ ହେବ ବୋଲି ଜଣାପଡିଛି ।

## ଭୁବନେଶ୍ୱର ବ୍ଲକରେ ମିଳିତ ଜନଶୁଣାଣି

ଭୁବନେଶ୍ୱର (ସବ୍ୟୁ) : ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି



ମିଳିତ ଜଣାଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ସୋମବାର ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଉପରେ ଶୁଣାଣି କରାଯାଇଛି । ଏଥିରେ ଦାଖଲ ହୋଇଥିବା ୩୫ଟି ଅଭିଯୋଗ ମଧ୍ୟରୁ ୨୫ଟି ବ୍ୟକ୍ତିଗତ ଥିବାବେଳେ ୧୦ଟି ଅଭିଯୋଗ ସାମୂହିକ ରହିଥିଲା । ଏଥମଧ୍ୟରୁ ୫ଟି ଅଭିଯୋଗକୁ ତତ୍କାଳ ସମାଧାନ କରାଯାଇଥିଲା । ଏତଦବ୍ୟତୀତ ସମସ୍ତ ଅଭିଯୋଗ ଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣମାନଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀ ମାନେ ଗୁରୁତ୍ୱାରୋପ କରିଥିଲେ । ଆଜିର ମିଳିତ ଜନଶୁଣାଣି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୁପମା ସାହୁ, ତହସିଲଦାର ଜୟନ୍ତ କୁମାର ଜୟସିଂହ, ବିଡ଼ିଓ ଦେବୀ ପ୍ରସାଦ ମହାନ୍ତି,ଅନ୍ୟ ବରିଷ୍ଠ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୫ନଂ ୱାର୍ଡରେ ବିଧାୟିକା ସୋଫିଆଙ୍କ ଜନ ସଂପର୍କ ପଦଯାତ୍ରା

କଟକ, (ସ୍ୱପ୍ର) : କଟକ ମହାନଗର ନିଗମ ଅଞ୍ଚଳର ୱାର୍ଡ ନଂ-୨୫ରେ ବିଧାୟିକା ସୋଫିଆ ଫିର୍ଦୋଷ ଦୁଇ ଦିନ ଧରି ଜନ ସଂପର୍କ ପଦଯାତ୍ରା କରିଛନ୍ତି । ଏହି ପଦଯାତ୍ରା ସମୟରେ ବିଧାୟିକା ୱାର୍ଡର ବିଭିନ୍ନ ସାହି ପରିକ୍ରମା କରିବା ସହ ସ୍ଥାନୀୟ ମୁରବି, ଯୁବକ ଓ ମହିଳାମାନଙ୍କୁ ସାକ୍ଷାତ କରି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପଦଯାତ୍ରା ସମୟରେ ଅଞ୍ଚଳବାସୀ ବିଧାୟିକାଙ୍କ ନିକଟରେ ନିଜ ନିଜ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ଉପସ୍ଥାପନ କରିଥିଲେ । ବିଶେଷ କରି ୱାର୍ଡର ରାସ୍ତାଘାଟର ଶୋଚନୀୟ ଅବସ୍ଥା, ଅସନ୍ତୋଷଜନକ ପରିମଳ ବ୍ୟବସ୍ଥା ଏବଂ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ନେଇ ଲୋକେ ବହୁ ଅଭିଯୋଗ କରିଥିଲେ । ଜନସାଧାରଣଙ୍କ ଏହି ସବୁ ସମସ୍ୟାଗୁଡ଼ିକୁ ବେଶ୍ ଗମ୍ଭୀରତାର ସହ ଶୁଣିବା ପରେ ବିଧାୟିକା



ଶ୍ରୀମତୀ ଫିର୍ଦୋଷ ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ସେ ୱାର୍ଡରେ ବିଧାୟକ ଉନ୍ନୟନ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ମଧ୍ୟ ସମୀକ୍ଷା କରିବା ସହ ବୁଲି ଦେଖିଥିଲେ । ଏହି ପଦଯାତ୍ରାରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ସହିତ ଅଞ୍ଚଳବାସୀ ମଧ୍ୟ ବହୁ ସଂଖ୍ୟାରେ ଏହି ପଦଯାତ୍ରାରେ ବିଧାୟିକାଙ୍କ ସହିତ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଦଯାତ୍ରା କମିଟି ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ଶରତ ଚନ୍ଦ୍ର ଶେଠୀ, ସଦାବ ସଲାମ, ଇସରତ ଜାହାନ, ସନ୍ତୋଷ ପାତ୍ର, କର୍ନଲ ସତାର, ରାକେଶ ମହାରଣା, ମହେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

### ସର୍ଜିକାଲ ରୋବୋଟିକ୍ସ କ୍ଷେତ୍ରରେ ଭାରତର ଗୌରବ

ଭୁବନେଶ୍ୱର (ସବ୍ୟୁ) : ଭାରତର ମେଡିକାଲ ଟେକ୍‌ନୋଲୋଜି (ମେଡଟେକ୍) କ୍ଷେତ୍ର ପାଇଁ ଏକ ଐତିହାସିକ ସଫଳତା ସ୍ୱରୂପ ଏସଏସ୍ ଇନୋଭେସନସ୍ ଇଣ୍ଟରନ୍ୟାସନାଲକୁ ସର୍ଜିକାଲ ରୋବୋଟିକ୍ସ ଟେକ୍‌ନୋଲୋଜି (ଏସଆରଟି) ଇଣ୍ଡଷ୍ଟ୍ରି ଆୱାର୍ଡ ୨୦୨୬ରେ 'ଆଉଟଷ୍ଟାଣ୍ଡିଂ କମ୍ପାନୀ' ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ସମ୍ମାନ ପାଇଥିବା ଏହା ଭାରତର ପ୍ରଥମ କମ୍ପାନୀ । ଏହି ସଫଳତା ଆହୁରି ବିଶେଷ, କାରଣ ସର୍ଜିକାଲ ରୋବୋଟିକ୍ସ ମେଡିକାଲ ଟେକ୍‌ନୋଲୋଜି କ୍ଷେତ୍ରର ବିଶ୍ୱପ୍ରସିଦ୍ଧ କମ୍ପାନୀଗୁଡିକ – ଇନଟ୍ୟୁସିଭ, ମେଡଟ୍ରୋନିକ, ଜନ୍‌ସନ ଆଣ୍ଡ ଜନ୍‌ସନ ମେଡଟେକ୍, ଡିଷ୍ଟାଲମୋସନ, ମେରିଲ, ମାଇକ୍ରୋପୋର୍ଟ, ଥିଙ୍କ ସର୍ଜିକାଲ, ଫୁଟେକ୍ ଏବଂ ପ୍ରିସିସନ ଆଇଓ ଗ୍ରୁପ୍- ମଧ୍ୟରୁ ଏହି କମ୍ପାନୀ ବଛାଯାଇଛି । ଏହି ସମ୍ମାନ ବିଶ୍ୱ ସର୍ଜିକାଲ ରୋବୋଟିକ୍ସ ଶିଳ୍ପରେ ଏସଏସ୍‌ଇ ନୋଭେସନସ୍ ଇଣ୍ଟରନ୍ୟାସନାଲର ଦୃଢ ଏବଂ ଅଗ୍ରଣୀ ସ୍ଥାନକୁ ଆହୁରି ସୁଦୃଢ କରିଛି । ଚତୁର୍ଥ ସଂସ୍କରଣରେ ପ୍ରବେଶ କରିଥିବା ସର୍ଜିକାଲ ରୋବୋଟିକ୍ସ ଟେକ୍‌ନୋଲୋଜି (ଏସଆରଟି) ଇଣ୍ଡଷ୍ଟ୍ରି ଆୱାର୍ଡସ୍‌କୁ ସର୍ଜିକାଲ ରୋବୋଟିକ୍ସ କ୍ଷେତ୍ରର ସବୁଠାରୁ ସମ୍ମାନଜନକ ବିଶ୍ୱସ୍ତରୀୟ ପୁରସ୍କାରମାନଙ୍କ ମଧ୍ୟରୁ ଗଣାଯାଏ । ଏହି ପୁରସ୍କାରଗୁଡିକ ସର୍ଜିକାଲ ରୋବୋଟିକ୍ସ ଟେକ୍‌ନୋଲୋଜି (ଏସଆରଟି) ଦ୍ୱାରା କ୍ୟୁଏନଏକ୍ସର ସହଯୋଗରେ ଆୟୋଜନ କରାଯାଏ ।

### ହାଇଟେକ୍ ମେଡିକାଲ୍ ସମ୍ମୁଖରେ ବିଏମ୍‌ସିର ଡମ୍ପିଂୟାର୍ଡ

## ମେଡିକାଲ ଛାତ୍ରଛାତ୍ରୀ, କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ପ୍ରବଳ ବିରୋଧ

ଭୁବନେଶ୍ୱର (ସବ୍ୟୁ): ପାଣ୍ଡରାରେ ଥିବା ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲର ସମ୍ମୁଖରେ ବିଏମ୍‌ସିର ଡମ୍ପିଂୟାର୍ଡ । ଶହଶହ ଟ୍ରକ୍ ଆବର୍ଜନା ମେଡିକାଲ୍ ସମ୍ମୁଖରେ ପ୍ରତିଦିନ ଗଦାକରୁଛି ବିଏମ୍‌ସି, ଫଳରେ ପାଣ୍ଡରା ଗାଁ ସମେତ ସ୍ଥାନୀୟ ଆପାର୍ଟମେଣ୍ଟରେ ରହୁଥିବା ଲୋକମାନଙ୍କ ଅବସ୍ଥା ଖରାପ ହୋଇପଡିଛି । ସ୍ଥାନୀୟ ଲୋକଙ୍କ କହିବା ହେଲା, ବିଏମ୍‌ସି ମେଡିକାଲ୍ ଓ ଲୋକମାନେ ରହୁଥିବା ଅଞ୍ଚଳ ସଫା ରଖିବା କଥା, ହେଲେ ଏଠାରେ ଓଲଟା କରୁଛି । ବିଏମ୍‌ସି କର୍ତ୍ତୃପକ୍ଷ ଏ ସଂପର୍କରେ ଅବଗତ ଅଛନ୍ତି କି ନାହିଁ ବୋଲି ସ୍ଥାନୀୟ ଲୋକମାନେ ପ୍ରଶ୍ନ କରିଛନ୍ତି, ପାଣ୍ଡରା ସମେତ ମେଡିକାଲ୍‌ର ୱାର୍ଡ, ଅଫିସ ଓ ସ୍ଥାନୀୟ ଅଞ୍ଚଳ ପୁତିମୟ ଗନ୍ଧରେ ଫାଟି ପଡୁଛି ଓ ରାସ୍ତା କଡରେ ଗଦାହୋଇଥିବା ଆବର୍ଜନା ଯୋଗୁ ଯାତାୟତ ବାଧାପ୍ରାପ୍ତ ହେଉଛି । ଏ ସଂପର୍କରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି କହିଛନ୍ତି ସ୍ଥାନୀୟ ବୁଦ୍ଧିଜୀବି । ଫଳରେ ଆଜି ଶତାଧିକ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବି, ଛାତ୍ରଛାତ୍ରୀ ଓ କର୍ମଚାରୀ ହାତରେ ପ୍ଲା-କାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଓ ଭୁବନେଶ୍ୱର ମହାନଗର ନିଗମ ଏଠାରେ



ଡମ୍ପିଂୟାର୍ଡ ନକରିବାକୁ ଦାବି କରିବା ସହ, ଏହା ଡାକ୍ତରଖାନାକୁ ଆସୁଥିବା ହଜାର ହଜାର ରୋଗୀ,ସେମାନଙ୍କ ପରିଜନ, ଡାକ୍ତରୀ ଛାତ୍ରୀଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ଦୁର୍ବିସହ ହୋଇପଡିଛି ଓ ତୁରନ୍ତ ଏଠାରୁ ଆବର୍ଜନା ହଟାଇବା ସହ ଏ ସ୍ଥାନକୁ ପରିଷ୍କାର କରିବା ସହ ଏ ଅଞ୍ଚଳରେ କିପରି ସୁସ୍ଥ ପରିବେଶ ସୃଷ୍ଟି କରାଯାଇପାରିବ ସେ ନେଇ ଉଦ୍ୟମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ଓ ଏହି ଡମ୍ପିଂୟାର୍ଡ ସମସ୍ୟା ସଂପର୍କରେ ବିଏମ୍‌ସି କମିଶନର ଓ ମେୟରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, ସମସ୍ୟାର ତୁରନ୍ତ ସମାଧାନ ନକଲେ, ଆସନ୍ତାଦିନରେ ହଜାର ହଜାର ସ୍ଥାନୀୟ ବାସିନ୍ଦା ଓ ବିଦ୍ୟାର୍ଥୀ ମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ତ୍ରିଦିବସୀୟ ଗସ୍ତ ଶେଷ

# ସେସେଲ୍ସ ସହ ୧୯ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତ୍ରିଦିବସୀୟ ସେସେଲ୍ସ ଗସ୍ତ ଶେଷ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ସୋମବାର ସେସେଲ୍ସ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି, ଏକ ନିରାପଦ ଓ ସମୃଦ୍ଧ ଭାରତ ମହାସାଗର କ୍ଷେତ୍ର ପାଇଁ ସହଭାଗୀ ଦୃଷ୍ଟିକୋଣକୁ ଆଗକୁ ବଢାଇବା ଉପରେ ବିସ୍ତୃତ ଆଲୋଚନା କରିବା ପରେ ତିନି ଦିନିଆ ଗସ୍ତ ଶେଷ କରିଛନ୍ତି ।ଭାରତ ଓ ସେସେଲ୍ସ ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା, ଡିଜିଟାଲ ପେମେଣ୍ଟ, ମହାକାଶ, ସ୍ୱାସ୍ଥ୍ୟସେବା, କୃଷି ଓ ଶିକ୍ଷା



କ୍ଷେତ୍ରରେ ୧୯ଟି ଚୁକ୍ତି କରିଥିଲେ । ମୋଦୀ ଏହି ଗସ୍ତରେ ସେସେଲ୍ସର ଜାତୀୟ ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଗତକାଲି ସେସେଲ୍ସର ଜାତୀୟ ଦିବସ ପାଳନ ଅବସରରେ ଆସାମ ରେଜିମେଣ୍ଟ ଓ ଭାରତୀୟ ନୌସେନାର ଦଳ ଅଂଶଗ୍ରହଣ କରିଥିଲେ । ମୋଦୀ ସେସେଲ୍ସର ସଂସଦକୁ ସମ୍ବୋଧିତ କରିଥିଲେ । ମୋଦୀଙ୍କୁ ସେସେଲ୍ସର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ 'ଗାର୍ଡିଆନ୍ ଅଫ ଦ ବ୍ଲୁ ହରାଇଜନ' ପ୍ରଦାନ କରାଯାଇଥିଲା । ମୋଦୀଙ୍କୁ ବିମାନବନ୍ଦରରେ ସେସେଲ୍ସ ଉପରାଷ୍ଟ୍ରପତି ସେବାଷ୍ଟିଆନ୍ ପିଲ୍ଲେ ଓ ଭାରତୀୟ ସମୁଦାୟ ପକ୍ଷରୁ ବିଦାୟ ଦିଆଯାଇଥିଲା । ପ୍ରତ୍ୟାବର୍ତ୍ତନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ'ରେ ଏକ ପୋଷ୍ଟ କରି ତାଙ୍କ ଗସ୍ତ ଭାରତ-ସେସେଲ୍ସ ସମ୍ପର୍କକୁ ଅଧିକ ସମୃଦ୍ଧ କରିଛି ଲେଖିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଯେ, ଭାରତ-ସେସେଲ୍ସର ଗତ ୫୦ ବର୍ଷର ସମ୍ପର୍କ ଗଭୀର ବିଶ୍ୱାସ ଓ ସହଭାଗୀ ପ୍ରଗତି ଦ୍ୱାରା ଚିହ୍ନିତ ହୋଇଛି । ଆଗାମୀ ପଚାଶ ବର୍ଷ ନବସୃଜନ, ସ୍ଥିରତା ଓ ସହଭାଗୀ ସମୃଦ୍ଧି ଦ୍ୱାରା ପରିଭାଷିତ ହେବ । ମୋଦୀ ଶନିବାର ସେସେଲ୍ସ ଗସ୍ତରେ ଯାଇଥିଲେ । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ଗସ୍ତକୁ ଭାରତ-ସେସେଲ୍ସ ସମ୍ପର୍କରେ ମାଇଲଖୁଣ୍ଟ ବୋଲି କହିଛନ୍ତି ।

## ସିବିଏସଇର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ଦଶମ ଛାତ୍ରଛାତ୍ରୀ ତୃତୀୟ ଭାଷାରେ ଦେବେନି ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ : ସିବିଏସଇର ୩-ଭାଷା ନୀତି ବିଷୟରେ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କର ଅନେକ ପ୍ରଶ୍ନ ଏବଂ ଚିନ୍ତା ଥିଲା । ସିବିଏସଇ ଏବେ ଏହାର ସମାଧାନ କରିଛି । ବୋର୍ଡ କହିଛି ଯେ ୭ମ, ୮ମ, ୯ମ ଏବଂ ବର୍ତ୍ତମାନର ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ କୌଣସି ବଡ଼ ପରିବର୍ତ୍ତନ କରାଯିବ ନାହିଁ । ବୋର୍ଡ ନୂତନ ଭାଷା ନୀତି ସମ୍ପର୍କରେ ବିସ୍ତୃତ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରିଛି । ବୋର୍ଡ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁସାରେ, ନୂତନ ଭାଷା ନୀତି ବର୍ତ୍ତମାନର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ । ଏହାର ଅର୍ଥ ହେଉଛି ଚଳିତ ବର୍ଷ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନଙ୍କୁ କୌଣସି ପରିବର୍ତ୍ତନ କିମ୍ବା ଅତିରିକ୍ତ ବିଷୟ ବିଷୟରେ ଚିନ୍ତା କରିବାକୁ ପଡ଼ିବ ନାହିଁ । ବୋର୍ଡ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ୭ମ, ୮ମ ଏବଂ ୯ମ ଶ୍ରେଣୀର ଛାତ୍ରଛାତ୍ରୀ ଯେଉଁମାନେ ପୂର୍ବରୁ ଦୁଇଟି ବିଦେଶୀ ଭାଷା ବାଛି ସାରିଛନ୍ତି, ସେମାନେ ସେହି ଭାଷାଗୁଡ଼ିକ ସହିତ ପାଠପଢ଼ା ଜାରି ରଖିପାରିବେ । ତେବେ ସେମାନଙ୍କୁ ସେମାନଙ୍କ ସହିତ ଏକ ଭାରତୀୟ ଭାଷା ଅଧ୍ୟୟନ କରିବାକୁ ପଡିବ । ସିବିଏସଇ କହିଛି ଯେ, ନୂତନ ଭାଷା ନୀତି ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ । ଏହା ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ହଠାତ୍ କୌଣସି ବାଧା ସୃଷ୍ଟି କରିବ ନାହିଁ । ଏହାକୁ ସୁନିଶ୍ଚିତ କରିବା ପାଇଁ ସେମାନଙ୍କ ଶ୍ରେଣୀ ସ୍ତର ଅନୁସାରେ ଏକ ସମୟସୀମା ମଧ୍ୟରେ ଆବଶ୍ୟକୀୟ ଅଧ୍ୟୟନ ସାମଗ୍ରୀ ଯୋଗାଇ ଦିଆଯିବ । ଦଶମ ଶ୍ରେଣୀର ୨୦୨୬-୨୭ ବର୍ଷ ପାଇଁ କୌଣସି ପରିବର୍ତ୍ତନ ହେବ ନାହିଁ । ଛାତ୍ରଛାତ୍ରୀମାନେ ପୂର୍ବ ପରି କେବଳ ଦୁଇଟି ଭାଷା ପଢ଼ିବେ । ସେମାନଙ୍କୁ ତୃତୀୟ ଭାଷା ନେବାକୁ ପଡ଼ିବ ନାହିଁ । ନବମ ଶ୍ରେଣୀର ୨୦୨୬-୨୭ ବର୍ଷ ପାଇଁ ଛାତ୍ରଛାତ୍ରୀମାନଙ୍କୁ ତିନୋଟି ଭାଷା ପଢ଼ିବାକୁ ପଡିବ । ତିନୋଟି ମଧ୍ୟରୁ ଅତି କମରେ ଦୁଇଟି ଭାରତୀୟ ଭାଷା ହେବା ଆବଶ୍ୟକ । ଯଦି ଜଣେ ଛାତ୍ର ପୂର୍ବରୁ ଦୁଇଟି ଭାରତୀୟ ଭାଷା, ଯେପରିକି ହିନ୍ଦୀ ଏବଂ ତାମିଲ, ଅଧ୍ୟୟନ କରିସାରିଛନ୍ତି, ତେବେ ସେ ଅନ୍ୟ ଏକ ଭାରତୀୟ ଭାଷା କିମ୍ବା ଇଂରାଜୀ କିମ୍ବା ଫରାସୀ ଭଳି ଏକ ବିଦେଶୀ ଭାଷାକୁ ତୃତୀୟ ଭାଷା ଭାବରେ ବାଛିପାରିବେ ।

# ଆଖିବୁଜା ଗୁଳିମାଡ଼ରେ ୫ ମୃତ : ଦୁଇ ସନ୍ଦିଗ୍ଧ ଗିରଫ

ଟୋକିଓ : ଉତ୍ତର ଜର୍ମାନୀର ଷ୍ଟାଡେରେ ଆଖିବୁଜା ଗୁଳି ମାଡ଼ରେ ୫ ଜଣ ପ୍ରାଣ ହରାଇଥିବେ ବେଳେ ଅନେକ ଆହତ ହୋଇଛନ୍ତି । ସୁରକ୍ଷାକର୍ମୀ ତୁରନ୍ତ ଗୁଳିମାଡ଼ ଘଟଣାର ମୁକାବିଲା କରି ଜଣେ ବନ୍ଧୁକଧାରୀ ଓ ତା' ସହଯୋଗୀକୁ ଗିରଫ କରିଛନ୍ତି । ପୁଲିସର କହିବା କଥା ଯେ ଗୋଟିଏ ଯୁବ କଲ୍ୟାଣ କେନ୍ଦ୍ର ନିକଟରେ ଆଖିବୁଜା ଗୁଳି ମାଡ଼ ହୋଇଛି । ଅନୁଷ୍ଠାନ ବାହାରେ ଜଣେ ବନ୍ଧୁକଧାରୀ ନିଜ ସହଯୋଗୀଙ୍କ ସହ ପହଞ୍ଚିବା ପରେ ଗୁଳିମାଡ଼ କରିଥିଲେ । ଗୁଳିମାଡ଼ ଯୋଗୁ ଘଟଣା ସ୍ଥଳରେ ହିଁ ୫ ଜଣ ପ୍ରାଣ ହରାଇଥିଲେ । ଗୁଳିମାଡ଼ର ଖବର ପାଇ ସୁରକ୍ଷାକର୍ମୀମାନେ ପୂରା ଅଞ୍ଚଳକୁ କର୍ଡନ କରିଥିଲେ । ଦୁଇ ସନ୍ଦିଗ୍ଧଙ୍କୁ ସେମାନେ ଗିରଫ କରିବା ସହ ମୃତାହତଙ୍କୁ ହସ୍ପିଟାଲ ନେଇଛନ୍ତି ।ଏବେ ବି ସ୍ଥାନୀୟ ଅଞ୍ଚଳରେ ଅପରେସନ ଜାରି ରହିଛି । ଲୋକମାନଙ୍କୁ ନିଜର ସୁରକ୍ଷା ପାଇଁ ଘଟଣା ସ୍ଥଳରୁ ଦୂରେଇ ରହିବାକୁ ପୁଲିସ୍ ପରାମର୍ଶ ଦେଇଛି । ଜଣେ ପୁଲିସ୍ ଅଧିକାରୀ କହିଛନ୍ତି, "ଗୋଟିଏ ଯୁବ କଲ୍ୟାଣ କେନ୍ଦ୍ର ନିକଟରେ ନରସଂହାର ହୋଇଛି । ଏଠାରେ ହୋଇଥିବା ଗୁଳିମାଡ଼ରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି । ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।"ଷ୍ଟାଡେ ସହରଟି ହାମ୍ବର୍ଗର ପଶ୍ଚିମ ଦିଗରେ ଅବସ୍ଥିତ ଓ ଏହାର ଜନସଂଖ୍ୟା ପ୍ରାୟ ୫୦ ହଜାର । ଆମେରିକା ତୁଳନାରେ ଜର୍ମାନୀରେ ବନ୍ଧୁକ ଆଇନ ଅଧିକ କଠୋର ଥିବାରୁ ସେଠାରେ ମାସ ଶୁଟିଂ ଅପେକ୍ଷାକୃତ କମ୍ । ବନ୍ଧୁକ ଲାଇସେନ୍ସ ପାଇଁ ଆବେଦନ କରିବା ପୂର୍ବରୁ ୨୫ ବର୍ଷରୁ କମ୍ ବୟସ୍କଙ୍କୁ ପ୍ରଥମେ ମନୋବୈଜ୍ଞାନିକ ପରୀକ୍ଷାରେ ପାସ୍ କରିବା ଜରୁରୀ । ଜର୍ମାନୀର ସାମ୍ପ୍ରତିକ ବଡ଼ ଗୁଳିକାଣ୍ଡ ଘଟଣାମାନଙ୍କ ମଧ୍ୟରୁ ୨୦୨୩ ମାର୍ଚ୍ଚରେ ହାମ୍ବର୍ଗରେ ଘଟିଥିବା ଆକ୍ରମଣ ଅନ୍ୟତମ । ସେତେବେଳେ Jehovah's Witnesses ଧର୍ମଗୋଷ୍ଠୀର ଜଣେ ପୂର୍ବତନ ସଦସ୍ୟ ସେହି ଧର୍ମୀୟ ସମ୍ପ୍ରଦାୟର ପ୍ରାର୍ଥନା ସଭାରେ ଗୁଳି ଚଳାଇ ୬ ଜଣଙ୍କୁ ହତ୍ୟା କରିଥିଲେ । ପରେ ସେ ନିଜକୁ ମଧ୍ୟ ଗୁଳି କରି ଦେଇଥିଲେ । ଏବେ ବି ପୁଣି ମାସ ଶୁଟିଂରେ ୫ ଜଣଙ୍କ ମୃତ୍ୟୁ ହୋଇଛି ।

## ଖେମିନିଙ୍କ ଅନ୍ତିମ ସଂସ୍କାର

# ଭାରତରୁ ପ୍ରତିନିଧିତ୍ୱ କରିବେ ବିହାର ରାଜ୍ୟପାଳ ଓ ବିଦେଶ ରାଷ୍ଟ୍ରମନ୍ତ୍ରୀ

ନୂଆଦିଲ୍ଲୀ : ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ଅନ୍ତିମ ସଂସ୍କାରରେ ଭାରତ ଯୋଗ ଦେବ । ଇରାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନ୍ୟୁଜ ଏଜେନ୍ସି ଏଏନଆଇର ରିପୋର୍ଟରେ କହିଛି ଯେ, ଭାରତ ପକ୍ଷରୁ ବିହାର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ସୟେଦ ଅତା ହସନେନ ଓ ବିଦେଶ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏହି ହାଇପ୍ରୋଫାଇଲ ଅନ୍ତିମ ସଂସ୍କାରରେ ସାମିଲ ହେବାକୁ ଇରାନ ଯିବେ । ଏହାପୂର୍ବରୁ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ସାମିଲ ହେବାକୁ ନିମନ୍ତ୍ରଣ କରିଥିଲେ । ଫେବ୍ରୁଆରି ୨୮ ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଖେମିନିଙ୍କର ମୃତ୍ୟୁ ହୋଇଥିଲା । ଯୁଦ୍ଧ ଚାଲିଥିବାରୁ ଖେମିନିଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମ କରାଯାଇ ନଥିଲା । ଏବେ ଆମେରିକା ଓ ଇରାନ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବାବେଳେ ଆସନ୍ତା



ଜୁଲାଇ ୪ ତାରିଖରୁ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଖେମିନିଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମ ଚାଲିବ । ଏହି ଅବସରରେ ଇରାନରେ ଏକ ଭବ୍ୟ ସମାରୋହର ଆୟୋଜନ କରାଯିବ । ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ପ୍ରତିନିଧି ଅଂଶଗ୍ରହଣ କରିବେ । ପ୍ରଧାନମନ୍ତ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି କୂଟନୈତିକ ସ୍ତରରେ ଆକଳନ କରାଯାଉଥିଲା । କିନ୍ତୁ ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗୁରୁତ୍ୱପୂର୍ଣ୍ଣ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ରହିଛି । ଭାରତ ସରକାରଙ୍କ ପକ୍ଷରୁ ବହୁ ବିଚାର ପରେ ଏହି ପ୍ରତିନିଧି ଦଳର ଚୟନ କରାଯାଇଛି । ବିହାର ରାଜ୍ୟପାଳ ହସନେନ ଭାରତୀୟ ସେନାର ଜଣେ ସମ୍ମାନିତ ପୂର୍ବତନ ଅଧିକାରୀ । ପଶ୍ଚିମ ଏସିଆ ପ୍ରସଙ୍ଗ ଓ ଆତଙ୍କବାଦୀ ବିରୋଧୀ ରାଜନୀତିର ତାଙ୍କର ଦୀର୍ଘ ଓ ଗଭୀର ଅଭିଜ୍ଞତା ରହିଛି । ହସନେନଙ୍କୁ ଏହି ପ୍ରତିନିଧି ଦଳରେ ସାମିଲ କରିବା ଭାରତର ରଣନୈତିକ ଗମ୍ଭୀରତାକୁ ଦର୍ଶାଉଛି । ବିଦେଶ ରାଷ୍ଟ୍ରମନ୍ତ୍ରୀ ମାର୍ଗେରିଟାଙ୍କ ଚୟନ ଭାରତର କୂଟନୈତିକ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି । ଇରାନ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଖେମେନିଙ୍କ ଶରୀର ତେହେରାନର ଗ୍ରାଣ୍ଡ ମୋସାଲା କମ୍ପ୍ଲେକ୍ସରେ ଜୁଲାଇ ୪ ଓ ୫ରେ ଶେଷ ଦର୍ଶନ ପାଇଁ ରଖାଯିବ । ପୂର୍ବତନ ସର୍ବୋଚ୍ଚ ନେତାଙ୍କୁ ଜନସାଧାରଣ ସେମାନଙ୍କର ଶେଷ ସମ୍ମାନ ଜଣାଇପାରିବେ । ଜୁଲାଇ ୬ ତାରିଖରେ ଏକ ବିଶାଳ ଶୋଭାଯାତ୍ରା କାର୍ଯ୍ୟକ୍ରମ ରହିଛି ।

# ଦିଲ୍ଲୀରେ ଇଲେକ୍ଟ୍ରିକ୍ ଯାନ ନୀତି-୨୦୨୬

## ଜୁଲାଇ ୧ ରୁ ହେବ କାର୍ଯ୍ୟକାରୀ

ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ନୂତନ ଇଲେକ୍ଟ୍ରିକ୍ ଯାନ(ଇଭି) ନୀତି-୨୦୨୬ ଲାଗୁ ହୋଇଛି । ଏହା ୧ ଜୁଲାଇ ରୁ କାର୍ଯ୍ୟକାରୀ ହେବ । ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ଇଭି ନୀତିକୁ କ୍ୟାବିନେଟ ଦ୍ୱାରା ଅନୁମୋଦନ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ନୀତି ୩୧ ମାର୍ଚ୍ଚ ୨୦୩୦ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀ ଦେଶର ଏକମାତ୍ର ରାଜ୍ୟ ଯାହା ବୈଦ୍ୟୁତିକ ଯାନବାହନ ଉପରେ ସର୍ବାଧିକ ସବସିଡି ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରୁଛି । ଇଭି ନୀତିରେ ଦୁଇ ଚକିଆ, ତିନି ଚକିଆ, ଚାରି ଚକିଆ ଏବଂ ଗ୍ରାମୀଣ ସେବାକୁ ପ୍ରଭୃତିକୁ ସାମିଲ କରାଯାଇଛି । ଇଭି ନୀତିରେ ପ୍ରଦୂଷଣ ହ୍ରାସ ଉପରେ ଗୁରୁତ୍ୱାରୋପ କରାଯାଇଛି । ଇଭି ନୀତି ବିଷୟରେ ସୂଚନା ଦେଇ ପରିବହନ କମିସନର ନିହାରିକା ରାୟ କହିଛନ୍ତି ଯେ ୨୦୧୮ ମସିହାରେ ଦିଲ୍ଲୀ ପ୍ରଦୂଷଣ ଉପରେ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ପ୍ରଦୂଷଣର ୩୩% ବାଣିଜ୍ୟିକ ଯାନ ଏବଂ ୬୭% ଦୁଇ ଚକିଆ ଏବଂ ତିନି ଚକିଆ ଯାନ ଯୋଗୁଁ ହେଉଛି ।ଇଭି ନୀତି ପାଇଁ ଚାର୍ଜିଂ ଭିତ୍ତିଭୂମିକୁ ବଡ଼ ପରିମାଣରେ ବିକଶିତ କରାଯିବ । ପ୍ରଥମ ପର୍ଯ୍ୟାୟରେ, ମୁଖ୍ୟ ରାସ୍ତାରେ ଚାର୍ଜିଂ ଭିତ୍ତିଭୂମି ବିକଶିତ କରାଯିବ । ବ୍ୟକ୍ତିଗତ ଚାର୍ଜିଂ ଭିତ୍ତିଭୂମି ବିକାଶ କରିବା ପାଇଁ ବ୍ୟକ୍ତିବିଶେଷଙ୍କୁ ସକ୍ଷମ କରିବା ପାଇଁ ଡିସକମ୍ସକୁ କାର୍ଯ୍ୟ କରିବାକୁ କୁହାଯାଇଛି । ସବସିଡି ପାଉଥିବା ଇଭି ଗୁଡ଼ିକୁ ତିନି ବର୍ଷ ପାଇଁ ଅନ୍ୟ ରାଜ୍ୟରେ ପଞ୍ଜିକୃତ କରାଯାଇପାରିବ ନାହିଁ ।ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା କହିଛନ୍ତି, ଏହି ନୀତି ଦିଲ୍ଲୀରେ ପ୍ରଦୂଷଣ ହ୍ରାସ କରିବାରେ ବହୁତ ସହାୟକ ହେବ । ଏହି ନୀତିରେ ଦୁଇ ଚକିଆ, ତିନି ଚକିଆ ଏବଂ ଛୋଟ ବାଣିଜ୍ୟିକ ଯାନଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରାଯାଇଛି । ଦିଲ୍ଲୀ ଗୃହ ଏବଂ ଶକ୍ତି ମନ୍ତ୍ରୀ ଆଶିଷ ସୁଦ କହିଛନ୍ତି ଯେ ନୂତନ ଇଭି ନୀତିରେ ପ୍ରତ୍ୟେକ ପ୍ରସଙ୍ଗକୁ ଗମ୍ଭୀରତାର ସହ କାର୍ଯ୍ୟ କରିବା ପାଇଁ ଦେଶର ଶ୍ରେଷ୍ଠ ବିଶେଷଜ୍ଞମାନଙ୍କଠାରୁ ମତାମତ ନିଆଯାଇଛି ।

# ପେଟ୍ରୋଲ, ଡିଜେଲ ବିକ୍ରି ଉପରେ ଅସ୍ଥାୟୀ କଟକଣା ଉଠିଲା

ନୂଆଦିଲ୍ଲୀ : କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ କ୍ଷେତ୍ରର ତୈଳ ବିପଣନ କମ୍ପାନୀଗୁଡ଼ିକର ଖୁଚୁରା ଦୋକାନ ମାଧ୍ୟମରେ ମୋଟର ସ୍ପିରିଟ୍ (ଏମଏସ) ଏବଂ ହାଇ ସ୍ପିଡ୍ ଡିଜେଲ(ଏଚଏସଡି)ର ବିକ୍ରୟ ଏବଂ ବଣ୍ଟନକୁ ନିୟନ୍ତ୍ରଣ କରୁଥିବା ଅସ୍ଥାୟୀ ନିୟାମକ ପଦକ୍ଷେପଗୁଡ଼ିକୁ ପ୍ରତ୍ୟାହାର କରିଛନ୍ତି ।୧ ଜୁଲାଇ ୨୦୨୬ ଠାରୁ ଏହା ଲାଗୁ ହେବ ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ସୂଚନା ଦେଇଛି । ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ସୃଷ୍ଟି ହୋଇଥିବା ବାଧା ମଧ୍ୟରେସରକାର ଖୁଚୁରା ପେଟ୍ରୋଲ ଓ ଡିଜେଲ ମୂଲ୍ୟକୁ ସ୍ଥିର ରଖି ଅନ୍ତର୍ଜାତୀୟ ଇନ୍ଧନ ମୂଲ୍ୟରେ ତୀବ୍ର ବୃଦ୍ଧିରୁ ଖୁଚୁରା ଗ୍ରାହକମାନଙ୍କୁ ସୁରକ୍ଷା ଦେବା ଜାରି ରଖିଛନ୍ତି ।ଫଳସ୍ୱରୂପ, ଖୁଚୁରା ଇନ୍ଧନ ମୂଲ୍ୟ ଏବଂ ପାଇକାରୀ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ମୂଲ୍ୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଦେଖାଦେଲା । ଫଳସ୍ୱରୂପ, କିଛି ଶିଳ୍ପ, ବାଣିଜ୍ୟିକ ଏବଂ ସଂସ୍ଥାଗତ ଗ୍ରାହକ ଖୁଚୁରା ଦୋକାନରୁ ଇନ୍ଧନ କିଣିବା ଆରମ୍ଭ କରିଥିଲେ । ଏହାଦ୍ୱାରାହେରଫେର, ମହଜୁଦ ଏବଂ କଳାବଜାରୀ ସମସ୍ୟା ଦେଖା ଦେଲା ଏବଂ ଏହା ଇନ୍ଧନର ସମାନ ବଣ୍ଟନକୁ ମଧ୍ୟ ପ୍ରଭାବିତ କଲା । ଏହି ପରିସ୍ଥିତିର ମୁକାବିଲା ଲାଗି ୧୨ଜୁନ୍୨୦୨୬ରେ କାର୍ଯ୍ୟକାରୀ ହୋଇଥିବା ଅସ୍ଥାୟୀ ନିୟାମକ ପଦକ୍ଷେପ ଅନୁଯାୟୀ, ଖୁଚୁରା ଦୋକାନଗୁଡ଼ିକରେ ପ୍ରତି ଗ୍ରାହକ/ଯାନ ପାଇଁ ପ୍ରତିଦିନ ୨୦୦ ଲିଟର ହାଇ-ସ୍ପିଡ୍ ଡିଜେଲର ଏକ ଅସ୍ଥାୟୀ ସୀମା ସ୍ଥିର କରାଯାଇଥିଲା । ଶିଳ୍ପ, ପ୍ରତିଷ୍ଠାନ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ଖୁଚୁରା ଦୋକାନ ବଦଳରେ ନିର୍ଦ୍ଦିଷ୍ଟ ଉପଭୋକ୍ତା ପମ୍ପରୁ ଇନ୍ଧନ କିଣିବାକୁ ନିୟମ କରାଯାଇଥିଲା ।ଏହି ପଦକ୍ଷେପଗୁଡ଼ିକର ଉଦ୍ଦେଶ୍ୟ ଥିଲା ଖୁଚୁରା ଗ୍ରାହକଙ୍କ ପାଇଁ ପେଟ୍ରୋଲ ଓ ଡିଜେଲର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା ସହିତ ଡିଜେଲର କଳାବଜାର, ମହଜୁଦ ଏବଂ ହେରଫେରକୁ ରୋକିବା । ଦେଶରେ ପେଟ୍ରୋଲିୟମ ଉତ୍ପାଦଗୁଡ଼ିକର ଯୋଗାଣ ସ୍ଥିତି ସମୀକ୍ଷା କରିବା ପରେଜନସ୍ୱାର୍ଥ ପାଇଁ ଆଉ ଅସ୍ଥାୟୀ ନିୟାମକ ପଦକ୍ଷେପ ଆବଶ୍ୟକ ନାହିଁ ବୋଲିସରକାର ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ତେଣୁ, ୧୨ଜୁନ୍୨୦୨୬ତାରିଖର ଆଦେଶକୁ୧ଜୁଲାଇ ୨୦୨୬ଠାରୁ ପ୍ରତ୍ୟାହାର କରାଯିବ । ଏହି ଅସ୍ଥାୟୀ ପଦକ୍ଷେପଗୁଡ଼ିକ ଖୁଚୁରା ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ସହିତ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବାରେ ସାହାଯ୍ୟ କରିଥିଲା ।

## ସିସିଆଇ ଇଣ୍ଡିଆ ଭାରତ ଷ୍ଟାର୍ଟଅପ୍ସ ସମିଟି

# ବିଶ୍ୱର ସବୁଠାରୁ ଗତିଶୀଳ ଷ୍ଟାର୍ଟଅପରେ ଭାରତ

ନୂଆଦିଲ୍ଲୀ : ଷ୍ଟାର୍ଟଅପ୍ସ, ନିବେଶକ, ଇନକ୍ୟୁବେଟର ଏବଂ ତ୍ୱରକଙ୍କ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବା ପାଇଁ ସିସିଆଇ ଇଣ୍ଡିଆ ଭାରତ ଷ୍ଟାର୍ଟଅପ୍ ସମ୍ମିଟ୍ ୨୦୨୬-୨.୦ ଘୋଷଣା କରିଛି । ନବୀକରଣ, ଉଦ୍ୟୋଗୀତା ଏବଂ ନୂତନ ପିଢ଼ିର ପ୍ରତିଷ୍ଠାତାଙ୍କ ଦ୍ୱାରା ପରିଚାଳିତ ଭାରତ ବିଶ୍ୱର ସବୁଠାରୁ ଗତିଶୀଳ ଷ୍ଟାର୍ଟଅପ୍ ଇକୋସିଷ୍ଟମ



ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି ଯାହା ଜାତୀୟ ଏବଂ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ପାଇଁ ସମାଧାନ ସୃଷ୍ଟି କରୁଛି । ଷ୍ଟାର୍ଟଅପଗୁଡିକ ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତିରେ କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଚାଲିଥିବାରୁ, ଉଦ୍ୟୋଗୀ ଏବଂ ଇକୋସିଷ୍ଟମ ଅଂଶୀଦାରମାନଙ୍କ ମଧ୍ୟରେ ଦୃଢ଼ ସହଯୋଗର ଆବଶ୍ୟକତା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ଭାରତର ଉଦ୍ୟୋଗୀ ଇକୋସିଷ୍ଟମର ଅପାର ସମ୍ଭାବନାକୁ ସ୍ୱୀକାର କରି, ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ , ଏହାର ନିର୍ଦ୍ଦେଶକ ଜେନେରାଲ, ମୁନିନ୍ଦ୍ର କୁମାରଙ୍କ ନେତୃତ୍ୱରେ, ସକ୍ରିୟ ଭାବରେ ଏପରି ପ୍ଲାଟଫର୍ମ ସୃଷ୍ଟି କରିଛି ଯାହା ନବସୃଜନକୁ ପୋଷଣ କରେ ଏବଂ ଉଦୀୟମାନ ବ୍ୟବସାୟକୁ ସମର୍ଥନ କରେ ।

## ବିଶ୍ୱ ପରିସଂଖ୍ୟାନ ଦିବସ

# ପ୍ରଶାସନର ଭବିଷ୍ୟତ ତଥ୍ୟ ଚାଳିତ ନିଷ୍ପତ୍ତି ଉପରେ ନିର୍ଭରଶୀଳ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି କେ ମିଶ୍ର ସୋମବାର ବିଂଶତମ ପରିସଂଖ୍ୟାନ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି । ସମାରୋହରେ ଉଦବୋଧନ ଦେଇ ସେ ପ୍ରଫେସର ପ୍ରଶାନ୍ତଚନ୍ଦ୍ର ମହାଲନୋବିସ୍ଙ୍କୁ ତାଙ୍କ ଜନ୍ମବାର୍ଷିକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏଥିସହିତ ଭାରତ ପରିସଂଖ୍ୟାନ ବ୍ୟବସ୍ଥା ଗଠନରେ ତାଙ୍କର ପ୍ରମୁଖ ଅବଦାନକୁ ମନେ ପକାଇଛନ୍ତି । ସଚେତନ ପ୍ରଶାସନ ପାଇଁ ଦୃଢ ପରିସଂଖ୍ୟାନର ଦୀର୍ଘସ୍ଥାୟୀ ଗୁରୁତ୍ୱ ଉପରେ ସେ ଜୋର ଦେଇଛନ୍ତି ।



ଭିଜନ୍ ଡକ୍ୟୁମେଣ୍ଟ ୨୦୨୬-୩୧ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ପ୍ରଗତି ରିପୋର୍ଟ, ଶ୍ରମ ବଜାର ଓ ଅନୌପଚାରିକ ଉଦ୍ୟୋଗଗୁଡିକର ପ୍ରଥମ ସହର ସ୍ତରୀୟ ଆକଳନ ପ୍ରକାଶ ପାଇଁ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ଷମ ରୂପାୟନ ମନ୍ତ୍ରଣାଳୟକୁ ସେ ଅଭିନନ୍ଦନ ଜଣାଇଥିଲେ । ଡକ୍ଟର ମିଶ୍ର ଏହି ଅବସରରେ ସୁଖାତ୍ମେ ଜାତୀୟ ପୁରସ୍କାର ପାଇଥିବା ପ୍ରଫେସର ଅରୂପ ବୋସଙ୍କୁ ମଧ୍ୟ ସମ୍ମାନିତ କରିଥିଲେ । ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତଥ୍ୟ ଚାଳିତ ପ୍ରଶାସନ ଏବଂ ବିକଶିତ ଭାରତ ୨୦୪୭ର ଦୃଷ୍ଟି କୋଣ ଉପରେ ଆଲୋକପାତ କରିଥିଲେ ।

# ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ୯ ସଦସ୍ୟ

ନୂଆଦିଲ୍ଲୀ : କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କର୍ଣ୍ଣାଟକରୁ ରାଜ୍ୟସଭାକୁ ପୁନଃନିର୍ବାଚିତ ହେବା ପରେ ସାଂସଦ ଭାବେ ଶପଥ ନେଇଛନ୍ତି । ଶପଥ ପାଠ ପରେ ଖଡ଼ଗେଙ୍କୁ ରାଜ୍ୟସଭାରେ ବିରୋଧୀ ଦଳ ନେତା ଭାବରେ ପୁନଃନିଯୁକ୍ତ କରାଯାଇଥିଲା । ଖଡ଼ଗେଙ୍କ ବ୍ୟତୀତ ବିଜେପି ନେତା ତରୁଣ ଚୁଘ ଓ ଅନ୍ୟ ଛଅ ଜଣ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଇଥିଲେ । ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ ସଂସଦ ଭବନରେ ତାଙ୍କ ଚାମ୍ବରରେ ଖଡ଼ଗେଙ୍କୁ ସ୍ୱତନ୍ତ୍ର ଭାବେ ଶପଥ ପାଠ କରାଇଥିଲେ । ଖଡ଼ଗେ ହିନ୍ଦୀରେ ଶପଥ ନେଇଥିଲେ ଓ ହାତରେ ସମ୍ବିଧାନର ଏକ କପି ଧରିଥିଲେ । ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ ଖଡ଼ଗେଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ସଂସଦର ଉପର ସଦନ ତାଙ୍କ ଦୀର୍ଘ ସଂସଦୀୟ ଅଭିଜ୍ଞତା ଦ୍ୱାରା ଉପକୃତ



ହେବ ବୋଲି କହିଥିଲେ । ଏହି ଅବସରରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, କିରେନ୍ ରିଜିଜୁ, ଅର୍ଜୁନ ରାମ ମେଘୱାଲ ଓ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ମଧ୍ୟ ଉପସ୍ଥିତ ଥିଲେ । ଖଡ଼ଗେଙ୍କ ପତ୍ନୀ, ଝିଅ ଓ ଅନ୍ୟ ସମ୍ପର୍କୀୟ ମଧ୍ୟ ଉପସ୍ଥିତ ଥିଲେ ।ଖଡ଼ଗେଙ୍କ ଶପଥଗ୍ରହଣ ପରେ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଏକ୍ସ'ରେ ଏସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ଖଡ଼ଗେ ମଧ୍ୟ 'ଏକ୍ସ'ରେ ପୋଷ୍ଟ କରି ରାଜ୍ୟସଭାରେ ବିରୋଧୀ ଦଳ ନେତା ଭାବରେ କାର୍ଯ୍ୟ ଜାରି ରଖିବାର ସୁଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି । ଏହାକୁ ଅପାର ଗର୍ବ ଓ ଦାୟିତ୍ୱର ବିଷୟ ବୋଲି କହିଥିଲେ । କଂଗ୍ରେସ ମୁଖ୍ୟ ପରେ କହିଥିଲେ ଯେ, ସେ ସଂସଦରେ ଜନସାଧାରଣଙ୍କ ଚିନ୍ତା, ଆକାଂକ୍ଷା ଓ ସ୍ୱରକୁ ସଚ୍ଚୋଟତା ଓ ଦୃଢ଼ତାର ସହିତ ଉଠାଇବେ ଓ ସରକାରଙ୍କ ଉତ୍ତରଦାୟିତ୍ୱ ଦାବି କରିବେ ।ଖଡ଼ଗେଙ୍କ ବ୍ୟତୀତ ବିଜେପି ନେତା ତରୁଣ ଚୁଘ, ଅନ୍ୟ ଛଅ ଜଣ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଇଥିଲେ । ସୋମବାର ଶପଥ ନେଇଥିବା ଅନ୍ୟ ସଦସ୍ୟମାନେ ହେଲେ ଜିତେନ୍ଦ୍ର ମେଘଜୀଭାଇ କାଞ୍ଜାରିଆ ଓ ମାନସିଂହ ମେରମାନ ପରମାର (ଗୁଜରାଟ), ଏମ୍ ନାଗରାଜ (କର୍ଣ୍ଣାଟକ), ରାଜେନ୍ଦ୍ର ହୀରାଲାଲ ଜୈନ (ମହାରାଷ୍ଟ୍ର), ଅଧିକାରୀମାୟୁମ୍ ଶାରଦା ଦେବୀ (ମଣିପୁର) ଓ ଅଲକା ସିଂହ (ରାଜସ୍ଥାନ) । ଆଜି ଶପଥ ନେଇଥିବା ୮ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ହିନ୍ଦୀରେ, ଜଣେ କନ୍ନଡ଼, ଜଣେ ପଞ୍ଜାବୀ ଓ ଜଣେ ମଣିପୁରୀରେ ଶପଥ ନେଇଥିଲେ ।

## କେତନ ଅଗ୍ରୱାଲ ହତ୍ୟାକାଣ୍ଡ

# ବାହାଘର ସଫି ପାଇଁ ଭାବିପତ୍ନୀ ନେଇଥିଲେ କୋଟିଏ

ନୂଆଦିଲ୍ଲୀ : ପୁଣେ ବ୍ୟବସାୟୀ କେତନ ଅଗ୍ରୱାଲ ହତ୍ୟା ଘଟଣାରେ ଆଉ ବଡ଼ ତଥ୍ୟ ସାମ୍ନାକୁ ଆସିଛି । କେତନଙ୍କ ଭାବୀ ପତ୍ନୀୟ ସିୟା ଗୋଏଲ ଗୋଟିଏ ପଟେ ବାହା ହେବାକୁ ଚାହୁଁଥିବା ବେଳେ ଅନ୍ୟପଟେ ପ୍ରେମିକଙ୍କ ସହ କରୁଥିଲେ ରାସଲୀଳା । ସେ କେତନଙ୍କ ଠାରୁ ବାହାଘର ଶଫି ପାଇଁ ପ୍ରାୟ ୧ କୋଟି ଟଙ୍କା ଆଣିଥିଲେ । ହେଲେ ଏହି ଟଙ୍କାକୁ ସେ ନିଜର ପ୍ରେମିକ ଚେତନ ଚୌଧୁରୀଙ୍କ ପଛରେ ଉଡ଼ାଇଥିଲେ । ସେହିପରି ଦୁଇ ଜଣ ମିଶି କେତନଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚିଥିଲେ ବୋଲି ଜାଣିବାକୁ ପାଇଛି । ପୁଲିସ୍ ଓ ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ୨୦ ବର୍ଷୀୟ ସିୟା ଓ ତାଙ୍କ ୨୨ ବର୍ଷୀୟ ପ୍ରେମିକ ଚେତନ ଚୌଧୁରୀ କେବଳ ହତ୍ୟା ପାଇଁ ଯୋଜନା କରି ନଥିଲେ, ବରଂ ନିଜର ଭବିଷ୍ୟତ ପାଇଁ ମଧ୍ୟ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ହତ୍ୟା ସନ୍ଦେହକୁ ଦୂର କରିବା ପାଇଁ ଉଭୟ ପ୍ରାୟ ୩ ବର୍ଷ ପରେ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ । ପୁଲିସ୍ ସୂତ୍ରରେ କୁହାଯାଇଛି ଯେ ଯୋଜନା ଅନୁସାରେ ସିୟା ବାହାଘର ଶଫି ନାଁରେ କେତନ ଅଗ୍ରୱାଲଙ୍କ ଠାରୁ ୧ କୋଟି ଟଙ୍କା ଆଣିଥିଲେ । ପରବର୍ତ୍ତୀ ସମୟରେ ଏହି ଟଙ୍କାକୁ ସେ ଚେତନ



ଚୌଧୁରୀଙ୍କୁ ଦେଇଥିଲେ । କେତନ ବାହାଘର ଉଦ୍ଦେଶ୍ୟରେ ସିୟାଙ୍କୁ ଏତେ ଟଙ୍କା ଦେଇଥିଲେ ହେଁ ସେ ଏହି ଦିଗରେ ଏହାକୁ ବ୍ୟବହାର କରି ନଥିଲେ । ଚେତନଙ୍କ କ୍ୟାରିୟର ଓ ବ୍ୟବସାୟରେ ସ୍ଥିରତା ଆଣିବାକୁ ୧ କୋଟି ଟଙ୍କା ସିୟା ତାଙ୍କୁ ସିଧା ପଠାଇଥିଲେ । ଚେତନଙ୍କ ଆର୍ଥିକ ସ୍ଥିତି ସେତେଟା ସୁଦୃଢ଼ ନୁହେଁ । ତେଣୁ ନିଜ ଆର୍ଥିକ ସ୍ଥିତିରେ ସ୍ଥିରତା ଆଣିବାକୁ ସେ ୩ ବର୍ଷର ସମୟ ସିୟାଙ୍କୁ ମାଗିଥିଲେ । ସେହିପରି ନିଜ ବ୍ୟବସାୟ ଆରମ୍ଭ କରିବା ନାଁରେ ସେ ସିୟାଙ୍କ ଠାରୁ କେତନ ଦେଇଥିବା ୧ କୋଟି ଟଙ୍କା ନେଇ ଯାଇଥିଲେ । ଦୁହେଁ ଏକାଠି ବସି ନିଷ୍ପତ୍ତି ନେଇଥିଲେ ଯେ କେତନଙ୍କ ହତ୍ୟାର ୩ ବର୍ଷ ଯାଏ ସିୟା ସନ୍ଦେହରୁ ଦୂରରେ ରହିବା ପାଇଁ ଅବିବାହିତ ହୋଇ ରହିବେ ।ଥରେ ଚେତନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହୋଇଗଲେ ଓ ପୂରା ମାମଲା ଲୋକଲୋଚନରୁ ଚାଲି ଗଲେ ସେମାନେ ବିବାହ କରିବେ ବୋଲି ଚିନ୍ତା କରିଥିଲେ । ସମସ୍ତଙ୍କ ସନ୍ଦେହ ଦୃଷ୍ଟିରୁ ଦୂରରେ ରହିବା ଓ ଗୋଏଲ ପରିବାରର ସ୍ୱୀକୃତି ହାସଲ କରିବା ପାଇଁ ୩ ବର୍ଷର ସମୟସୀମା ଧାର୍ଯ୍ୟ କରାଯାଇଥିଲା ବୋଲି ପୁଲିସ ଜାଣିବାକୁ ପାଇଛି । ଅନ୍ୟପକ୍ଷରେ ତଦନ୍ତରୁ ପୁଲିସ୍ ହତ୍ୟାକାଣ୍ଡ ସମ୍ପର୍କରେ ଆଉ ଗୋଟିଏ ତଥ୍ୟ ପାଇଛି । ଲୋହାଗଡ଼ ଦୁର୍ଗରୁ କେତନଙ୍କୁ ଧକ୍କା ଦେବା ପୂର୍ବରୁ ସିୟା ସେଠାରେ ବସି ଚେତନଙ୍କୁ ସଙ୍କେତ ଦେଇଥିଲେ । ସେହିପରି ଦୁର୍ଗରୁ ତଳକୁ ପଡ଼ିବା ବେଳେ ଯେମିତି କେତନଙ୍କ ଆଖପାଖରେ ସିୟା ରହିବେ ନାହିଁ, ତା'ର ବ୍ୟବସ୍ଥା ମଧ୍ୟ କରିଥିଲେ । ଅଧିକାରୀଙ୍କ କହିବାନୁସାରେ, ଦୁହେଁ ପୂର୍ବରୁ ନିଷ୍ପତ୍ତି ନେଇଥିଲେ ଯେ ସିୟା ପାଣି ପିଇବା ବାହାନାରେ କିମ୍ବା ଜୋତାର ଫିତା ବାନ୍ଧିବା ବାହାନାରେ ବସି ପଡ଼ିବେ । ତାଙ୍କର ବସି ପଡ଼ିବା ହିଁ ଚେତନଙ୍କ ପାଇଁ ସଙ୍କେତ ଥିଲା । ସିୟା ଘଟଣା ସମୟରେ ଯେମିତି କେତନଙ୍କ ଆଖ ପାଖରେ ନ ରହିବେ, ତା'କୁ ବିଚାରକୁ ନେଇ ବସିବା ସଙ୍କେତକୁ ବଛା ଯାଇଥିଲା । ଯଦି ଚେତନ ପାହାଡ଼ ଉପରୁ କେତନଙ୍କୁ ଠେଲିବା ବେଳେ କେତନ ବଞ୍ଚିବାକୁ ଚେଷ୍ଟା କରି ସିୟାଙ୍କୁ ଧରିଦେଇଥାନ୍ତେ, ତେବେ ସିୟା ମଧ୍ୟ ଖାଇକୁ ଖସିବାର ଆଶଙ୍କା ରହିଥିଲା । ସେଥିପାଇଁ ଏହି ଯୋଜନା ସିୟାଙ୍କ ସୁରକ୍ଷାକୁ ମଧ୍ୟ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିଲା ।ଜୁନ୍ ୧୮ ରେ ଚେତନ ଚୌଧୁରୀ ଯୋଜନାବଦ୍ଧ ଭାବେ ସିୟା ଓ କେତନ ଅଗ୍ରୱାଲଙ୍କ ପଛ ପଛେ ଯାଇଥିଲେ । କିନ୍ତୁ ନିଜ ଉପସ୍ଥିତିକୁ ଲୁଚାଇବା ପାଇଁ ବିଶେଷ ସତର୍କତା ଅବଲମ୍ବନ କରିଥିଲେ । ପ୍ରାୟ ୯୦ କିଲୋମିଟର ଦୂରରେ ଥିବା ଲୋହାଗଡ଼ ଦୁର୍ଗକୁ ସେ କାର୍ ବଦଳରେ ସ୍କୁଟିରେ ଯାଇଥିଲେ । ଟୋଲ୍ ପ୍ଲାଜାରେ କାର୍ ଚିହ୍ନଟ ହୋଇଯିବାର ଆଶଙ୍କା ଥିବାରୁ ସେ ସ୍କୁଟିକୁ ହିଁ ବାଛିଥିଲେ । ସେହି ସ୍କୁଟିକୁ ମଧ୍ୟ ପୁଲିସ୍ ଜବତ କରିଛି ।

# ରୋନାଲଡୋଙ୍କୁ ପଛରେ ପକାଇଲେ ହ୍ୟାରୀ କେନ୍

## ଏବେ କେବଳ ମେସି ଅଛନ୍ତି ଆଗରେ



କାନସାସ୍,୨୯।୬(ଏଜେନ୍ସି) : ଇଂଲଣ୍ଡ ଫୁଟବଲ ଟିମର କ୍ୟାପଟେନ୍ ହ୍ୟାରୀ କେନ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ସେ ୨୦୨୫-୨୬ ସିଜିନରେ ୭୦ଟି ଗୋଲ କରି ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲଡୋଙ୍କୁ ପଛରେ ପକାଇ ଦେଇଛନ୍ତି। ଏବେ ଗୋଟିଏ ସିଜିନରେ ସର୍ବାଧିକ ଗୋଲ କରିବା ରେକର୍ଡ ତାଲିକାରେ କେନଙ୍କ ଉପରେ ଆର୍ଜେଣ୍ଟିନାର ଲିଓନେଲ ମେସି ରହିଛନ୍ତି। ୨୧ତମ ଶତାବ୍ଦୀର ଗୋଟିଏ ସିଜିନରେ ସର୍ବାଧିକ ଗୋଲ ସ୍କୋର କରିବାରେ କେନ ଦ୍ୱିତୀୟ ଓ ମେସି ୧ ନମ୍ବରରେ ଅଛନ୍ତି। ସିଙ୍ଗଲ ସିଜନରେ କେନଙ୍କ ତୁଳନାରେ ମେସି ସବୁଠାରୁ ଅଧିକ ଗୋଲ କରିଛନ୍ତି। ମେସି ୨୦୧୧-୧୨ ସିଜିନରେ ୮୨ଟି ଗୋଲ କରିଥିଲେ। ସେହିପରି ୨୦୧୨-୧୩ରେ ସେ ୬୯ଟି ଗୋଲ ଦେଇଥିଲେ। ଏହି ତାଲିକାରେ ରୋନାଲ୍ଡୋ ଦୁଇ ଥର ସ୍ଥାନ ପାଇଛନ୍ତି। ୨୦୧୧-୧୨ରେ ସେ ୬୯ଟି ଓ ୨୦୧୪-୧୫ରେ ୬୬ଟି ଗୋଲ କରିଥିଲେ। ଏବେ କେନ ୭୦ଟି ଗୋଲ ସ୍କୋର କରି ରୋନାଲଡୋଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ଚଳିତ ୨୦୨୬ ଫିଫା ବିଶ୍ୱକପର ଗ୍ରୁପ୍ ପର୍ଯ୍ୟାୟରେ ପାନାମା ବିପକ୍ଷରେ ଗୋଲ କରି କେନ ଏହି ସଫଳତା ପାଇଛନ୍ତି। ପାନାମା ବିପକ୍ଷରେ ସେ ସିଜିନର ୭୦ତମ ଗୋଲ ସ୍କୋର କରିଛନ୍ତି। ମ୍ୟାଚର ପ୍ରଥମ ହାଫ ଗୋଲ ଶୂନ୍ୟ ରହିଥିଲେ। କିନ୍ତୁ ୬୨ତମ ମିନିଟରେ ଜଜ ବେଲିଂହାମ କର୍ଣ୍ଣରରୁ ଆସିଥିବା ବଲକୁ ଗୋଲରେ ପରିଣତ କରି ଇଂଲଣ୍ଡକୁ ୧-୦ରେ ଆଗୁଆ କରି ଦେଇଥିଲେ। ଏହାର ୬ ମିନିଟ୍ ପରେ ବେଲିଂହାମଙ୍କ ଚମତ୍କାର କ୍ରସକୁ କେନ୍ ହେଡର୍ ଜରିଆରେ ଗୋଲରେ ପରିଣତ କରି ଇଂଲଣ୍ଡର ବ୍ୟବଧାନକୁ ୨-୦ କରିଥିଲେ। ଏହି ଗୋଲ୍ ସହିତ କେନଙ୍କ ସିଜନର ମୋଟ ଗୋଲ୍ ସଂଖ୍ୟା ୭୦ରେ ପହଞ୍ଚି ଯାଇଥିଲା। ଏହି ଗୋଲ୍ କେନଙ୍କ ପାଇଁ ଆଉ ଏକ ଐତିହାସିକ ସଫଳତା ଆଣିଛି। ଫିଫା ବିଶ୍ୱକପରେ ଏହା ତାଙ୍କର ୧୧ତମ ଗୋଲ୍। ଏବେ ସେ ଇଂଲଣ୍ଡ ପାଇଁ ବିଶ୍ୱକପରେ ସର୍ବାଧିକ ଗୋଲ ସ୍କୋରର ବନି ଯାଇଛନ୍ତି। ପୂର୍ବରୁ ୧୦ ଗୋଲ ସହ ଏହି ରେକର୍ଡ ଗ୍ୟାରୀ ଲିନେକରଙ୍କ ନାଁରେ ଥିଲା। ଏହାବାଦ ଇଂଲଣ୍ଡ ପାଇଁ ପ୍ରମୁଖ ଟୁର୍ଣ୍ଣାମେଣ୍ଟଗୁଡ଼ିକ କେନଙ୍କ ମୋଟ ଗୋଲ୍ ସଂଖ୍ୟା ୧୮ରେ ପହଞ୍ଚିଛି। କ୍ରୋଏସିଆ ବିପକ୍ଷ ଚଳିତ ବିଶ୍ୱକପର ପ୍ରଥମ ମ୍ୟାଚରେ ସେ ଦୁଇଟି ଗୋଲ୍ କରି ଲିନେକରଙ୍କ ସମକକ୍ଷ ହୋଇଥିଲେ। ଏବେ ସେ ତାଙ୍କୁ ଅତିକ୍ରମ କରି ଯାଇଛନ୍ତି।

# ବ୍ରାଜିଲ ବନାମ ଜାପାନ : ସମ୍ଭାବ୍ୟ କ୍ଲାସିକ୍ ପାଇଁ ପ୍ରସ୍ତୁତ

କାନସାସ୍,୨୯।୬(ଏଜେନ୍ସି) : ସୋମବାର ଦିନ ବ୍ରାଜିଲ ଏବଂ ଜାପାନ ଏକ ସମ୍ଭାବ୍ୟ ଫିଫା ବିଶ୍ୱକପ୍ କ୍ଲାସିକ୍ ହେବାକୁ ଥିବା ପ୍ରତିଜ୍ଞାରେ ପରସ୍ପରର ମୁହାଁମୁହିଁ ହେବାକୁ ଯାଉଛନ୍ତି। ରାଉଣ୍ଡ ଅଫ୍ ୩୨ରେ ଅପରାଜିତ ଥିବା ପାଞ୍ଚ ଥରର ଚାମ୍ପିଅନ୍ ହ୍ୟୁଷ୍ଟନ୍ ଷ୍ଟାଡିୟମରେ ତରଳ ଏବଂ ଅଭିନବ ସାମୁରାଇ ବ୍ଲୁ ସହିତ ମୁକାବିଲା କରିବେ। ଗତ ଅକ୍ଟୋବରରେ, ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ରେ, ଜାପାନ ଦୁଇ ଗୋଲର ହାଫ୍-ଟାଇମ୍ ବ୍ୟବଧାନକୁ 3-2ରେ ଜିତିବା ପରେ ବ୍ରାଜିଲ ବିପକ୍ଷରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ସେହି ଖେଳଟି ବଡ଼ ପରିଣାମ ବହନ କରିନଥିଲା, କିନ୍ତୁ ଏହି ମ୍ୟାଚ୍ ରେ ସେ କମ୍ ପଡ଼ିଥିଲା ଏବଂ ବାଜି ଅସୀମ ଭାବରେ ଅଧିକ ହେବ। ବ୍ରାଜିଲର ସବୁଠାରୁ ପ୍ରତିଶ୍ରୁତିବଦ୍ଧ ଯୁବ ପ୍ରତିଭାଙ୍କ ମଧ୍ୟରୁ ଜଣେ ରୟାନ୍ ମ୍ୟାଚ୍ ପୂର୍ବ ସାମ୍ବାଦିକ ସମ୍ମିଳନୀରେ ସ୍ୱୀକାର କରିଥିଲେ ଯେ ସେ ଜାପାନୀ ଦଳ ବିଷୟରେ ଅଧିକ ଜାଣି ନଥିଲେ। ଜଣେ ଜାପାନୀ ସାମ୍ବାଦିକଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନରେ ରୟାନ୍ କହିଥିଲେ, "ମୁଁ ଜାଣିନାହିଁ ସେମାନଙ୍କର ସର୍ବୋତ୍ତମ ଖେଳାଳି କିଏ।" "ଆପଣଙ୍କୁ କହିବା ପାଇଁ ମୋତେ ଭିଡିଓ ଦେଖିବାକୁ ପଡିବ। ଆମେ ଜାଣୁ ଯେ ଜାପାନ ଏକ ବହୁତ ଶକ୍ତିଶାଳୀ ଦଳ ଏବଂ ଆମକୁ ଆମର ସମସ୍ତ ଦେବା ଏବଂ ସେମାନଙ୍କୁ ପରାସ୍ତ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ।" ସୋମବାର ଅପରାହ୍ନରେ ହ୍ୟୁଷ୍ଟନରେ ରାଉଣ୍ଡ ଅଫ୍ ୩୨ରେ ସାମୁରାଇ ବ୍ଲୁ ସହିତ ମୁହାଁମୁହିଁ ହେବା ସମୟରେ ବ୍ରାଜିଲ ସତର୍କ ରହିବ। ଜାପାନରେ ବିଶ୍ୱସ୍ତରୀୟ ସୁପରଷ୍ଟାର ନଥାଇପାରନ୍ତି, କିନ୍ତୁ ସେମାନଙ୍କର ଖେଳ ଶୈଳୀ ବିଶ୍ୱକପରେ ପ୍ରଶଂସା ପାଇଛି। ସେମାନଙ୍କର ନିରନ୍ତର ଗତିବିଧି ଏବଂ ସ୍ଥାନର ଚତୁର ବ୍ୟବହାର ପ୍ରତିପକ୍ଷ ମଧ୍ୟକ୍ଷେତ୍ରକୁ ଅସୁବିଧାରେ ପକାଇଛି ଏବଂ ସେମାନଙ୍କୁ ନିଜ ଓଜନଠାରୁ ଅଧିକ ମୁହାଁଇବାରେ ସାହାଯ୍ୟ କରିଛି, ଗ୍ରୁପ ପର୍ଯ୍ୟାୟରେ ନେଦରଲ୍ୟାଣ୍ଡସ୍ ଏବଂ ସ୍ୱିଡେନ୍ ବିପକ୍ଷରେ ଡ୍ର ଅର୍ଜନ କରିଛି। ଜାପାନ ନିଶ୍ଚିତ ଭାବରେ ବ୍ରାଜିଲ ଗର୍ବ କରିପାରୁଥିବା ଇତିହାସ କିମ୍ବା ସମାନ



ଆକ୍ରମଣାତ୍ମକ ଶକ୍ତି ରଖିନାହିଁ, କିନ୍ତୁ ସେମାନଙ୍କର ସଂଗଠନ ଏବଂ ଶୃଙ୍ଖଳା ଏହି ଟାଇରେ ପାର୍ଥକ୍ୟ ଆଣିପାରେ। "କିଛି ଲୋକ କହିବେ ଯେ ଜାପାନ ଅଣ୍ଡରଡଗ୍। ଆମେ ଏହାକୁ ମନେ ରଖି ଖେଳିବୁ। ଆମେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସମ୍ମାନ କରିବୁ, କିନ୍ତୁ ଗତ ବର୍ଷ ପରି (ବନ୍ଧୁତ୍ୱପୂର୍ଣ୍ଣ ବିଜୟରେ), ଆମକୁ ଜିତିବାର ସୁଯୋଗ ଦିଆଯାଇ ନଥିଲା। ଜିତିବାର ଏହି ସମ୍ଭାବନା - ଆମେ ଇତିହାସ ବଦଳାଇ ପାରିବୁ," ଜାପାନ ପ୍ରଶିକ୍ଷକ ହାଜିମେ ମୋରିଆସୁ ଖେଳ ପୂର୍ବରୁ କହିଥିଲେ।

# ଶ୍ରୀଲଙ୍କାର ଶୋଚନୀୟ ପରାଜୟ



ଆଣ୍ଟିଗୁଆ, (ସବ୍ୟୁ) : ସ୍ଥାନୀୟ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କାକୁ ଗୋଟିଏ ପାଳି ୨୧୭ ରନରେ ପରାସ୍ତ କରିଛି ୱେଷ୍ଟଇଣ୍ଡିଜ୍। ଏହି ବିଜୟସହ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ୧-୦ରେ ଅଗ୍ରଣୀ ହୋଇଛି ଘରୋଇ ଦଳ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ନିଜର ପ୍ରଥମ ପାଳିରେ ଧନଞ୍ଜୟ ଡି'ସିଲଭାଙ୍କ ଶତକ ବଳରେ ୩୦୮ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ଅମୀର ଜାଙ୍ଗୁଙ୍କ ଦ୍ୱିଶତକ ଓ ରୋଷ୍ଟନ ଚେଜଙ୍କୁ ଶତକ ବଳରେ ପ୍ରଥମ ପାଳିରେ ୯ ୱିକେଟରେ ୬୨୬ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ପ୍ରଥମ ପାଳିରେ ୩୧୮ ରନ୍ ପଛୁଆ ଥିବା ଶ୍ରୀଲଙ୍କା ଦଳ ନିଜର ଦ୍ୱିତୀୟ ପାଳିରେ ମାତ୍ର ୧୦୧ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଦିନେଶ ଚାନ୍ଦିମାଲ ୪୩ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କିମାର୍ ରୋଚ୍ ୫୧ ରନ ଦେଇ ୪ ଓ ଜୟଡେନ୍ ସିଲ୍ସ ମାତ୍ର ୧୪ ରନ୍ ଦେଇ ୩ ୱିକେଟ ନେଇ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେହିପରି ସମର ଜୋସେଫ ୨ ୱିକେଟରେ ନେଇଥିଲେ। ଦ୍ୱିଶତକ ଅର୍ଜନ କରିଥିବା ଅମୀର ଜାଙ୍ଗୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

# ୨୦୨୮ ଲସ୍ ଆଞ୍ଜେଲସ ଅଲିମ୍ପିକ ଖେଳିବ ଭାରତୀୟ ମହିଳା କ୍ରିକେଟ୍ ଟିମ୍

ନୂଆଦିଲ୍ଲୀ, ୨୯।୬(ଏଜେନ୍ସି) : ବିଶ୍ୱକପ ବିଦାୟ ସତ୍ତ୍ୱେ ଭାରତୀୟ ମହିଳା କ୍ରିକେଟ ଟିମ ୨୦୨୮ ଲସ ଆଞ୍ଜେଲସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ନେଇଛି। ଅଲିମ୍ପିକ୍ସକୁ ମୋଟ ୬ଟି ଦଳ ଯୋଗ୍ୟତା ଅର୍ଜନ କରିବାକୁ ଥିବା ବେଳେ ଭାରତ ଏବେ ଠାରୁ ନିଜର ସ୍ଥାନ ଦଖଲ କରିବାକୁ ସକ୍ଷମ ହୋଇଛି। ୧୨୮ ବର୍ଷର ବ୍ୟବଧାନ ପରେ ଅଲିମ୍ପିକ୍ ଗେମ୍ସକୁ କ୍ରିକେଟର ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। ଏହାର ଯୋଗ୍ୟତା ମାନଦଣ୍ଡକୁ ସୋମବାର ଆଇସିସି ସାର୍ବଜନୀନ କରିଛି। ଆଇସିସି କହିଛି ଯେ ୨୦୨୮ରେ ଲସ୍ ଆଞ୍ଜେଲସରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ଓ ମହିଳା ଟି-୨୦ ପ୍ରତିଯୋଗିତାରେ ୬ଟି ଲେଖାଏ ଦଳ ଭାଗ ନେବେ। ବର୍ତ୍ତମାନ ଇଂଲଣ୍ଡରେ ଚାଲିଥିବା ମହିଳା ଟି-୨୦ ବିଶ୍ୱକପରେ ଏସିଆରୁ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଭାରତ ୨୦୨୮ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଛି। ହରମନପ୍ରୀତଙ୍କ ଦଳ ଚଳିତ ବିଶ୍ୱକପର ସେମି ଫାଇନାଲରେ ପହଞ୍ଚିବାକୁ ବିଫଳ



ହୋଇଛି ସତ, କିନ୍ତୁ ଟୁର୍ଣ୍ଣାମେଣ୍ଟର ଅନ୍ୟ ଏସୀୟ ଦଳଗୁଡ଼ିକ ଅପେକ୍ଷା ଦଳ ଯଥେଷ୍ଟ ଭଲ ପ୍ରଦର୍ଶନ କରିଛି। ଏଥିଯୋଗୁ ଏସିଆ ପାଇଁ ସଂରକ୍ଷିତ ଅଲିମ୍ପିକ୍ସ ସ୍ଥାନକୁ ଭାରତ ନିଜ ନାଁରେ କରିଛି। ମହିଳା ଟି-୨୦ ବିଶ୍ୱକପର ସର୍ବୋଚ୍ଚ ସ୍ଥାନ ଅଧିକାର କରୁଥିବା ଦଳ ଗୁଡ଼ିକ ସେମାନଙ୍କ ମହାଦେଶରୁ ଅଲିମ୍ପିକ୍ସ ଯିବେ। ଆଫ୍ରିକା, ଏସିଆ, ୟୁରୋପ ଓ ଓସେନିଆ ପାଇଁ ଅଲିମ୍ପିକ୍ସରେ ୪ଟି ସ୍ଥାନ ସଂରକ୍ଷିତ ରହିଛି। ପ୍ରତ୍ୟେକ ମହାଦେଶରୁ ସର୍ବାଧିକ ଗୋଟିଏ ଦଳ ପ୍ରତିନିଧିତ୍ୱ କରିପାରିବେ। ଭାରତ ଏସିଆରୁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଅଷ୍ଟ୍ରେଲିଆ ଓସେନିଆରୁ ସ୍ଥାନ ସୁନିଶ୍ଚିତ କରିଛି। ଦକ୍ଷିଣ ଆଫ୍ରିକା ବିଶ୍ୱକପ ସେମିକୁ ଯାଇଥିବାରୁ ଆଫ୍ରିକାରୁ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଛି। ଆଇସିସି ପ୍ରତିଯୋଗିତାରେ ଇଂଲଣ୍ଡ ମାଧ୍ୟମରେ ଗ୍ରେଟ୍ ବ୍ରିଟେନ୍ ପ୍ରତିନିଧିତ୍ୱ କରୁଛି। ଏହା ୟୁରୋପୀ ଦେଶ। ତେଣୁ ଇଂଲଣ୍ଡ ୟୁରୋପରୁ ଅଲିମ୍ପିକ୍ସକୁ ପ୍ରବେଶ କରିଛି। ଅର୍ଥାତ ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ୍ (ଇଂଲଣ୍ଡ), ଭାରତ ଓ ଦକ୍ଷିଣ ଆଫ୍ରିକା ଲା ୨୮ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ପ୍ରଥମ ଚାରୋଟି ମହିଳା ଦଳ ବନି ଯାଇଛନ୍ତି। ପଞ୍ଚମ ସ୍ଥାନଟି ଆୟୋଜକ ଆମେରିକାକୁ ମିଳିପାରେ। ଯଦି ଆମେରିକା ଜୁନ୍ ୩୦ରୁ ୨୦୨୬ ଡିସେମ୍ବର ୩୧ ଡିସେମ୍ବର ମଧ୍ୟରେ ଆଇସିସି ମହିଳା ଟି-୨୦ ଅନ୍ତର୍ଜାତୀୟ ମାନ୍ୟତାର ଶୀର୍ଷ ୧୫ ମଧ୍ୟରେ ସ୍ଥାନ ପାଇବ, ତା'ହେଲେ ଅଲିମ୍ପିକ୍ସ ଖେଳିବ। ଯଦି ଆମେରିକା ଏହି ମାନଦଣ୍ଡ ପୂରଣ ନ କରିପାରିବ, ତା'ହେଲେ ୧ ମାର୍ଚ୍ଚ ୨୦୨୭ ସୁଦ୍ଧା ଆଇସିସି ମହିଳା ଟି-୨୦ ରାଙ୍କିଙ୍ଗରେ ସର୍ବୋଚ୍ଚ ମାନ୍ୟତା ପ୍ରାପ୍ତ ଦଳ(ଯୋଗ୍ୟତା ହାସଲ କରି ନଥିବା ଦଳ)କୁ ଏହି ସ୍ଥାନ ପ୍ରଦାନ କରାଯିବ। ଷଷ୍ଠ ତଥା ଶେଷ ଅଲିମ୍ପିକ୍ସ ସ୍ଥାନଟି ୨୦୨୭ରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ 'ଆଇସିସି ଅଲିମ୍ପିକ୍ସ କ୍ୱାଲିଫାୟର୍' ମାଧ୍ୟମରେ ସ୍ଥିର କରାଯିବ। ୮ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଯୋଗ୍ୟତା ହାସଲ କରି ନଥିବା ସର୍ବୋଚ୍ଚ ମାନ୍ୟତା ପ୍ରାପ୍ତ ଦେଶଗୁଡ଼ିକ ଭାଗ ନେବେ। ପ୍ରତ୍ୟେକ ଯୋଗ୍ୟତା ଅର୍ଜନ କରିଥିବା ଦେଶକୁ ୧୫ ଜଣିଆ ଦଳ ଚୟନ କରିବାକୁ ଅନୁମତି ଦିଆଯିବ। ୬ଟି ଦଳକୁ ତିନୋଟି ଲେଖାଏଁ ଦଳ ବିଶିଷ୍ଟ ଦୁଇଟି ଗ୍ରୁପରେ ବିଭକ୍ତ କରାଯିବ। ଶୀର୍ଷ ଦୁଇଟି ଦଳ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ଖେଳିବେ ଓ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ବ୍ରୋଞ୍ଜ ପଦକ ପାଇଁ ଖେଳିବେ।

## ପଦ ଛାଡ଼ିଲେ ଆୟର୍ଲାଣ୍ଡ ପ୍ରଶିକ୍ଷକ

ଡବଲିନ୍, ୨୯।୬(ଏଜେନ୍ସି) : ଭାରତ ବିପକ୍ଷରେ ଐତିହାସିକ ଟ୍ୱେଣ୍ଟି-୨୦ ଶୃଙ୍ଖଳା ମୂଳପୋଛର ଦିନକ ପରେ ଆୟର୍ଲାଣ୍ଡ ଦଳର ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଛନ୍ତି ହେନେରିକ୍ ମଲାନ୍। ଏହାପରେ ଗ୍ୟାରୀ ୱିଲସନଙ୍କୁ ନୂଆ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ପ୍ରଦାନ କରିଛି କ୍ରିକେଟ୍ ଆୟର୍ଲାଣ୍ଡ। ୪୫ ବର୍ଷୀୟ ମଲାନଙ୍କ ସମୟରେ ଆୟର୍ଲାଣ୍ଡ କ୍ରିକେଟ୍ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ଦଳ ଲଗାତାର ତିନିଥର ପାଇଁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଯୋଗ୍ୟତା ହାସଲ କରିଥିଲା। ପ୍ରଥମ ତିନୋଟି ଟେଷ୍ଟ ବିଜୟ ହାସଲ କରିଥିଲା ଓ ବିଶ୍ୱ ଚାମ୍ପିଅନ ଭାରତ ବିପକ୍ଷରେ ଐତିହାସିକ ଶୃଙ୍ଖଳା ଜିତିଥିଲା। ତାଙ୍କର କାର୍ଯ୍ୟକାଳ ୨୦୨୭ ପ୍ରାରମ୍ଭ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କ୍ରିକେଟ୍ ଆୟର୍ଲାଣ୍ଡ ସଂକେତ ଦେଇଥିଲେ ବି ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆସନ୍ତା ଅଗଷ୍ଟ ମାସରେ ଆୟର୍ଲାଣ୍ଡ ଏସୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଦିନିକିଆ ଶୃଙ୍ଖଳା ଖେଳିବ।

# ସୂର୍ଯ୍ୟବଂଶୀଙ୍କୁ ନ ଖେଳାଇବାକୁ ନେଇ ପ୍ରଶ୍ନ ଉଠାଇଲେ ଗାଭାସ୍କର

ମୁମ୍ବାଇ, ୨୯।୬(ଏଜେନ୍ସି) : କ୍ରିକେଟର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଆୟର୍ଲାଣ୍ଡ ବିପକ୍ଷ ଶୃଙ୍ଖଳାରେ ଖେଳାଯାଇନଥିବାରୁ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି କିମ୍ବଦନ୍ତି ବ୍ୟାଟର ସୁନୀଲ ଗାଭାସ୍କର। ସେ କହିଛନ୍ତି ଯେ ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳା ପୂର୍ବରୁ ଆୟର୍ଲାଣ୍ଡ ବିପକ୍ଷରେ ବୈଭବଙ୍କୁ ଭାରତୀୟ ଦଳରେ ସାମିଲ କରାଯିବ ବୋଲି ସେ ଆଶା କରୁଥିଲେ। ଏପରି କରାଯାଇନଥିବାରୁ ସେ ଚୂଡ଼ାନ୍ତ ଏକାଦଶ ଚୟନକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ସେ କହିଛନ୍ତି ଯେ ଭାରତୀୟ ଦଳ ନିଜର ବର୍ତ୍ତମାନର ଓପନର ଅଭିଷେକ ଶର୍ମା ଓ ସଂଜୁ ସାମସନଙ୍କୁ ମଧ୍ୟରେ ଅଦଳବଦଳ କରି ଦୁଇଟି



ଯାକ ମ୍ୟାଚରେ ସୂର୍ଯ୍ୟବଂଶୀଙ୍କୁ ଖେଳାଇଥାନ୍ତା ବୋଲି ସେ ଆଶା କରୁଥିଲେ। ଏପରି କରାଯାଇଥିଲେ ଇଂଲଣ୍ଡ ମ୍ୟାଚ୍ ପୂର୍ବରୁ ତାଙ୍କ ଉପରେ ଅନ୍ତର୍ଜାତୀୟ ପଦାର୍ପଣର ଚାପ କିଛିଟା ହ୍ରାସ ପାଇଥାନ୍ତା। "ମୁଁ ଭାବୁଥିଲି ଇଂଲଣ୍ଡ ପରି ଆୟର୍ଲାଣ୍ଡ ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ହୋଇନଥିବାରୁ ସେଠାରେ ବୈଭବଙ୍କୁ ଖେଳାଇବେ। ପ୍ରଥମ ମ୍ୟାଚରେ ସେ ଅଭିଷେକ କିମ୍ବା ସଂଜୁଙ୍କ ସହ ଓପନିଂ କରିଥାନ୍ତେ ଓ ଦ୍ୱିତୀୟ ମ୍ୟାଚରେ ସେମାନଙ୍କ ମଧ୍ୟରୁ ଜଣକ ସହ ଓପନିଂ କରିଥାନ୍ତେ। ବୈଭବଙ୍କ ପରି ଖେଳାଳିଙ୍କୁ ଦଳ ଅଧିକ ଦିନ ହେୟଜ୍ଞାନ କରିପାରିବ ନାହିଁ ଓ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ତାଙ୍କୁ ନିଶ୍ଚୟ ଖେଳାଯିବ" ସେ କହିଛନ୍ତି।

# ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାର ସଫଳତା

ସୋର,(ସବ୍ୟୁ) : ଗତ ୧୬ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି କଟକ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାର ପ୍ରତିଯୋଗୀ ମାନେ ସଫଳତା ପାଇଛନ୍ତି । ଏହି ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ୧୮ ଟି ଜିଲ୍ଲା ରୁ ୬୦୦ ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ଖେଳାଳି ଅଂଶ ଗ୍ରହଣ କରିଥିଲେ । ଏଥିରେ ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଖେଳାଳି ଦୁଇଟି ବିଭାଗରେ ଭାଗ ନେଇ ୪ ଟି ମେଡାଲ ପାଇଥିଲେ । ଜିଲ୍ଲାର ଦୁଇଟି ଏକାଡେମୀ ବାଲେଶ୍ୱର ଟାଏକୋଣ୍ଡୋ ଏକାଡେମୀ ଓ ସୋର ଟାଏକୋଣ୍ଡୋଏକାଡେମୀ ଏଥିରେ




ଅଂଶ ଗ୍ରହଣ କରିଥିଲେ। ସୋର ଟାଏକୋଣ୍ଡୋ ଏକାଡେମୀରୁ ୫ ଜଣ ଖେଳାଳି ୪ ଟି ମେଡାଲ ପାଇଥିଲେ । ଶ୍ରବଣ ମହାରଣା ପୁମସେରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ଏବଂ ୬୮ କେଜି କ୍ୟୁରୋଗୀରେ ରୌପ୍ୟ ପଦକ ପାଇଛନ୍ତି । ୬୧ କେଜି ବର୍ଗରେ ସୋହମ ସାହୁ କ୍ୟୁରୋଗୀରେ ରୌପ୍ୟ ପଦକ ପାଇଛନ୍ତି । ୬୩ କେଜି ବର୍ଗରେ ସମ୍ବିତ ସାହୁ କ୍ୟୋରୋଗୀରେ କଂସ୍ୟ ପଦକ ପାଇଛନ୍ତି । ସୋର ଟାଏକୋଣ୍ଡୋ ଏକାଡେମୀର ଖେଳାଳି ଶ୍ରବଣ ମହାରଣା ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପୋମସେରେ ସ୍ୱର୍ଣ୍ଣ ପଦକ ପାଇଥିବାରୁ ଜାତୀୟ ଚମ୍ପିୟନ ସିପ ପାଇଁ ମନୋନୀତ ହେଇ ଛନ୍ତି । କୋଚ ଅତାଉଲ୍ଲା ଖାନଙ୍କୁ ବେଷ୍ଟ କୋଚ ଆଓ୍ୱାର୍ଡ ଦିଆଯାଇଥିଲା । ବାଲେଶ୍ୱର ଜିଲ୍ଲା ସଭାପତି ଅବଦୁଲ ଓଦୁତ ଖାନ ଓ ସୋର ବିଧାୟକ ମାଧବ ଧଡ଼ା ସବୁ ଖେଳାଳି ଓ ବାଲେଶ୍ୱର ଜିଲ୍ଲା କୋଚ ଅତାଉଲ୍ଲା ଖାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଲେ ବେନ୍ ଷ୍ଟୋକ୍ସ

ଇଂଲଣ୍ଡ, (ସବ୍ୟୁ) : କିମ୍ବଦନ୍ତୀ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଇଂଲଣ୍ଡ ଜର୍ସି ପିନ୍ଧି ତାଙ୍କର ଶେଷ ମ୍ୟାଚ୍ ଖେଳୁଛନ୍ତି। ଟ୍ରେଣ୍ଟ ବ୍ରିଜରେ ଖେଳାଯାଉଥିବା ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସିରିଜର ତୃତୀୟ ଏବଂ ନିର୍ଣ୍ଣାୟକ ଟେଷ୍ଟ ହେଉଛି ଷ୍ଟୋକ୍ସଙ୍କ କ୍ୟାରିୟରର ଶେଷ ମ୍ୟାଚ୍। ଟେଷ୍ଟ ଅଧିନାୟକ ଷ୍ଟୋକ୍ସ ମ୍ୟାଚ୍ ମଧ୍ୟଭାଗରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଇଂଲଣ୍ଡ କ୍ରିକେଟ୍ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହାକୁ ନିଶ୍ଚିତ କରିବା ପରେ ଖେଳର ଚତୁର୍ଥ ଦିନରେ ଷ୍ଟୋକ୍ସଙ୍କ ବୋଲିଂ ସ୍ପେଲ୍ ସମୟରେ ଏହି ସୂଚନା ପ୍ରକାଶ ପାଇଥିଲା। ଭିଡିଓରେ ଷ୍ଟୋକ୍ସ ଡ୍ରେସିଂ ରୁମରେ ତାଙ୍କ ଦଳର ସାଥୀମାନଙ୍କୁ ତାଙ୍କ ନିଷ୍ପତ୍ତି ବିଷୟରେ ସୂଚନା ଦେଉଥିବାର ଦେଖାଯାଇଛି। ଦିନର ଖେଳ ଆରମ୍ଭ ହେବା ପୂର୍ବରୁ ଷ୍ଟୋକ୍ସ ତାଙ୍କ ଦଳର ସାଥୀ ଏବଂ ପ୍ରଶିକ୍ଷକ କର୍ମଚାରୀଙ୍କୁ ତାଙ୍କ ନିଷ୍ପତ୍ତି ବିଷୟରେ ଅବଗତ କରାଇଛନ୍ତି। ଇଂଲଣ୍ଡ କ୍ରିକେଟ୍ ବୋର୍ଡ ଭିଡିଓ ପୋଷ୍ଟ କରି ଲେଖିଛି, ଇଂଲଣ୍ଡର ସର୍ବକାଳୀନ ମହାନ



ଅଧିନାୟକମାନଙ୍କ ମଧ୍ୟରୁ ଜଣେ ବେନ୍ ଷ୍ଟୋକ୍ସ ଏହି ଟେଷ୍ଟ ମ୍ୟାଚ୍ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ବେନ୍, ଆପଣ ଏହି ଦଳ ପାଇଁ ସବୁଠାରୁ ପ୍ରେରଣାଦାୟକ ଅଧିନାୟକ ଏବଂ କିମ୍ବଦନ୍ତୀ ଥିଲେ। ଆମେ ଆପଣଙ୍କୁ ବହୁତ ଭଲ ପାଉଛୁ ଏବଂ ଆପଣଙ୍କ ଅବସର ସମୟରେ ଆପଣଙ୍କୁ ଶୁଭକାମନା ଜଣାଉଛୁ। ବେନ୍ ଷ୍ଟୋକ୍ସ ଇଂଲଣ୍ଡ ପାଇଁ ମୋଟ ୧୨୨ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୧୪ଟି ଶତକ ସହିତ ୭,୨୪୩ ରନ୍ କରିଛନ୍ତି। ସେ ୨୫୨ଟି ୱିକେଟ୍ ନେଇଛନ୍ତି। ସେ ଟେଷ୍ଟ କ୍ରିକେଟ ପାଇଁ ଜଣେ ଭଲ ଅଲରାଉଣ୍ଡର। ଦିନିକିଆରେ ସେ ୧୧୪ଟି ମ୍ୟାଚରେ ୩,୬୧୯ ରନ୍ କରିଛନ୍ତି ଏବଂ ୭୪ଟି ୱିକେଟ୍ ନେଇଛନ୍ତି। ସେହିପରି ଟି- ୨୦ ଅନ୍ତର୍ଜାତୀୟରେ ୪୩ଟି ମ୍ୟାଚ୍ ଖେଳି ୫୮୫ ରନ୍ କରିଛନ୍ତି ଏବଂ ୨୬ଟି ୱିକେଟ୍ ନେଇଛନ୍ତି।

## ୟୁଏସ୍ ଓପନ ବ୍ୟାଡମିଣ୍ଟନ

# ଶ୍ରୀକାନ୍ତ ଉପବିଜେତା

ଫୁଲର୍ଟନ, (ସବ୍ୟୁ) : ଲଢୁଆ ଖେଳ ପ୍ରଦର୍ଶନ ସତ୍ତ୍ୱେ ଭାରତର କିଦାମ୍ବି ଶ୍ରୀକାନ୍ତ ୟୁଏସ୍ ଓପନ୍ ବ୍ୟାଡମିଣ୍ଟନ ଫାଇନାଲରେ ପରାସ୍ତ ହୋଇ 'ଉପବିଜେତା' ଟାଇଟଲରେ ସନ୍ତୁଷ୍ଟ ରହିଛନ୍ତି। ପୁରୁଷ ଏକକ ଫାଇନାଲରେ ସେ ଚାଇନିଜ୍ ତାଇପେଇର ସୁ ଲି ୟାଙ୍ଗଙ୍କଠାରୁ ୧୫-୨୧,୨୧-୧୫, ୯-୨୧ରେ ହାରିଯାଇଥିଲେ। ୨୦୨୧ ବିଶ୍ୱ ଚାମ୍ପିଅନସିପରେ ରୌପ୍ୟ ବିଜେତା ଶ୍ରୀକାନ୍ତ ପ୍ରଥମ ସେଟକୁ ୧୫-୨୧ରେ ହାରିବା ପରେ ଦ୍ୱିତୀୟ ସେଟରେ ଜୋର୍ଦାର୍ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ୨୧-୧୫ରେ ଜିତିନେଇଥିଲେ। କିନ୍ତୁ ତୃତୀୟ ସେଟକୁ ସେ ୯-୨୧ରେ ହାରି ମ୍ୟାଚ୍ ହାତଛଡ଼ା କରିଥିଲେ। ଶ୍ରୀକାନ୍ତ ଗତ ବର୍ଷ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଓ ସୟଦ ମୋଦୀ ଇଣ୍ଟରନ୍ୟାସ୍ନାଲ୍ ସୁପର ୩୦୦ରେ ଉପବିଜେତା ହୋଇଥିଲେ।

ସମୟ | ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod | IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି